

ସଚିନ ହେବେ କି ଟିମ୍ ଇଣ୍ଡିଆର ବ୍ୟାଟିଂ ପରାମର୍ଶଦାତା ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 232 | ଭାଗ ୩୨ | ସଂଖ୍ୟା ୨୩୨ | Bhubaneswar | Saturday 16 November 2024 | Page 8 Rs. 4.00 | ଭୁବନେଶ୍ୱର | ଶନିବାର ୧୬ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ବିମାନ ସେବାରେ ନୂଆ ଅଧ୍ୟାୟ




● ଭୁବନେଶ୍ୱର ସହ ଯୋଡି ହେଲା ଆଉ ୫ ସହର
● ଝାରସୁଗୁଡ଼ାରୁ ମୁମ୍ବାଇକୁ ଉଡ଼ିବ ଫ୍ଲାଇଟ

ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): ଓଡ଼ିଶାରେ ବିମାନ ଯୋଗାଯୋଗ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ଇନ୍ଦୋର, ଡେରାଡୁନ, କୋଚି, ଜୟପୁର ଓ ଲକ୍ଷ୍ନୌକୁ ଉଡିବ ସିଧାସଳଖ ବିମାନ। ସେହିପରି ଝାରସୁଗୁଡା ବୀର ସୁରେନ୍ଦର ସାଏ ବିମାନ ବନ୍ଦରରୁ ହାଇଦ୍ରାବାଦ, ରାୟପୁର, ଲକ୍ଷ୍ନୌ ଓ ମୁମ୍ବାଇକୁ ସିଧାସଳଖ ବିମାନ ଉଡିବ। ଏହା ରାଜ୍ୟର ଅର୍ଥନୈତିକ ବିକାଶକୁ ନୂଆ ଦିଗ ଦେବ। ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସୋସିଆଲ ମିଡିଆରେ ଏହି ଘୋଷଣା କରିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦର ଦେଶର ପ୍ରମୁଖ ବିମାନ ବନ୍ଦରଗୁଡିକ ମଧ୍ୟରୁ ଅନ୍ୟତମ। ଦୈନିକ ୨୦ରୁ ୨୫ ହଜାର ଯାତ୍ରୀ ଏହି ବିମାନବନ୍ଦରରୁ ଦେଶର ବିଭିନ୍ନ ସ୍ଥାନକୁ ଯାତ୍ରା କରିଥାନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଭୁବନେଶ୍ୱର ବିମାନ ବନ୍ଦରରୁ ୪.୬ ନିୟୁତ ଯାତ୍ରୀ ଯାତ୍ରା କରିଛନ୍ତି। ଚଳିତ ବର୍ଷ ପ୍ରାୟ ୫ଲକ୍ଷ ଯାତ୍ରୀ ଏହି ବିମାନ ବନ୍ଦର ଦେଇ ଯାତ୍ରା କରିବେ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱର ବିମାନ ବନ୍ଦର ଉପରେ ବଢୁଥିବା ଚାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହାର ସଂପ୍ରସାରଣ ପାଇଁ ଯୋଜନା କରୁଥିଲେ। ଏବେ ଦେଶର ପ୍ରାୟ ୨୪ଟି ସହର ସହ ➪ପୃଷ୍ଠା-୬

# ଜନଜାତିଙ୍କ ପାଇଁ ଲାଗୁ ହେବ 'ପେସା' ଆଇନ

ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): ଓଡ଼ିଶାକୁ ଡବଲ ଇଂଜିନ ସରକାର ଆସିବା ପରେ ଜନଜାତି ସୁରକ୍ଷା, ଶିକ୍ଷା, ଜୀବନ ଜୀବିକା ପାଇଁ ଅନେକ ଯୋଜନା ଆଣିଛନ୍ତି । ଅତୀତରେ ଜନଜାତିଙ୍କୁ ଅବହେଳିତ କରାଯାଉଥିଲା। ଗତ ସରକାର କହୁଥିଲେ ଆଦିବାସୀଙ୍କ ସାଙ୍ଗରେ ଅଛି, କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟରେ ଅବହେଳା ହେଉଥିଲା। ହଷ୍ଟେଲଗୁଡିକରେ ଖାଇବାକୁ ନପାଇ ଛାତ୍ରଛାତ୍ରୀ ଲୁଣ ସହ ଭାତ ଖାଉଥିଲେ। ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ କୌଣସି ଠୋସ ପଦକ୍ଷେପ ନିଆଯାଉନଥିଲା। ଆଜି ଭୁବନେଶ୍ୱରରେ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

ରାଜ୍ୟରେ ପେସା ଆଇନ କାର୍ଯ୍ୟକାରୀ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ପଂଚାୟତିରାଜ ବିଭଗକୁ ଦାୟିତ୍ୱ ଦିଆଯାଇଛି । ୨୨ ଜିଲ୍ଲା ୨୩୪ ବ୍ଲକ ୭୬୬୭ ଗ୍ରାମରେ ଗ୍ରାମସଭା ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନଜାତି ମାନଙ୍କ ବିକାଶ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଛନ୍ତି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ବିର୍ସା ମୁଣ୍ଡା ଆମ ସ୍ୱାଧୀନତା

**ଲୋକଙ୍କ ମତାମତ ଆଧାରରେ ଆଇନ୍ ଲାଗୁ କରିବେ ସରକାର**

**ଆଦିବାସୀ ପିଲାଙ୍କ ଶିକ୍ଷା, ସଂସ୍କୃତିକୁ ସମୃଦ୍ଧ କରିବା ପାଇଁ ସରକାର ଖର୍ଚ୍ଚ କରିବେ ୧୫୩୫ କୋଟି**

**ବିକାଶ ନାଁରେ ଜନଜାତୀଙ୍କୁ ଉପେକ୍ଷା କରୁଥିଲେ ବିଜେଡି ସରକାର**

**ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ପଛୁଆ ଜନଜାତିଙ୍କ ବିକାଶ ହେବ**

ସଂଗ୍ରାମର ଏକ ଅନନ୍ୟ ଯୋଦ୍ଧା। ବିର୍ସା ମୁଣ୍ଡାଙ୍କ ସଂଗ୍ରାମର କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ରହିବ ବୋଲି ସେ କହିଥିଲେ। ଆଦିବାସୀ ମାନଙ୍କ ଉନ୍ନତି ପାଇଁ ତାଙ୍କ ଅବଦାନକୁ ଦେଶ ଓ ଜାତି କେବେ ଭୁଲିବ ନାହିଁ ବୋଲି ସେ କହିଥିଲେ।




ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ହେଉଛି ଆମ ଜନଜାତି ସମ୍ପ୍ରଦାୟଙ୍କ ସମୃଦ୍ଧ ପରମ୍ପରାକୁ ସମ୍ମାନ ଜଣାଇବାର ଦିବସ। ଏହି ଅବସରରେ ସେ ମହାନ୍ ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାୟକ, ରତ୍ନା ନାୟକ, ଚକରା ବିଷୋଇ, ଦୋରା ବିଷୋଇ, ରେଣ୍ଡୋ ମାଝୀଙ୍କ ପରି ଦେଶ ଭକ୍ତଙ୍କ ବଳୀଦାନ ଓ ତ୍ୟାଗକୁ ମଧ୍ୟ ସ୍ମରଣ କରିଥିଲେ। ଏହି ମହାନ୍ ସଂଗ୍ରାମୀ ମାନେ ଆମ ଦେଶର ଇତିହାସ ଓ ସଂସ୍କୃତିକୁ ନୂତନ ରୂପ ଦେବାରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ବୋଲି ସେ କହିଥିଲେ।

ବିର୍ସା ମୁଣ୍ଡାଙ୍କ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜି ଜନଜାତୀୟ ଗୌରବ ଦିବସର ପବିତ୍ର ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଜାମୁଇଠାରେ ଉପସ୍ଥିତ ରହି 'ଧର୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା' ଅଧୀନରେ ଅନେକ କଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି। ଏହି ➪ପୃଷ୍ଠା-୬

# ହାୱଡ଼ା-ଚେନ୍ନାଇ ରେଳଲାଇନ୍‌ରେ ଲାଗିବ 'କବଚ'



ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ଓଡ଼ିଶାର ରାଣୀତାଲ ଏବଂ ଆନ୍ଧ୍ରପ୍ରଦେଶର ଦୁଭାଡା ମଧ୍ୟରେ ୫୯୫ କିଲୋମିଟରର ଦୂରତା ବିଶିଷ୍ଟ ରେଳ ମାର୍ଗରେ ଉନ୍ନତ କବଚ ପ୍ରଣାଳୀ ସ୍ଥାପନ ପାଇଁ ଯୋଜନା କରି ଏକ ପ୍ରମୁଖ ସୁରକ୍ଷା ଉନ୍ନତି ପ୍ରକଳ୍ପ ଆରମ୍ଭ କରିଛି। ଏଥିପାଇଁ ସର୍ଭେ, ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ, ଏବଂ କବଚ ଉପକରଣର କାର୍ଯ୍ୟକ୍ଷମ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୨୮୦ କୋଟିର ବଜେଟ ସହ କବଚ କାର୍ଯ୍ୟ ପାଇଁ ଟେଣ୍ଡର ଆମନ୍ତ୍ରଣ କରାଯାଇଛି।

ବ୍ୟସ୍ତବହୁଳ ତଥା ଗୁରୁତ୍ୱପୂର୍ଣ୍ଣ ରେଳ କରିଡରରେ ସୁରକ୍ଷା ବୃଦ୍ଧି କରାଇବା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳ ଦ୍ୱାରା ଟ୍ରେନ୍ ଧକ୍କା ଏଡାଇବା ପ୍ରଣାଳୀ ବା କବଚ ପ୍ରଣାଳୀ ସ୍ଥାପନ ଏକ ପ୍ରମୁଖ ପ୍ରାଥମିକତା ଅଟେ। ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଅବଶିଷ୍ଟ ରେଳ ସେକ୍ସନ ଗୁଡିକରେ କବଚ ସଂସ୍ଥାପନ ପାଇଁ ଏକ ବିସ୍ତୃତ ଆକଳନ ଚାଲିଛି। ନିରାପତ୍ତାକୁ ବୃଦ୍ଧି କରାଇବା ପାଇଁ ପୂର୍ବତଟ ରେଳପଥ ମଧ୍ୟ ମାନବ ତ୍ରୁଟିକୁ କମ୍ କରିବା ପାଇଁ ଆଧୁନିକ ସିଗନାଲ୍ ଏବଂ ଇଣ୍ଟରଲକ୍ ସିଷ୍ଟମ୍ ଉପରେ ଧ୍ୟାନ ଦେଉଛି।

କବଚ, ଏକ ସ୍ୱଦେଶୀ ବିକଶିତ ଅଟୋମେଟିକ୍ ଟ୍ରେନ୍ ପ୍ରୋଟେକ୍ସନ୍ (ଏଟିପି) ସିଷ୍ଟମ୍ ଯାହା ଟ୍ରେନ୍ ଧକ୍କା ଏଡ଼ାଇବା ଏବଂ ବର୍ଦ୍ଧିତ ପରିଚାଳନାଗତ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଥରେ କାର୍ଯ୍ୟକ୍ଷମ ହୋଇଗଲେ ଏହା ସ୍ୱୟଂଚାଳିତ ବ୍ରେକିଂ, ସ୍ପିଡ୍ ରେଗୁଲେସନ୍ ପ୍ରଦାନ କରିବ ଏବଂ ମାନବ ତ୍ରୁଟିରୁ ରକ୍ଷା ପାଇବାରେ ସାହାଯ୍ୟ କରିବ, ବିଶେଷ କରି ଜରୁରୀକାଳୀନ ପରିସ୍ଥିତିରେ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପ୍ରଣାଳୀ ପାଇଁ ପୃଥକ ଟାୱାର ସହିତ ଟ୍ରାକ୍, ଲେଭଲ୍ କ୍ରସିଂ ଗେଟ ଏବଂ ନିର୍ଦ୍ଧାରିତ ରେଳ ସେକ୍ସନ ସହିତ ଷ୍ଟେସନରେ ଯନ୍ତ୍ରପାତି ସ୍ଥାପନ କରାଯିବ।

ଭିତ୍ତିଭୂମି କାର୍ଯ୍ୟଗୁଡିକ ସମାପ୍ତ ହେବା ପରେ, କବଚ ଉପକରଣଗୁଡ଼ିକ ଏହି ବ୍ୟସ୍ତବହୁଳ କରିଡରରେ ଚାଲୁଥିବା ଟ୍ରେନ ଗୁଡିକରେ ➪ପୃଷ୍ଠା-୬

## ବିଦେଶରୁ ଆସିବ ପୁଞ୍ଜି

ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): ଗ୍ଲୋବାଲ ଇନଭେଷ୍ଟରଙ୍କୁ ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତ । ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଏବଂ ଅର୍ଥନୈତିକ ବିକାଶକୁ ଆଗକୁ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀଙ୍କ ସହ ଏକ ଟିମ୍ ସିଙ୍ଗାପୁର ଯାଉଛନ୍ତି । ଆଗାମୀ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁରର ଶିଳ୍ପପତି, ନିବେଶକ, ନୀତି ନିର୍ଦ୍ଧାରକଙ୍କ ସହ ଆଲୋଚନା କରିବେ ମୋହନ। ଉତ୍କର୍ଷ ଓଡ଼ିଶା ୨୦୨୫ ସମ୍ମିଳନୀ ପୂର୍ବରୁ ଓଡ଼ିଶାରେ ପୁଞ୍ଜି ବିନିଯୋଗର କିଭଳି ଅପୂର୍ବ ସୁଯୋଗ ରହିଛି ସେନେଇ ବିଶ୍ୱମଞ୍ଚରେ ଉପସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର । ମୋହନ ସରକାରଙ୍କ ଫୋକସରେ କେମିକାଲ, ପେଟ୍ରୋକେମିକାଲ ଏବଂ ସ୍କିଲ କ୍ଷେତ୍ର। ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କ ସିଙ୍ଗାପୁର ଗସ୍ତ ଅବସରରେ ପ୍ରସିଦ୍ଧ ଶିଳ୍ପ କ୍ଷେତ୍ର, ଭିତ୍ତିଭୂମି ସୁବିଧାର ଅନୁଧ୍ୟାନ କରିବେ । ଗସ୍ତ ଅବସରରେ ➪ପୃଷ୍ଠା-୬

**ଆଜି ସିଙ୍ଗାପୁର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ**

# ମୁଖ୍ୟମନ୍ତ୍ରୀଙ୍କ ଅପମାନ ପ୍ରାୟୋଜିତ କି ?

ମାତ୍ର ପାଞ୍ଚ ମାସର ଶାସନରେ ମୋହନ ମାଝୀ ଜଣେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ଚିତ୍ରିତ କରିପାରିଛନ୍ତି। ଯେକୌଣସି ସରକାରୀ କାର୍ଯ୍ୟକ୍ରମ ହେଉ ସେ ସାଧାରଣ ଲୋକଙ୍କ ପାଇଁ ସବୁବେଳେ ଚିନ୍ତା କରନ୍ତି। ଏପରିକି ଜିଲ୍ଲା ଗସ୍ତ ସମୟରେ ମଧ୍ୟ ସେ ସବୁବେଳେ ଅପେକ୍ଷାରତ ସାଧାରଣ ଲୋକଙ୍କ ନିକଟକୁ ଯାଇ ଭେଟିଥାନ୍ତି। ଏଥିପାଇଁ ସେ ନିଜ ସୁରକ୍ଷାକୁ ମଧ୍ୟ ଖାତିର କରନ୍ତି ନାହିଁ। ଜଣେ ଆଦିବାସୀ ପରିବାରରୁ ଆସି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିବାରୁ ସେ ସବୁବେଳେ ସାଧାରଣ ଲୋକଙ୍କ ସହ ଯୋଡି ହୋଇ ରହିବାକୁ ପସନ୍ଦ କରନ୍ତି।



ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ଏହି ସରଳତାର ସୁଯୋଗ ନେଇ ଆଜି କଟକ ବାଲିଯାତ୍ରାରେ ତାଙ୍କୁ ଅପମାନିତ କରିବାକୁ ପଛାଇନାହାଁନ୍ତି। ଚର୍ଚ୍ଚା ହେଉଛି ତାଙ୍କୁ ଅପମାନିତ କରିବାକୁ ଦାୟିତ୍ୱରେ ଥିବା କିଛି ପ୍ରଶାସନିକ ଅଧିକାରୀ ଷଡ଼ଯନ୍ତ୍ର କରିଥିଲେ। କଟକ ବାଲିଯାତ୍ରା ଆୟୋଜନର ସବୁ ଦାୟିତ୍ୱ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେଙ୍କ ଉପରେ। କାର୍ଯ୍ୟକ୍ରମର ପରିଚାଳନା ସହ ମୁଖ୍ୟମନ୍ତ୍ରୀଙ୍କ ବାଲିଯାତ୍ରା ବୁଲିବାର ସବୁ ଆୟୋଜନ ଖୋଦ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସେ ବି ବାଲିଯାତ୍ରାର ସଫଳ ଆୟୋଜନର ଡିଣ୍ଡିମ ପିଟୁଥିଲେ। ହେଲେ ଯାତ୍ରା ବୁଲିବା ପାଇଁ ବ୍ୟାଟେରୀ ଗାଡି ଆୟୋଜନରେ ଏତେ ଅବ୍ୟବସ୍ଥା ଥିଲା ଯେ ଶେଷରେ ମୁଖ୍ୟମନ୍ତ୍ରୀ ରାଗିକି ଗାଡି ଛାଡି ଚାଲିଚାଲି ପଳାଇଲେ। ମୁଖ୍ୟମନ୍ତ୍ରୀ ଯେଉଁ ବ୍ୟାଟେରୀ ଗାଡିରେ ବୁଲିବା କଥା ସେହି ଗାଡିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ➪ପୃଷ୍ଠା-୬

**ସେତେବେଳେ ପ୍ରତାପ, ଏବେ ମୋହନ**

## ଆଜିଠୁ ଶ୍ରଦ୍ଧାଳୁଙ୍କ ପାଇଁ ୪ ଦ୍ୱାର ଖୋଲା

ପୁରୀ,୧୫।୧୧( ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ସମସ୍ତ ଚାରି ଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ। ଆଜି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଶ୍ରଦ୍ଧାଳୁମାନେ ସମସ୍ତ ୪ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ, କିନ୍ତୁ କେବଳ ୩ଟି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ପ୍ରସ୍ଥାନ କରିପାରିବେ। ସିଂହଦ୍ୱାରରେ ଶ୍ରଦ୍ଧାଳୁଙ୍କ ପ୍ରସ୍ଥାନକୁ ସଂପୂର୍ଣ୍ଣ ବାରଣ କରାଯାଇଛି। ତେବେ ସେବକ ତଥା ତାଙ୍କ ପରିବାର ବର୍ଗ ସମସ୍ତ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି



ଯେ ଶ୍ରୀମନ୍ଦିର ନାଟମଣ୍ଡପଠାରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଏବେ ବିଚାରାଧୀନ ରହିଛି। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟିଙ୍କ ପରାମର୍ଶ ଓ ଅନୁମୋଦନ ପରେ ଏହା କାର୍ଯ୍ୟକାରୀ ହେବ। କାର୍ତ୍ତିକ ମାସ ପରବର୍ତ୍ତୀ ଦର୍ଶନ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନଙ୍କ ଅଧ୍ୟକ୍ଷତାରେ ➪ପୃଷ୍ଠା-୬

# ଓଡ଼ିଶା ହେବ ଗ୍ରୀନ ଏନର୍ଜି ହବ୍




ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): ଅକ୍ଷୟ ଶକ୍ତିର ଉତ୍ପାଦନରେ ଓଡ଼ିଶା ହେବ ଦେଶର ଏକ ନମ୍ବର ରାଜ୍ୟ। ଓଡ଼ିଶା ପାଖରେ ରହିଛି ସୋଲାର ପୋଟେନସିଆଲ । ବିସ୍ତୀର୍ଣ୍ଣ ସମୁଦ୍ର ବେଳାଭୂମି ଗ୍ରୀନ ହାଇଡ୍ରୋ ଏନର୍ଜି ପାଇଁ ଭଲ ସୁଯୋଗ ରହିଛି। ଗୋପାଳପୁର ଓ ପାରାଦୀପରେ ଗ୍ରୀନ ହାଇଡ୍ରୋଜେନ୍ ହବ ପାଇଁ ରାଜ୍ୟ ସହ ଆଲୋଚନା ହୋଇଛି। ଖୁବ୍ ଶୀଘ୍ର ଏନେଇ ଯୋଜନା ପ୍ରସ୍ତୁତ କରାଯିବ। ହୀରାକୁଦ ସହିତ ଅନେକ ସ୍ଥାନ ଅର୍ଥାତ୍ ରାଜ୍ୟରେ ଫ୍ଲୋଟିଂ ଏନର୍ଜି ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହୋଇଛି। ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି କେନ୍ଦ୍ର ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

୨୦୩୦ ସୁଦ୍ଧା ଉତ୍ପାଦନ ହେବ ୫୦୦ ଗିଗା ୱାଟ ଅକ୍ଷୟ ଶକ୍ତି। ସେଥିପାଇଁ କେନ୍ଦ୍ର ସରକାରଙ୍କ ଅକ୍ଷୟଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଗଠନ ହୋଇଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ। ଶକ୍ତି, ଅକ୍ଷୟ ଶକ୍ତି ମନ୍ତ୍ରାଳୟ ଓ ଶିଳ୍ପ ମନ୍ତ୍ରାଳୟକୁ ନେଇ ଗଠନ ହେବ ସ୍ୱତନ୍ତ୍ର ଟାସ୍କ ଫୋର୍ସ। ଆଗାମୀ ୬ ବର୍ଷରେ ୪୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ବିଭାଗ ଲକ୍ଷ ରଖିଛି। ୨୦୪୭ ମସିହା ସୁଦ୍ଧା ୧୮୦୦ ଗିଗା ୱାଟକୁ ଲକ୍ଷ ଅକ୍ଷୟ ଶକ୍ତି ବିଭାଗ। ଏ ନେଇ ଚିନ୍ତନ ଶିବିରରେ ବ୍ୟାପକ ଆଲୋଚନା କରାଯାଇଛି। ଜମି ଅଧିଗ୍ରହଣ ସହ ଚାଷ ଜମି ରେ ଚାଷ ସହ ସୋଲାର ପାନେଲ ଲାଗିବା ବ୍ୟବସ୍ଥା ପାଇଁ ଯୋଜନା ହେଉଛି।

## ୧୮ ଓ ୨୫ରେ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): ଚଳିତ ମାସ ୧୮ ଓ ୨୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। କାର୍ଯ୍ୟବ୍ୟସ୍ତତା ଯୋଗୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିପାରିବେ ନାହିଁ ବୋଲି ଜଣାପଡ଼ିଛି। ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ସୂଚନା ଅନୁସାରେ, ଆସନ୍ତା ୧୮ ଓ ୨୫ତାରିଖରେ(ଉଭୟ ସୋମବାର) ୟୁନିଟ-୫ସ୍ଥିତ 'ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ'ରେ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ପରେ ଜଣାଇ ଦିଆଯିବ ବୋଲି ବିଭାଗ କହିଛି । ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଗତ ଜୁଲାଇ ୧ରୁ ପ୍ରତ୍ୟେକ ସୋମବାର 'ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ'ରେ ଲୋକଙ୍କ ଅଭିଯୋଗ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ।

## କଜଳପାତିଆ ପ୍ରତାପ



● ନିଜ ଜିଲ୍ଲାରେ ଫେଲ୍
● କ୍ଷମତା ଯିବାପରେ ପାଠ ପଢାଉଛନ୍ତି

ନିଜ ଦଳର ସରକାର ୨୫ବର୍ଷ ଓଡ଼ିଶାରେ ସ୍ଥିର ଶାସନ କଲା। ନିଜେ ଶିଳ୍ପ ସହିତ ଅନ୍ୟ ବଡ ବଡ ବିଭାଗର ମନ୍ତ୍ରୀ ରହିଲେ । ହେଲେ ନିଜ ଜିଲ୍ଲାରେ ଛୁଞ୍ଚି କାରଖାନାଟିଏ କରିପାରିଲେ ନାହିଁ। ଏବେ କିନ୍ତୁ ନୂଆ ସରକାରକୁ ଶିଳ୍ପ ପ୍ରତିଷ୍ଠାର ପାଠ ପଢାଉଛନ୍ତି । ବିଧାୟକ ପ୍ରତାପ ଦେବ ଆଜି ଜାରି କରିଥିବା ଭିଡିଓକୁ ଦେଖି ସାଧାରଣ ଲୋକେ ତାଙ୍କୁ କଜଳପାତିଆ .. ବୋଲି କହିବା ଆରମ୍ଭ କରିଛନ୍ତି । ଲୋକେ କହୁଛନ୍ତି ବାବୁ ନିଜ ଜିଲ୍ଲାରେ କେବଳ ଶିଳ୍ପଟିଏ କରିପାରି ନାହାନ୍ତି, ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବି କିଛି ପଦକ୍ଷେପ ନେଲେନାହିଁ । ଯାହା ଫଳରେ କେନ୍ଦ୍ରାପଡାରେ ହେବାକୁ ଥିବା ମେଡିକାଲ କଲେଜକୁ ଯାଜପୁରିଆ ନେତାମାନେ ଝାମ୍ପିନେଲେ। ବାବୁ କ୍ଷମତା ଲୋଭରେ ରାସ୍ତା ଘାଟରେ ଟ୍ରାଫିକ ପୁଲିସ୍ ଭଳି ବ୍ୟବହାର କରି ସମାଲୋଚନାର ଶିକାର ହେଲେ । ଏବେ କିନ୍ତୁ ୫ମାସର ସରକାରକୁ ସଚେତନ କରିବା ସହିତ ଶିଳ୍ପ ପାଠ ପଢାଉଛନ୍ତି । ଅବଶ୍ୟକ ବାବୁଙ୍କର ଇଚ୍ଛା ନଥିଲେ ବି ସ୍କ୍ରିପ୍ଟ ପଢି କଜଳପାତିଆ ସାଜିବାକୁ ବାଧ୍ୟ ହେଉଛନ୍ତି । ଏହା କିନ୍ତୁ ତାଙ୍କ ଭଳି ଜଣେ ଅଭିଜ୍ଞ ପୂର୍ବତନ ମନ୍ତ୍ରୀଙ୍କ ମୁହଁରେ ଶୋଭା ପାଉନାହିଁ ବୋଲି ସାଧାରଣରେ ଆଲୋଚନା ହେବାରେ ଲାଗିଛି ।



## କାନ ଡେରିଥା

ବର୍ସାମୁଣ୍ଡା ଏବେ ଭଗବାନ
ବୋଲି କହିଲେ
ଦ୍ରୌପଦୀ ମୁର୍ମୁ
ଜନଜାତିଙ୍କର ଗୌରବ ବଢୁଛି
ମୋହନ ମୁଖ୍ୟମନ୍ତ୍ରୀ ଯୋଗୁଁ।

# ଅଫିସ ଦୁଆର ମୁହଁ ମାଡୁନାହାନ୍ତି ଜିଲ୍ଲାପାଳ

**● ଧାଁ ଦଉଡ଼ କରୁଛନ୍ତି କର୍ମଚାରୀ**
**● ହାଫ୍‌ପ୍ୟାଣ୍ଟ, ଲୁଙ୍ଗି ପିନ୍ଧି କାମ କରୁଛନ୍ତି**




ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ): କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ସରକାରୀ ଦପ୍ତରକୁ ଯାଉନାହାନ୍ତି। ଅଫିସ୍ ଯିବା ବଦଳରେ ରେସ୍ ଅଫିସରେ ବସି କାମ କରୁଛନ୍ତି । କିଏ ହାଫ୍‌ପ୍ୟାଣ୍ଟ ପିନ୍ଧି କାମ କରୁଛନ୍ତି ତ ଆଉ କିଏ ଲୁଙ୍ଗି ପିନ୍ଧି ବସୁଛନ୍ତି। ରାଜ୍ୟର ପ୍ରାୟ ଅଧାଅଧି ଜିଲ୍ଲାପାଳ ଏଭଳି ଢଙ୍ଗରେ କାମ କରୁଥିବା ସୂଚନା ମିଳିଛି ।

ସୂଚନା ଅନୁଯାୟୀ ରାଜ୍ୟର ଅଧାରୁ ଅଧିକ ଜିଲ୍ଲାପାଳ ନିଜ ବଙ୍ଗଳାରେ ରେସ୍ ଅଫିସ୍ ତିଆରି କରି ସେଠାରେ ସରକାରୀ କାମ ଚଳାଉଛନ୍ତି । ଜିଲ୍ଲା ମୁଖ୍ୟ ଦପ୍ତରରେ ଥିବା ଜିଲ୍ଲାପାଳଙ୍କ ଅଫିସ୍‌କୁ ଯାଉ ନାହାନ୍ତି । ସେମାନଙ୍କୁ ମିଳିଥିବା ସରକାରୀ କର୍ମଚାରୀ, ଗାଡି ମୋଟର ସବୁ ରେସ୍ ଅଫିସରେ ରହୁଛି। ଜିଲ୍ଲାପାଳଙ୍କ ଦପ୍ତରରୁ ଆବଶ୍ୟକ କାଗଜପତ୍ର ପ୍ରତିଦିନ ରେସ୍ ଅଫିସ୍‌କୁ ବୁହାହୋଇ ଆସୁଛି। କାଳେ ଫାଇଲପତ୍ର କୁଆଡେ ହଜିଯିବ ସେଥିପାଇଁ ସେଥିରେ ଦୁଇ ଦୁଇଟି ନମ୍ବର ପଡୁଛି। ଗୋଟିଏ ଜିଲ୍ଲାପାଳଙ୍କ ଦପ୍ତରର ଓ ଅନ୍ୟଟି ଜିଲ୍ଲାପାଳଙ୍କ ରେସ୍ ଅଫିସର ।

ମନ୍ତ୍ରୀମାନଙ୍କ ରେସ୍ ଅଫିସ୍ ଢାଞ୍ଚାରେ ଜିଲ୍ଲାପାଳମାନେ ବିଜେଡି ସରକାର ଅମଳରୁ ଆରମ୍ଭ କରିଥିବା ଏଭଳି ଉଦ୍‌ଭଟ ପ୍ରଶାସନିକ ବ୍ୟବସ୍ଥା ନୂଆ ସରକାର ଆସିବାପରେ ମଧ୍ୟ ଜାରି ରହିଛି । ନୂଆ ସରକାର ଆସି ଲୋକଙ୍କ ଅଭିଯୋଗ ଶୁଣାଣି ଉପରେ ଗୁରୁତ୍ୱ ଦେବା ଯୋଗୁଁ ସାଧାରଣ ଲୋକେ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇବାକୁ ଅଧିକ ଆଗ୍ରହୀ ହୋଇଛନ୍ତି । ହେଲେ ଜିଲ୍ଲାପାଳମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଦପ୍ତରକୁ ନଆସି ରେସ୍ ଅଫିସରେ ବସୁଥିବାରୁ ସେଠାକୁ ଲୋକେ ଯିବାକୁ ସେତେଟା ସହଜ ଅନୁଭବ କରୁନାହାନ୍ତି। କାରଣ ରେସ୍ ➪ପୃଷ୍ଠା-୬

## ଆସିଲା ଆଇପିଏଲ୍ ୨୦୨୫ରେ ନିଲାମୀ ହେବାକୁ ଥିବା ଖେଳାଳିଙ୍କ ତାଲିକା




ମୁମ୍ବାଇ,୧୫।୧୧: ବହୁ ପ୍ରତୀକ୍ଷିତ ଟାଟା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଳିଙ୍କ ନିଲାମ ତାଲିକା ପ୍ରକାଶ ପାଇଛି। ଆଗାମୀ ସିଜିନ୍ ପାଇଁ ସମୁଦାୟ ୫୭୪ ଖେଳାଳିଙ୍କ ଭାଗ୍ୟ ସାଉଦି ଆରବିଆରେ ହେବାକୁ ଥିବା ନିଲାମୀରେ ନିର୍ଦ୍ଧାରଣ ହେବ। ପଞ୍ଜିକୃତ କରିଥିବା ଖେଳାଳିଙ୍କ ମଧ୍ୟରୁ ୩୬୬ ଭାରତୀୟ ହୋଇଥିବା ବେଳେ ୨୦୮ ବିଦେଶୀ ଖେଳାଳି ରହିଛନ୍ତି।

ଏହି ନିଲାମରେ ୩୧୮ ଭାରତୀୟ ଖେଳାଳି ଏବଂ ୧୨ ଜଣ ଅନ୍-କ୍ୟାପଡ୍ ବିଦେଶୀ ଖେଳାଳି ଅନ୍ତର୍ଭୁକ୍ତ ହେବେ। ୨୦୪ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଖେବଳ ୭୦ ଖେଳାଳିଙ୍କୁ କିଣାଯିବ। ମେଗା ନିଲାମ ୨୪ ନଭେମ୍ବର ୨୦୨୪ ରବିବାର ସ୍ଥାନୀୟ ସମୟ ୧୨:୩୦ ରେ ଆରମ୍ଭ ହେବ।

# ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ



**କେନ୍ଦ୍ରାପଡ଼ା, ୧୫।୧୧ (ସଂଚାର ବ୍ୟୁରୋ):** ଧରତୀ ଆୱା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ ଓ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ପ୍ରଶାସନ (କଲ୍ୟାଣ ବିଭାଗ) କେନ୍ଦ୍ରାପଡ଼ା ପକ୍ଷରୁ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥିଭାବେ କେନ୍ଦ୍ରାପଡ଼ା ଲୋକସଭା ସାଂସଦଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ବଳଦେବଜୀଉଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଗାନ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକ ଉପଲକ୍ଷେ ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ ଆଭାସୀ ମାଧ୍ୟମରେ କରିଥିଲେ। ସ୍ୱାଧୀନତା ସଂଗ୍ରାମର ସ୍ୱର୍ଣ୍ଣିମ ଇତିହାସରେ ଜନଜାତିର ଯେଉଁ ଗୌରବମୟ ଯୋଗଦାନ ରହିଛି ତାକୁ ମନେ ପକାଇ ଦେବାକୁ କେନ୍ଦ୍ର ସରକାରଙ୍କ ଏହା ହେଉଛି ଏକ ମହତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ମତବ୍ୟକ୍ତ କରିଥିଲେ। ଜନଜାତୀୟ ସଶକ୍ତିକରଣ ନିମନ୍ତେ ଏହା ଏକ ଦୂରଦୃଷ୍ଟି ସମ୍ପର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜନଜାତି ବର୍ଗର ବ୍ୟକ୍ତିବିଶେଷଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରିଲେ ଜିଲ୍ଲା, ରାଜ୍ୟ ଓ ଦେଶ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ବୋଲି ସେ ମଧ୍ୟ ମତବ୍ୟକ୍ତ କରିଥିଲେ।

ଉକ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ଆସିଥିବା ସମସ୍ତ ଜନଜାତି ବର୍ଗର ବ୍ୟକ୍ତି, ବ୍ଲକ ମଙ୍ଗଳ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଗୋବରୀ ନଦୀ କେନ୍ଦ୍ରାପଡ଼ାର ଗଙ୍ଗା: ଅତିଥି

**କେନ୍ଦ୍ରାପଡ଼ା, ୧୫।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ କମିଟି ତରଫରୁ ଆୟୋଜିତ ୭ମ ବାର୍ଷିକ ବାଲିଯାତ୍ରା ମହୋତ୍ସବକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦାନ କରି ପ୍ରଥମେ ଗୋବରୀ ନଦୀରେ ବୋଇତ ବନ୍ଦାଣ କରିବା ପରେ ଆନୁଷ୍ଠାନିକ ଭାବରେ କେନ୍ଦ୍ରାପଡା ବାଲିଯାତ୍ରା-୨୦୨୪କୁ ଉଦ୍‌ଘାଟନ କରି କହିଲେ ଗୋବରୀ ନଦୀ ହେଉଛି କେନ୍ଦ୍ରାପଡାର ଗଙ୍ଗା । ନୌବାଣିଜ୍ୟର ଇତିହାସକୁ ଉତ୍ତର ପିଢିମାନେ କାଳ୍ପନିକ ଘଟଣା ନ ଭାବି ଏହାର ଇତିହାସକୁ ଜାଣିଲେ ଆମର ମାନସିକତା ଶାଣିତ ହେବ ।

ଏଥିରେ ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମହେଶ ପାଢ଼ୀ ସଭା ଆହ୍ୱାନ କରିଥିବା ବେଳେ କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ସଞ୍ଜୟ କୁମାର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା ଯୋଗଦେଇ କହିଲେ କେନ୍ଦ୍ରାପଡାର ଗୁଲନଗର, ସୁଜାନଗର, ଉଦୟନଗର ଓ କୋଶିଆପାଳ ଥିଲା ନୌବାଣିଜ୍ୟର ପେଣ୍ଠସ୍ଥଳୀ। ଏହି ଅଞ୍ଚଳରେ ସମସ୍ତ ପ୍ରକାରର କାରିଗରମାନେ ବାସବାସ କରିଥାନ୍ତି। ଏହିଠାରୁ ବିଦେଶକୁ ବାଣିଜ୍ୟ ହୋଇ ଆସୁଥିଲା ଯଥା ବାଉଁଶ ନଳୀରେ ତନ୍ତ ବୁଣା ଶାଢ଼ୀ, ମାଟି ପାତ୍ର, କଂସା ବାସନ ଇତ୍ୟାଦି ବିଦେଶକୁ ରପ୍ତାନୀ କରାଯାଉଥିଲା ବୋଲି ଅତିଥିମାନେ କହିଥିଲେ ।



## କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଲିଳିତା ଦାସ, ସିଡିଏମଓ ପ୍ରମୋଦ କୁମାର ପ୍ରହରାଜ, କେନ୍ଦ୍ରାପଡା ପୌରାଧ୍ୟକ୍ଷ ସରିତା ସାହୁ, କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, କପାଳେଶ୍ୱର ଗ୍ରାମ ପଞ୍ଚାୟତର ସରପଞ୍ଚ କଳ୍ପନା ମହାନ୍ତି, ଜିଲ୍ଲା ପରିଷଦ ୮ନଂ ଜୋନ ସଭ୍ୟ ରଶ୍ମିରଞ୍ଜନ ରାଉତ ଏବଂ ୬ ନଂ ଜୋନ ସଭ୍ୟ ନିର୍ମଳା ମହାନ୍ତି ପ୍ରମୁଖ ଯୋଗଦାନ କରି କେନ୍ଦ୍ରାପଡା ନୌବାଣିଜ୍ୟ ଗୌରବଗାଥାକୁ ଆଲୋକପାତ କରିଥିଲେ । ବାଲିଯାତ୍ରା ମହୋତ୍ସବ ମୁଖପତ୍ର ୨୦୨୪କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବହୁ ବିଶିଷ୍ଟ ଲେଖକମାନଙ୍କର ଉତ୍କଳର ଗୌରବମୟ ନୌବାଣିଜ୍ୟ ଓ ବାଲିଯାତ୍ରା ସମ୍ପର୍କୀୟ ତଥ୍ୟମାନ ପ୍ରକାଶ ପାଇଛି । ଉପସଭାପତି ଧିରେନ୍ଦ୍ର ଦାସ, ଟୁଟୁ ଗେରୁ, ଶ୍ରୀଧର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଉପ ସଭାପତି ଅଭିମନ୍ୟୁ ଗୋଛାୟତ ଧନ୍ୟବାଦ ଜ୍ଞାପନ କରିଥିଲେ ।

ସାତଦିନ ବ୍ୟାପୀ ଚାଲିବାକୁ ଥିବା ବାଲିଯାତ୍ରା ମହୋତ୍ସବର ଭରପୁର ଆନନ୍ଦ ନେବାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୨ଟି ଗ୍ରୁପ ଓ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ରଙ୍ଗାରଙ୍ଗ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମରେ ସହ ସମ୍ପାଦକ କିଶୋର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ପତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ, ସହ କୋଷାଧ୍ୟକ୍ଷ ପଞ୍ଚାନନ ଗେରୁ, ସଂଗଠନ ସମ୍ପାଦକ ସତ୍ୟବ୍ରତ ସିଂହ, ମୃତ୍ୟୁଞ୍ଜୟ ସାହୁ, ରାଜୁ କୁବେର, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ରଙ୍କ ସ୍ଥାନୀୟ ଅଞ୍ଚଳର ବାଲିଯାତ୍ରା ପ୍ରେମୀମାନେ ଯୋଗ ଦେଇଥିଲେ ।

### ମା' ମାଟିଆ ମଙ୍ଗଳା ପୀଠରେ ବୋଇତବନ୍ଦାଣ ଉତ୍ସବ

# ନୌବାଣିଜ୍ୟ ପରମ୍ପରାର ମୁକସାକ୍ଷୀ ରାଜନଗର

**ରାଜନଗର, ୧୫।୧୧ (ସଂଚାର ବ୍ୟୁରୋ):** ଅବଲୁପ୍ତ ଐଶ୍ୱର୍ଯ୍ୟର ଅନନ୍ୟ ପରମ୍ପରା ହେଉଛି ଆମ ନୌବାଣିଜ୍ୟ। ନୌବାଣିଜ୍ୟ ପରମ୍ପରାର ପ୍ରମୁଖ ମୁକସାକ୍ଷୀ ହେଉଛି ରାଜନଗର। ବଂଗୋପସାଗର ତଟବର୍ତ୍ତୀ କିମ୍ବଦନ୍ତୀର ସ୍ୱର୍ଣ୍ଣିମ ସ୍ୱାକ୍ଷର ତଅପୋଇର ବଂଶଧର ସାତଭାୟା। କେଉଁ କାଳରୁ ସାଗର ତଟରୁ ଆମ ସୌଦାଗରମାନେ ବଂଗୋପ ସାଗରରେ ବୋଇତ ନେଇ ଦରିଆପାରି ଦେଶରେ ବଣିଜ କରିବା ପାଇଁ ଯାଇଥାନ୍ତି। ତେଣୁ ନୌବାଣିଜ୍ୟ କ୍ଷେତ୍ରରେ ରାଜନଗର ପରମ୍ପରାର ଗୌରବ ବହନ କରିଥାଏ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ମା' ମାଟିଆ ମଙ୍ଗଳାଙ୍କ ପୀଠରେ ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ବୋଇତବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ସାହୁ କହିଛନ୍ତି।



ମାଟିଆ ମଙ୍ଗଳା ଯୁବ ପରିଷଦର ସଭାପତି ଅପୂର୍ବ ରଞ୍ଜନ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥି ଶତପଥି, ଯୁଗ୍ମ ସଚିବ ଅଭୟ କୁମାର ମହାନ୍ତି, ପଣ୍ଡିତ ହୃଷିକେଶ ରଥ, ସରପଞ୍ଚ ଚିତ ରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ନଳିନୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ, ଅଧ୍ୟାପିକା ଭଗବତୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ମା' ମାଟିଆ ମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ହଂସୁଆ ନଦୀରେ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାଧବପୁଅ ମାନଙ୍କୁ ବନ୍ଦାପନା କରାଯିବା ପରେ ସେମାନେ ସୁସଜ୍ଜିତ ନୌକାରେ ଯାତ୍ରା କରିଥିଲେ।



# ଦୀପରୁ ନିଆଁ ଲାଗି ଜଳିଗଲା ଧାନ,ଚାଉଳ ଓ ଦରକାରୀ କାଗଜପତ୍ର

**ମହାକାଳପଡ଼ା, ୧୫।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ନଳପଦା ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ସୂଚନା ମୁତାବକ ନଳପଦା ଗ୍ରାମର ସନ୍ତୋଷ ଜେନାଙ୍କ ଆଜବେଷ୍ଟସ ଘରେ ଦୀପ ଶିଖାରୁ ଅଗ୍ନିକାଣ୍ଡ ଘଟିଛି। ସନ୍ତୋଷ ଙ୍କ ପରିବାରରେ ୬ ଜଣ ଲୋକ ଅଛନ୍ତି। ସନ୍ଧ୍ୟା ସମୟରେ ଦିଆଯାଇଥିବା ଦୀପରୁ କୌଣସି ମତେ ନିଆଁ ଲାଗିଯାଇଥିଲା। କପଡ଼ାରେ ନିଆଁ ଲାଗିଯିବାରୁ ସଙ୍ଗେସଙ୍ଗେ ନିଆଁ ଘର ଭିତରେ ବ୍ୟାପି ଯାଇଥିଲା। ଅଗ୍ନିକାଣ୍ଡ ରେ ଧାନ,ଚାଉଳ, ଲୁଗାପଟା ଓ ଏକ ବାକ୍ସ ଜଳି ଯାଇଛି। ବାକ୍ସରେ କିଛି ଦରକାରୀ କାଗଜପତ୍ର ଓ ଟଙ୍କା ଜଳି ପୋଡ଼ି ନଷ୍ଟ ହୋଇଯାଇଥିବା ପରିବାର ଲୋକେ କହିଛନ୍ତି। ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁ ଆୟତ୍ତ କରାଯାଇଥିଲା।

# ସମାଜସେବୀ ହରେକୃଷ୍ଣ ପାତ୍ରଙ୍କୁ ସୁରକ୍ଷା ଗୌରବ ସମ୍ମାନ

**କେନ୍ଦ୍ରାପଡ଼ା, ୧୫।୧୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ଲୁମ୍ବିନୀ ବିହାର ଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସୁରକ୍ଷା ଓ ଚନ୍ଦ୍ରଶେଖର ପୁର ବୋଇତ ବନ୍ଦାଣ କମିଟି ପକ୍ଷରୁ ଅନୁଷ୍ଠିତ ୧୮ତମ ବୋଇତ ବନ୍ଦାଣ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ାରୁ ସମାଜସେବୀ ହରେକୃଷ୍ଣ ପାତ୍ରଙ୍କୁ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷା ଗୌରବ ସମ୍ମାନ ୨୦୨୪"ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ସ୍ୱତନ୍ତ୍ର ଅତିଥି ଭାବେ ମେୟର ସୁଲୋଚନା ଦାସ ସଭାପତି ମୋନାଲିସା ସାହୁ ସମ୍ପାଦକ କେଶବ ରଣା ପ୍ରମୁଖ ଉପସ୍ଥିତ ଥିଲେ ।



ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହେବା ପରେ ଶ୍ରୀ ପାତ୍ର ଅନୁଷ୍ଠାନ ର ସମସ୍ତ କର୍ମକର୍ତ୍ତା ଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

# ରଙ୍ଗଣୀ ପଞ୍ଚାୟତରେ ଜନଜାତୀୟ ଗୌରବ ଦିବସ ପାଳିତ



**ରାଜନଗର, ୧୫।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ଲୋପାମୁଦ୍ରା ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ତହସିଲଦାର ଅଜୟ କୁମାର ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଜଙ୍ଗଲ ଅଧିକାର ଆଇନ, ପଞ୍ଚାୟତ ବିକାଶ ସୂଚୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ରଙ୍ଗଣୀ ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୫ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅତିଥି ପଞ୍ଚାୟତ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର ଦାଶ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବାହାଦୁର ଟୁଡୁ, ବ୍ଲକ ସମାଜ ମଂଗଳ ଅଧିକାରୀ ରଜନୀକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ସମ୍ପ୍ରଦାୟର ଲୋକେ ଯୋଗ ଦେଇଥିଲେ।

# ଗୁହାଳକଣି ଅଙ୍ଗନବାଡି କେନ୍ଦ୍ରର ନାହିଁ ସ୍ୱତନ୍ତ୍ର ଗୃହ

## କେଉଁଠି ଚାଲିଛି ପିଲାଙ୍କ ପାଠପଢା ଓ ଖାଦ୍ୟ ପ୍ରସ୍ତୁତି ?

**କେନ୍ଦ୍ରାପଡ଼ା, ୧୫।୧୧ (ସଂଚାର ବ୍ୟୁରୋ):** ପିଲାମାନଙ୍କୁ ସୁରକ୍ଷିତ ଓ ସ୍ୱଚ୍ଛ ପରିବେଶରେ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି କରାଇବା ପାଇଁ ସରକାର ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ଉନ୍ନତ ପାଠ୍ୟଶୈଳୀ ଓ ଖେଳକୁଦ ପାଇଁ ବିଭିନ୍ନ ଖେଳ ସାମଗ୍ରୀ ପ୍ରଦାନ କରାଯାଉଛି। ଶିକ୍ଷଣୀୟ ପରିବେଶ ସହିତ ସ୍ୱଚ୍ଛତା ଓ ଶୁଦ୍ଧ ପାନୀୟ ଜଳ ପାଇଁ କରାଯାଉଛି ସ୍ୱତନ୍ତ୍ର ବ୍ୟବସ୍ଥା । ହେଲେ ଏସବୁର ବ୍ୟତିକ୍ରମ ଦେଖା ଦେଇଛି ଗୁହାଳକଣି ଅଙ୍ଗନବାଡି କେନ୍ଦ୍ର ନିକଟରେ।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ମଙ୍ଗଳପୁର ପଞ୍ଚାୟତ ଗୁହାଳକଣି ଅଙ୍ଗନୱାଡି କେନ୍ଦ୍ରର ସ୍ୱତନ୍ତ୍ର ଗୃହ ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ମିଳିଛି। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁବ୍ରତ କୁମାର ସେଠୀ ଏନେଇ ସୂଚନା ଦେଇଛନ୍ତି। ସୁବ୍ରତ ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମାଗିଥିବା ତଥ୍ୟର ସୂଚନା ମିଳିବା ପରେ ଅଙ୍ଗନୱାଡି କେନ୍ଦ୍ରର ବ୍ୟବସ୍ଥା କିପରି ଚାଲିଛି ତାହାକୁ ନେଇ ବଢ଼ିଛି ସନ୍ଦେହ । ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରର ଗୃହ ନଥିବା ଘଟଣା ସାମ୍ନାକୁ ଆସିବା ପରଠାରୁ ଅଙ୍ଗନୱାଡି କେନ୍ଦ୍ରର ପିଲାମାନଙ୍କ ସୁରକ୍ଷାକୁ ନେଇ ଏବେ ନାନା ଆଶଙ୍କା ସୃଷ୍ଟି ହୋଇଛି।

ପ୍ରଶ୍ନ ଉଠୁଛି ଯଦି ଅଙ୍ଗନୱାଡି କେନ୍ଦ୍ରର ସ୍ୱତନ୍ତ୍ର ଗୃହ ନାହିଁ ତେବେ କୁନିକୁନି ପିଲା ପାଠ ପଢୁଛନ୍ତି କେଉଁଠି ? ପିଲାମାନଙ୍କ ଲାଗି ରନ୍ଧା ଯାଉଥିବା ଖାଦ୍ୟ କେଉଁଠି ଓ କେଉଁ ପରିବେଶରେ ପ୍ରସ୍ତୁତ ହେଉଛି ? ପିଲାମାନଙ୍କ ଲାଗି ଆସୁଥିବା ପୁଷ୍ଟିକର ଖାଦ୍ୟ ରହୁଛି କେଉଁଠାରେ ? ପିଲାମାନଙ୍କ ଶାରିରୀକ ଓ ମାନସିକ ଦକ୍ଷତା ପାଇଁ ସରକାର ଯୋଗାଇ ଦେଉଥିବା ଖେଳ ସାମଗ୍ରୀ ଓ ଅନ୍ୟାନ୍ୟ ସରଞ୍ଜାମ କିଣା ଯାଇଛି ନା ବାଟମାରଣା ହୋଇଛି ? ଏମିତି ଅନେକ ପ୍ରଶ୍ନ ଉଠାଇ କ୍ଷୋଭ ପ୍ରକଟ କରିଛନ୍ତି ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ । କୁନିକୁନି ପିଲାମାନଙ୍କ ସୁରକ୍ଷା ଓ ଅଭିବୃଦ୍ଧି ନିମନ୍ତେ ମହାକାଳପଡ଼ା ସିଡିପିଓ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରି ସ୍ୱତନ୍ତ୍ର ଗୃହ ପାଇଁ ହସ୍ତକ୍ଷେପ କରି ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ଗୃହ ବ୍ୟବସ୍ଥା କରାଇବାକୁ ସୁବ୍ରତ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ ତରଫରୁ ଦାବି ହେଉଛି। ଖବର ପ୍ରସାରଣ ପରେ ଜିଲ୍ଲା ପ୍ରଶାସନ ଏ ଘଟଣାରେ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି।

# ରେଳଧାରଣାରେ କଟି ଯୁବକ ମୃତ

**କେନ୍ଦ୍ରାପଡ଼ା, ୧୫।୧୧ (ସଂଚାର ବ୍ୟୁରୋ):** ଶୁକ୍ରବାର ଦିନ ରେଳଧାରଣାରେ ମାର୍ଶାଘାଇ ରୋଡ଼ର କେନାଲ ବ୍ରିଜ୍ ନିକଟରେ ଯୁବକ ବନଜ ସ୍ୱାଇଁ(୪୫)ଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଦେଖିବାକୁ ମିଳିଛି । ଶୁକ୍ରବାର ଅପରାହ୍ନରେ ରେଳଧାରଣରେ ମାଲବାହୀ ଦୁର୍ଘଟଣାରେ ଯୁବକର ମୃତ୍ୟୁଘଟିଛି। ରେଳଲାଇନ୍ ଉପରେ ରକ୍ତଜୁଡୁବୁଡୁ ବନଜଙ୍କ ମୃତଦେହ ଛିନ୍ନବିଛିନ୍ନ ଅବସ୍ଥାରେ ପଡ଼ିଥିଲା । ରେଳଲାଇନରେ କଟିଯାଇ ମୃତ ଯୁବକ ଖଣ୍ଡବିଖଣ୍ଡିତ ଶରୀରକୁ ଦେଖି ସ୍ଥାନୀୟ ଲୋକେ ମାର୍ଶାଘାଇ ପୁଲିସକୁ ଖବରଦେଇଥିଲେ । ଖବରପାଇ ପୁଲିସ ଆଇଆଇସି ପୂର୍ଣ୍ଣ ଚନ୍ଦ୍ର ପଟ୍ଟାୟତ ଘଟଣାସ୍ଥଳରେପହଞ୍ଚି ପ୍ରାରମ୍ଭିକ ତଦନ୍ତକରିଛନ୍ତି । ମୃତ ଯୁବକ ବନଜର ଘର ମାର୍ଶାଘାଇ ଥାନା ଗିରଙ୍ଗ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି । ରେଳଧାରଣାରେ ଯୁବକର ମୃତ୍ୟୁ ହେତୁ ଘଟଣାର ତଦନ୍ତଭାର ପାରାଦ୍ୱୀପ ଜିଆପି ପୁଲିସକୁ ଘଟଣାସ୍ଥଳରେ ପହଞ୍ଚିବାପରେ ଅନୁସଂନ୍ଧାନ କରିବାକୁ ଖବର ଦିଆଯାଇଛି । ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାରାଦ୍ୱୀପରୁ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ନଥିବାରୁ ମାର୍ଶାଘାଇ ପୁଲିସ ଘଟଣା ସ୍ଥଳରେ ଯେପରି କୌଣସି ଉତ୍ତେଜନ ନଘଟିବ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ । କେଉଁକାରଣରୁ ଯୁବକର ମୃତ୍ୟୁ ଘଟିଛି ଏହା ଦୁର୍ଘଟଣା ଜନିତ ନାଁ ଆତ୍ମହତ୍ୟା ସେନେଇ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସଠିକ ଜଣାପଡ଼ିବ ବୋଲି ପୁଲିସ କହିଛି ।

### ପଞ୍ଚାମୁଣ୍ଡାଇ ବୋଇତ ବନ୍ଦାଣ ଉତ୍ସବ -୨୦୨୪

# ଉତ୍ସବକୁ ସରକାରୀ ସ୍ୱୀକୃତି ପ୍ରଦାନ କରିବାକୁ ଦାବି

**ପଞ୍ଚାମୁଣ୍ଡାଇ, ୧୫।୧୧ (ସଂଚାର ବ୍ୟୁରୋ):** ନୌବାଣିଜ୍ୟ ପରମ୍ପରାର ଅନନ୍ୟ କାର୍ଯ୍ୟକ୍ରମ ବୋଇତ ବନ୍ଦାଣ ଉତ୍ସବ ପଞ୍ଚାମୁଣ୍ଡାଇ ବିକାଶ ପରିଷଦ ଆନୁକୂଲ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବ୍ରାହ୍ମଣୀ ସେତୁ ନିକଟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ପାରମ୍ପରିକ ନୃତ୍ୟଗୀତ ସାଙ୍ଗକୁ ସାଧବ/ସାଧବାଣୀଙ୍କ ସହ ବିଧାୟକ ଧ୍ରୁବ ସାହୁ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ଓ ଅନ୍ୟାନ୍ୟ ନେତୃ ମଣ୍ଡଳୀ ପଞ୍ଚାମୁଣ୍ଡାଇ ବଜାର ପରିକ୍ରମା କରି ସଭାସ୍ଥଳରେ ପହଁଚିଥିଲେ। ସଂସ୍କୃତି ପୁରୁଷ ଦିବଂଗତ ଦିବାକର ବିଶ୍ୱାଳଙ୍କ ପ୍ରଚେଷ୍ଟାରେ ୨୦୧୧ ମସିହାରୁ ଏହି ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ ହୋଇଥିଲା। ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ତଥା 'ସୁବାର୍ତ୍ତା'ର ସଂପାଦକ ପ୍ରଦ୍ୟୁମ୍ନ ଶତପଥି ମୁଖ୍ୟବକ୍ତା, ପଞ୍ଚାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ବେଦମନ୍ତ୍ର ପାଠ କରିଥିଲେ ଓ କସ୍ତୁରୀ କଳା ନିକେତନର କଳକରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।



ବିକାଶ ପରିଷଦର ବରିଷ୍ଠ ସଭ୍ୟ ଚିତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସଭାରେ କବି ସଚିତ୍ର କୁମାର ବେହୁରା ସ୍ୱାଗତଭାଷଣ ଓ ଅତିଥି ପରିଚୟ କରିଥିଲେ। ପଞ୍ଚାମୁଣ୍ଡାଇ ବିକାଶ ପରିଷଦ ସଂପାଦକ ଆଡଭୋକେଟ ଗୋପିନାଥ ତ୍ରିପାଠୀ ସଂପାଦକୀୟ ବିବରଣୀ ପାଠ କରି ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପଞ୍ଚାମୁଣ୍ଡାଇ କଳା ସଂସ୍କୃତି, ପରମ୍ପରା ଓ ଅସ୍ମିତାର ପ୍ରତୀକ ବୋଇତ ବନ୍ଦାଣ ଉତ୍ସବକୁ ସରକାରୀ ସ୍ୱୀକୃତି ପ୍ରଦାନ ପାଇଁ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ସରକାରଙ୍କ ଠାରେ ଦାବି କରିଥିଲେ।

ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ନୃତ୍ୟ ପ୍ରତିଯୋଗୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ବିଚାରକ ଭାବେ ବିଶିଷ୍ଟ ତବଲା ଗୁରୁ ସମୀର ରଞ୍ଜନ ଦାସ, ମୁନା ପ୍ରଧାନ, ଗୋବିନ୍ଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ପରିଷଦର ବରିଷ୍ଠ ସଭ୍ୟ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ଜେନା, ଶିକ୍ଷାବିତ ଶ୍ରୀଧର ରାଉତ, ରାଜକୁମାର ବିଶ୍ୱାଳ, ଆରାଧନା ଦାଶ, ଆରତି ଭୋଳ, ନବକିଶୋର ପଣ୍ଡା, ବିପିନ ବିହାରୀ ପରିଡା, ବିଜୟ କବି, କବି ମନୋଜ ଶତପଥୀ, କୃପାସିନ୍ଧୁ ନାୟକ, ଆଡଭୋକେଟ ପ୍ରମୋଦ ସାହୁ, ରାଜେଶ ମହାରଣା, ଗିରିଜା ଶଙ୍କର ସାମଲ, ଶରତ ଚନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଚନ୍ଦନ ପାତ୍ର, ନରେଶ ଜେନା, ପ୍ରମୋଦ ସାହୁ, ହାଡିବନ୍ଧୁ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକନେତା ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସୁସଜ୍ଜିତ ବୋଇତରେ ସାଧବମାନଙ୍କୁ ସାଧବାଣୀମାନେ ବନ୍ଦାପନା କରି ବିଦାୟ ଦେଇଥିଲେ। ଏହି ଉତ୍ସବକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ।





# ଜଜାଙ୍ଗ ଆଦର୍ଶ ପୋଖରୀରେ ବୋଇତବନ୍ଦାଣ

**କେନ୍ଦ୍ରାପଡ଼ା, ୧୫।୧୧ (ସଂଚାର ବ୍ୟୁରୋ):** କପାଳେଶ୍ୱର ଗ୍ରାମପଞ୍ଚାୟତର ଜଜାଙ୍ଗସ୍ଥିତ ଆଦର୍ଶ ଜେନାପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବୋଇତ ବନ୍ଦାଣ ସମିତି କେନ୍ଦ୍ରାପଡା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୋଇତ ବନ୍ଦାଣ ଉତ୍ସବରେ ୭ଜଣ କୁନି କୁନି ସାଧବପୁଅଙ୍କୁ ୭ଜଣ ସାଧବାଣୀ ବନ୍ଦାପନା କରି ବୋଇତଯାତ୍ରାର ଶୁଭମନାସୀ ଥିଲେ। ସାଧବପୁଅମାନେ ଏକ ସୁସଜ୍ଜିତ ବୋଇତରେ ବସି ଜଜାଙ୍ଗ ଆଦର୍ଶ ଜେନା ପୋଖରୀରେ ବୁଲି ପୁନର୍ବାର କୁଳକୁ ଫେରି ଆସିଥିଲେ।

ଏହି ଅବସରରେ ସେଠାରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସମିତିର କର୍ମକର୍ତ୍ତା ଲୋହିତ ମହାନ୍ତି, ସରୋଜକାନ୍ତ ସାହୁ ଓ ରାଜେନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୋଇତବନ୍ଦାଣ କାର୍ଯ୍ୟକ୍ରମରେ କପାଳେଶ୍ୱର ପଞ୍ଚାୟତ ସରପଞ୍ଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତଟ ରେଳପଥର ପ୍ରାକ୍ତନ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ, ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି, ସମିତି ସଭାପତି ଚିନ୍ମୟ ପ୍ରସାଦ ବେହୁରା, ସମ୍ପାଦକ ଉମାଶଙ୍କର ଜେନା, ଅବନ୍ତୀ ବେହେରା, ଶ୍ରୀଧର ମହାନ୍ତି, କମଳାକାନ୍ତ ବେହେରା, ପ୍ରଦୀପ କୁମାର ସେଠୀ, ରଜନୀକାନ୍ତ ଦାସ, ରବୀନ୍ଦ୍ର ନାଥ ରଥ, ମୁକ୍ତାର ଖାଁ ପ୍ରମୁଖ ଶତାଧିକ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ବୋଇତବନ୍ଦାଣ ଦେଖିବାକୁ ଆଦର୍ଶ ଜେନା ପୋଖରୀର ଚର୍ତୁପାଶ୍ୱର୍ରେ ହଜାର ହଜାର ସଂଖ୍ୟାରେ ଗ୍ରାମବାସୀ ଓ ଦର୍ଶକମାନେ ଉପସ୍ଥିତ ଥିଲେ ।



# ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ବର୍ଷର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

## ସ୍ମାରକୀ ମୁଦ୍ରା ଓ ଡାକ ଟିକଟର ଉନ୍ମୋଚନ

- ପ୍ରଧାନମନ୍ତ୍ରୀ ଜନମନ ଯୋଜନା ମାଧ୍ୟମରେ ଜନଜାତିଙ୍କ ବିକାଶ ସୁନିଶ୍ଚିତ
- ପ୍ରାଚୀନ ଚିକିତ୍ସା ବ୍ୟବସ୍ଥାରେ ଆଦିବାସୀ ସମାଜର ବଡ଼ ଅବଦାନ ରହିଛି

**ନୂଆଦିଲ୍ଲୀ,୧୫।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜନଜାତୀୟ ଗୌରବ ଦିବସ ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ବାର୍ଷିକ ଉତ୍ସବର ଶୁଭାରମ୍ଭ କରିବା ସହ ବିହାରର ଜାମୁଇଠାରେ ପାଖାପାଖି ୬୬୪୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ଭାରତର ବିଭିନ୍ନ ଜିଲ୍ଲାରେ ଆଦିବାସୀ ଦିବସ ସମାରୋହରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମଗ୍ର ଭାରତବର୍ଷରୁ ଅଭାସୀ ମାଧ୍ୟମରେ ଯୋଗ ଦେଇଥିବା ଅଗଣିତ ଆଦିବାସୀ ଭାଇ ଭଉଣୀଙ୍କୁ ସେ ସ୍ୱାଗତ କରିଥିଲେ। କାର୍ତ୍ତିକ ପୂର୍ଣ୍ଣମୀ, ଦେବ ଦୀପାବଳି ଏବଂ ଶ୍ରୀ ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପାଳନ କରାଯାଉଛି ବୋଲି ଶ୍ରୀ ମୋଦୀ ଆଜିର ଦିନକୁ ଅତ୍ୟନ୍ତ ପବିତ୍ର ଦିନ ବୋଲି ବର୍ଣ୍ଣନା କରିବା ସହ ଏଥିପାଇଁ ଭାରତବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଥିବାରୁ ଆଜି ନାଗରିକଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ଭାରତର ନାଗରିକ ଏବଂ ବିଶେଷ କରି ଆଦିବାସୀ ଭାଇ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆଜିର ଜନଜାତୀୟ ଗୌରବ ଦିବସର ପୂର୍ବସୂଚୀ ଭାବରେ ଜାମୁଇରେ ଗତ ୩ ଦିନ ମଧ୍ୟରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସ୍ୱଚ୍ଛତା ଅଭିଯାନ ପାଇଁ ସେ ପ୍ରଶାସନ, ଜାମୁଇର ନାଗରିକ ଏବଂ ବିଶେଷ କରି ମହିଳା ମାନଙ୍କ ଭଳି ବିଭିନ୍ନ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଥିଲେ । ଗତବର୍ଷର ଜନଜାତୀୟ ଗୌରବ ଦିବସରେ ସେ ଧାରତି ଆଭା ବିର୍ସା ମୁଣ୍ଡାଙ୍କ ଜନ୍ମଗ୍ରାମ ଉଲିହାତୁରେ ଥିବା କଥା ମନେ ପକାଇ ଶ୍ରୀ ମୋଦୀ କହିଥିଲେ ଯେ ଚଳିତ ବର୍ଷ ସେ ସହିଦ ତିଲକା ମାଝିଙ୍କ ସାହସିକତାର ସାକ୍ଷୀ ଥିଲେ ଏବଂ ଦେଶ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଆରମ୍ଭ କରୁଥିବାରୁ ଏହି ଅବସର ଅଧିକ ସ୍ୱତନ୍ତ୍ର ଥିଲା। ଆଗାମୀ ବର୍ଷ ବ୍ୟାପି ଏହି ଉତ୍ସବ ଚାଲିବ ବୋଲି ସେ କହିଛନ୍ତି। ବିହାରର ଜାମୁଇଠାରେ ଆଜିର କାର୍ଯ୍ୟକ୍ରମରେ ଭର୍ଚୁଆଲ ଭାବେ ଯୋଗ ଦେଇଥିବା ବିଭିନ୍ନ ଗ୍ରାମର ୧ କୋଟି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ । ବିର୍ସା ମୁଣ୍ଡା, ବୁଦ୍ଧରାମ ମୁଣ୍ଡା ଓ ସିଦ୍ଧୁ କାହ୍ନୁଙ୍କ ବଂଶଧର ଶ୍ରୀ ମଣ୍ଡଳ ମୁର୍ମୁଙ୍କୁ ସ୍ୱାଗତ କରି ସେ ଆନନ୍ଦିତ ବୋଲି ଶ୍ରୀ ମୋଦୀ କହିଛନ୍ତି। ଆଜି ୬୬୪୦ କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍ ଘାଟନ ଓ ଶିଳାନ୍ୟାସ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆଦିବାସୀ ପିଲାଙ୍କ ଭବିଷ୍ୟତର ଉନ୍ନତି ପାଇଁ ଆଦିବାସୀଙ୍କ ପାଇଁ ପକ୍କା ଘର, ସ୍କୁଲ ଓ ହଷ୍ଟେଲ, ଆଦିବାସୀ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା, ଆଦିବାସୀ ଅଞ୍ଚଳକୁ ସଂଯୋଗ କରୁଥିବା ସଡ଼କ ପ୍ରକଳ୍ପ, ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ଆଦିବାସୀ ସଂଗ୍ରହାଳୟ ଓ ଗବେଷଣା କେନ୍ଦ୍ର ପାଇଁ ପ୍ରାୟ ଦେଢ଼ ଲକ୍ଷ ଅନୁମୋଦନ ପତ୍ର ରହିଛି। ଦେବ ଦୀପାବଳି ଅବସରରେ ଆଦିବାସୀଙ୍କ ପାଇଁ ୧୧,୦୦୦ ଆବାସ ନିର୍ମାଣ କରାଯାଇଛି ବୋଲି ଶ୍ରୀ ମୋଦୀ କହିଥିଲେ। ଏହି ଅବସରରେ ସେ ସମସ୍ତ ଆଦିବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆରମ୍ଭ ହେଲା ଏକାମ୍ର ବାଲିଯାତ୍ରା



**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ଏକାମ୍ର ବାଲିଯାତ୍ରା ମହୋତ୍ସବ ଉଦ୍ଘାଟିତ ହେବା ପରେ ଚଳଚଞ୍ଚଳ ହୋଇଛି ଏକାମ୍ର ନିର୍ବାଚନ ମଣ୍ଡଳୀର କୁଆଖାଇ ନଦୀପଠା।ପ୍ରାୟ ୨୦ ଏକର ପରିମିତ ସ୍ଥାନରେ ପ୍ରଥମ ଥର ପାଇଁ ବାଲିଯାତ୍ରା ମହୋତ୍ସବ ଆୟୋଜନ ହୋଇଛି। ଆଜି କାର୍ତ୍ତିକ ପୂର୍ଣ୍ଣିମାରେ ରାତି ୩ଟାରୁ ଡଙ୍ଗାଇସା ପରେ ଭୋର୍ ୪ଟାରୁ ରଙ୍ଗିଲା ଡ୍ୟାନ୍ସଗ୍ରୁପ୍ ପକ୍ଷରୁ ଭଜନ ପରିବେଷଣ ହୋଇଥିଲା।ଏଥିରେ ଅଭିନେତ୍ରୀ ଅର୍ଜିତା ସାହୁ ଙ୍କ ସହ ବହୁ କଳାକାର ଯୋଗଦେଇଥିଲେ। ସକାଳ ୭ଟା୧୫ରେ ବୋଇତ ବନ୍ଦାଣ ଉତ୍ସବ କୁ ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବର ଶୁଭାରମ୍ଭ କରିଥିଲେ।କାର୍ଯ୍ୟକ୍ରମ ରେ କମିଟିର ସାଧାରଣ ସମ୍ପାଦକ କବିରାଜ ସ୍ୱାଇଁ, ଭୁବନେଶ୍ୱର ବ୍ଲକ୍ ଅଧକ୍ଷ ନିରୁପମା ସାହୁ, ମଣ୍ଡଳ ସଭାପତି ଅରୁଣ ପୁରୋହିତ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ସୁଭାଷିନୀ ପୃଷ୍ଟି, ସୁନିଲ ସ୍ୱାଇଁ, ସତ୍ୟବ୍ରତ ନାୟକ, ତାପସ ଦଳାଇ ପ୍ରମୁଖ ସାମିଲ ହୋଇଥିଲେ।ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶ୍ରୀଚରଣଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷଣ ହୋଇଥିଲା। ସଂଧ୍ୟା ରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,କମିଟିର ଉପଦେଷ୍ଟା ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କମିଟି ର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, କମିଟିର ସାଧାରଣ ସଂପାଦକ କବିରାଜ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ। ଅତିଥି ଭାବେ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ସୁଜାତା ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।ଶୀତୁଆ ରାତିରେ ରାଜଧାନୀ ବାସୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏକାମ୍ର ନିର୍ବାଚନ ମଣ୍ଡଳୀ ତଥା ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁର ପାଟଣା ଓ ବାସୁଆଘର ମୁରବି ଓ ଯୁବଗୋଷ୍ଠୀଙ୍କୁ ନେଇ ପ୍ରଥମଥର ଲାଗି ଏକାମ୍ର ବାଲିଯାତ୍ରା ମହୋତ୍ସବ-୨୦୨୪ ଆୟୋଜନ କରାଯାଇଛି।

## ଉଭବରେ ସର୍ବାଧିକ ପୁରସ୍କାର ଗ୍ରହଣ କରି ଓଡ଼ିଶା ଚାମ୍ପିୟନ



**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ଉଦଯାପିତ ହୋଇଛି ଚାରି ଦିବସୀୟ ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ ୨୦୨୪- 'ଉଭବ'। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏଥିସହିତ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ନ୍ୟାସନାଲ୍ ଏଜୁକେସନ୍ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟର ଯୁଗ୍ମ ଆୟୁକ୍ତ ଅନୁପମ୍ ସୋନଲକର୍ ଏବଂ ଓଡ଼ିଶା ମଡେଲ୍ ଟ୍ରାଇବାଲ୍ ଏଜୁକେସନ୍ ସୋସାଇଟିର ସଚିବ ତଥା ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗଦେଇ କହିଛନ୍ତି, ଏହି ଯୁବ ଏକଲବ୍ୟମାନେ ମହାନ୍ ଭାରତବର୍ଷର ଭବିଷ୍ୟତ ଲେଖିବେ। ସେମାନଙ୍କ ପ୍ରସ୍ତୁତି ଏବଂ ପ୍ରଦର୍ଶନ ଦେଖି ଖୁସି ଲାଗୁଛି। ନିଜର ତଥା ଜନ୍ମଭୂମିର ଗୌରବ ରକ୍ଷା ପାଇଁ ଏବେଠାରୁ ପ୍ରସ୍ତୁତ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ସେ ଏହାମଧ୍ୟ କହିଛନ୍ତି ଯେ, ଆଜି ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜନଜାତିଙ୍କ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭାରମ୍ଭ କରିଛନ୍ତି। ଏହା ଜନଜାତିଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ସହାୟକ ହେବ। ଏଥିସହିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଗଠନ ଦିଗରେ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ବିଷୟରେ ଆଲୋଚନା କରିଛନ୍ତି। ବିଦ୍ୟାର୍ଥୀମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଗଣ୍ଡ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶକୁ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ବିଭାଗର ପ୍ରମୁଖ ଶାସନ ସଚିବ ସ୍ୱାଗତ ଅଭିଭାଷଣ ରଖି ସମସ୍ତ ସହଯୋଗୀ ଆୟୋଜକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନ୍ୟାସନାଲ୍ ଏଜୁକେସନ୍ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟର ସହଯୋଗ ପାଇଁ ସାଧୁବାଦ ଜଣାଇବା ସହ ଛାତ୍ରଛାତ୍ରୀଙ୍କ ବ୍ୟାପକ ଅଂଶଗ୍ରହଣକୁ ପ୍ରଶଂସା କରିଛନ୍ତି। ଏଥିସହିତ କାର୍ଯ୍ୟକ୍ରମର ସଫଳତାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ସେହିପରି ଯୁଗ୍ମ ଆୟୁକ୍ତ ଅନୁପମ୍ ସୋନଲକର୍ ପ୍ରଥମ ଥର 'ଉଭବ' କାର୍ଯ୍ୟକ୍ରମର ଆୟୋଜନ ପାଇଁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଭବ୍ୟ ଓ ସଫଳ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ସମେତ ପ୍ରମୁଖ ଶାସନ ସଚିବ ଓ ନିର୍ଦ୍ଦେଶକଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି।

## ଟ୍ୱିନ୍ ସିଟି କ୍ରାଇମ୍

### ଡଙ୍ଗା ଭସାବେଳେ ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ଚେନ

**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ଏୟାରଫିଲ୍ଡ ଅଞ୍ଚଳରେ ଗତ ୪ ଦିନ ତଳେ ଜଣେ ମହିଳା ଚେନ୍ ଲୁଟେରାଙ୍କ ଶିକାର ହୋଇ ଗତକାଲି ମୃତ୍ୟୁବରଣ କରିଥିବା ବେଳେ, ପୁଣି ଆଜି ଭୋର ସମୟରେ ଡଙ୍ଗା ଭସାଇବାକୁ ଯାଇଥିବା ଜଣେ ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍। କାର୍ତ୍ତିକ ପୂର୍ଣ୍ଣିମାରେ ନୟାପଲ୍ଲୀ ବେହେରାସାହି ଶିବ ମନ୍ଦିରରୁ ଲୁଟର ଖବର ସାମ୍ନାକୁ ଆସିଛି। ସୂଚନା ଯୋଗ୍ୟଯେ, ଆଜି ସକାଳୁ ଏନ-୫ ଅଞ୍ଚଳର ଲକ୍ଷ୍ମୀପ୍ରିୟା ପତି ଡଙ୍ଗା ଭସାଇ ମନ୍ଦିରକୁ ଯାଇ ଦର୍ଶନ କରିବାକୁ ଧାଡିରେ ଛିଡାହୋଇଥିବା ସମୟରେ ଲୁଟର ଶିକାର ହୋଇଛନ୍ତି। କେହି ଦୁର୍ବୃତ୍ତ ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଝାମ୍ପି ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ବେଳେ, ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଛି। ଏନେଇ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ପୁଲିସ।

### ତମାଣ୍ଡୋ ଅଞ୍ଚଳରେ ଡ଼କାୟତି ଯୋଜନା ପଣ୍ଡ



**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ତମାଣ୍ଡୋ ଥାନା ଅଞ୍ଚଳରେ ଥିବା ଏକ ଖେଳ ପଡ଼ିଆରେ କିଛି ଡକାୟତ ତମାଣ୍ଡୋ ଅଞ୍ଚଳରେ ଡକାୟତି କରିବାକୁ ଯୋଜନା ଚଳାଇଥିବା ବେଳେ ଯୋଜନାକୁ ପଣ୍ଡ କରିଛି ପୁଲିସ। ଘଟଣା ସ୍ଥଳରୁ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ, ୪ ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଫଳରେ ସେମାନଙ୍କ ଠାରୁ ୨ଟି କାର, ଖଣ୍ଡା, ଭୁଜାଲି, ଛୁରୀ, ଲଙ୍କାଗୁଣ୍ଡ ଓ ମଦ ବୋତଲ ଜବତ କରାଯାଇଛି। ଗିରଫ ୫ ଅଭିଯୁକ୍ତ ହେଲେ, ଜଟଣୀର ଇସ୍କ୍ ମହମ୍ମଦ, ଏସକେ କାରିମୁଲା, ଉଜିର୍ ଖାଁନ୍, ମିର୍ ଆସିକ୍ ଓ ରଘୁନାଥ ସେଠି। ପୁଲିସ ମାମଲା ରୁଜୁକରି ଆଜି ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟଯେ, ଗୁରୁବାର ବିଳମ୍ବିତ ରାତିରେ ତମାଣ୍ଡୋ ଶୁଦ୍ଧିପୁର କ୍ରିକେଟ ପଡ଼ିଆରେ ୨ଟି କାର ସହ ୭ରୁ ୮ ଜଣ ଏକତ୍ରୀତ ହୋଇ ସ୍ଥାନୀୟ ଅଞ୍ଚଳରେ ବଡ଼ଧରଣର ଡକାୟତି କରିବାକୁ ଯୋଜନା ରଚୁଥିଲେ। ଏହି ସମୟରେ ତମାଣ୍ଡୋ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ସ୍ପେଶାଲ ଟିମ ନିଜ ଅଞ୍ଚଳରେ ପାଟ୍ରୋଲିଂ ଚଳାଉଥିବା ସମୟରେ ଏହି ଖବର ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ। ଖବର ପାଇ ସଙ୍ଗେ ସଙ୍ଗେ ଥାନାର ୨ଟି ଟିମ ଅଚାନକ କ୍ରିକେଟ୍ ପଡ଼ିଆରେ ଦୁଇ ପଟରୁ ଚଢ଼ାଉ କରି ୫ ଜଣ ଡକାୟତଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ହେଲେ ପୁଲିସ ହାତରୁ ବାକି ୩ ଜଣ ଫେରାର ହେବାରେ ସଫଳ ହୋଇଥିଲେ। ଫଳରେ ପୁଲିସ ଘଟଣା ସ୍ଥଳରୁ ୨ଟି କାର, ମାରଣାସ୍ତ୍ର, ଲଙ୍କାଗୁଣ୍ଡ, ମୋବାଇଲ ଜବତ କରାଯାଇଛି। ଆଜି ସମସ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ବାକି ଫେରାର ରହିଥିବା ଅଭିଯୁକ୍ତଙ୍କୁ ଧରିବାକୁ ପୁଲିସ ଚଢ଼ାଉ ଜାରି ରଖିଛି।

### ଲୁଗା ଦୋକାନରେ ଲାଗିଲା ନିଆଁ, ଜଳିଗଲେ ମାଲିକ



**ଖୋର୍ଦ୍ଧା,୧୫।୧୧(ସଂଚାର ବ୍ୟୁରୋ):** ଲୁଗା ଦୋକାନରେ ଲାଗିଲା ନିଆଁ। ପୋଡ଼ିଗଲେ ଦୋକାନ ମାଲିକ। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ଘଟଣା ଖୋର୍ଦ୍ଧା ଜିଲ୍ଲା ଜଟଣୀ ରାଜା ବଜାରରେ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ଲୁଗା ପୋଡ଼ି ଯାଇଛି। ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ଜଟଣୀ ରାଜା ବଜାରରେ ଥିବା ସୂର୍ଯ୍ୟ ମହାପାତ୍ରଙ୍କ ଲୁଗା ଦୋକାନରେ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ନିଆଁ ପୂରା ଦୋକାନରେ ବ୍ୟାପି ଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇଁ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ନିଆଁ ଲିଭାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ କର୍ମଚାରୀମାନେ ନିଆଁ ଆୟତ୍ତ କରିଥିଲେ। ଆଉ ଘର ଭିତରୁ ଦୋକାନ ମାଲିକ ଶ୍ରୀ ମହାପାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଶ୍ରୀ ମହାପାତ୍ରଙ୍କୁ ଭୁବନେଶ୍ୱରରେ ଏକ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାନରେ ତାଙ୍କର ମୃତ୍ୟୁ ଘଟିଛି। ତେବେ କେଉଁ କାରଣରୁ ଦୋକାନରେ ନିଆଁ ଲାଗିଲା, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ। ପୁଲିସ୍ ଓ ଅଗ୍ନିଶମ ବିଭାଗ ମିଳିତ ଭାବେ ଘଟଣାର ତଦନ୍ତ ଚଳାଇଛନ୍ତି।

## ଅପରାଧିକ ଘଟଣାକୁ ମନେ ପକାଇ ବିଳିବିଳଉଛି ବିଜେଡି



**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ବରିଷ୍ଠ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉପରେ ମାନ୍ୟବର ସୁପ୍ରିମକୋର୍ଟ କ'ଣ ରାୟ ଦେଇଛନ୍ତି, ଆଗକୁ ଏନେଇ ଆଇନ ଅନୁଯାୟୀ କ'ଣ କରାଯିବ, ସେନେଇ ରାଜ୍ୟ ସରକାର ଠିକ୍ ସମୟରେ ଠିକ୍ ପଦକ୍ଷେପ ନେବେ। ସେପର୍ଯ୍ୟନ୍ତ ବିଧାୟକ ପ୍ରତାପ ଦେବ ଧୈର୍ଯ୍ୟ ରଖନ୍ତୁ। ଆଇନ୍ ତା'ବାଟରେ ଯିବ। ଏଥିରେ ହସ୍ତକ୍ଷେପ କରିବାର ଅଧିକାର କାହା ପାଖରେ ନାହିଁ। ମାତ୍ର ବିଜେଡିର ଯେଉଁ ନେତାମାନେ ଏହି ଘଟଣାରେ ବ୍ୟସ୍ତବିବ୍ରତ ହେଉଛନ୍ତି ସେମାନେ ଶାସନରେ ଥିଲାବେଳେ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ନେତାଙ୍କ ବିରୋଧରେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ପ୍ରେସ୍ ବିବୃତି ଜରିଆରେ ରାଜ୍ୟ ମୁଖପାତ୍ର ଶ୍ରୀ ଦିଲୀପ ମଲ୍ଲିକ ପ୍ରଶ୍ନ କରିଛନ୍ତି। ଶ୍ରୀ ମଲ୍ଲିକ କହିଛନ୍ତି ଯେ, ମାହାଙ୍ଗା ତ୍ରିପଲ୍ ମର୍ଡର ଘଟଣାରେ ପ୍ରତାପ ଜେନା ୧୩ ନଂ. ମୁଦାଲା ଥିଲେ। ସେତେବେଳେ ସରକାର ତାଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଇଥିଲେ? ତତ୍କାଳୀନ ତିର୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କୁ କୋର୍ଟ ଦୋଷୀ ବୋଲି କହିଥିଲା। ମାତ୍ର ବିଜେଡି ସରକାର ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ସେହିପରି ଅରୁଣ ସାହୁ, ପ୍ରଣବ ବଳବନ୍ତ ରାୟ, ତତ୍କାଳୀନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଅପରାଧିକ ମାମଲା ଥିବା ସତ୍ତ୍ୱେ ବିଜେଡି ସରକାର ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ସେତେବେଳେ ସେମାନଙ୍କୁ ନ ବାନ୍ଧି ଚୁପ ବସିଥିଲା। କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ନାମରେ ସଙ୍ଗୀନ ମାମଲା ଥିଲେ ମଧ୍ୟ ବିଜେଡି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏଭଳି ବିଭିନ୍ନ କାରଣ ଯୋଗୁଁ ଏହି ଭ୍ରଷ୍ଟ ସରକାରକୁ ଲୋକେ ଗାଦିରୁ ହଟାଇ ଦେବା ପରେ ଏବେ ସେମାନେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ବର୍ତ୍ତମାନ ବିଜେପି ସରକାରଙ୍କୁ କେବଳ ବିରୋଧ କରିବା ପାଇଁ ବିରୋଧୀ ଏଭଳି ଭିତିହୀନ ରାଜନୀତି କରୁଛି। ଖବରରେ ରହିବା ପାଇଁ ସେମାନେ ନିଜ ଆଇନାରେ ନିଜ ମୁହଁ ଦେଖୁଛନ୍ତି। ନିଜ ଅପରାଧିକ ଘଟଣାକୁ ମନେପକାଇ ବିଳିବିଳି ହେଉଛନ୍ତି।

## ରାଜ୍ୟସ୍ତରୀୟ ଆନ୍ତଃ ବିଦ୍ୟାଳୟ ବ୍ୟାଣ୍ଡ ପ୍ରତିଯୋଗିତା ଆୟୋଜିତ



**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ଆନ୍ତଃ ବିଦ୍ୟାଳୟ ବ୍ୟାଣ୍ଡ୍ ପ୍ରତିଯୋଗିତା ସ୍ଥାନୀୟ ୟୁନିଟ୍-୬ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ ଉଦଘାଟନୀ ସମାରୋହରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଘୁଆର୍ ଆର୍ ଆୟାର ଯୋଗ ଦେଇ ପିଲାମାନଙ୍କୁ ବ୍ୟାଣ୍ଡ୍ ପ୍ରତିଯୋଗିତାର ଉଦ୍ଦେଶ୍ୟ ତଥା ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଓସେପାର ଅତିରିକ୍ତ ନିର୍ଦ୍ଦେଶକ (ସାଧାରଣ) ସଙ୍ଗିତା ବେହେରା, ଯୁଗ୍ମ ନିର୍ଦ୍ଦେଶକ ମହେଶ୍ୱର ସାହୁ, ପ୍ରଶିକ୍ଷଣ ସହାୟିକା ଜୟା ବାନାର୍ଜୀ ଓ ପ୍ରଧାନଶିକ୍ଷୟିତ୍ରୀ ଅରୁନ୍ଧତି ସାମନ୍ତରାୟ ଉପସ୍ଥିତ ଥିଲେ। ଏଥିସହିତ ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ରାଜ୍ୟସ୍ତରୀୟ ବ୍ୟାଣ୍ଡ୍ ପ୍ରତିଯୋଗିତାରେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ସମୟରେ ଅଭ୍ୟାସ ଜାରି ରଖିବାକୁ ଉପଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜୋନ୍ ସ୍ତରରେ ତଥା ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ଯୋଗଦେଇ ପିଲାମାନଙ୍କର ଚମତ୍କାର ପ୍ରଦର୍ଶନକୁ ପ୍ରଶଂସା କରିଥିଲେ ଏବଂ ଅତିରିକ୍ତ ନିର୍ଦ୍ଦେଶକ ଡ଼ ସନାତନ ପଣ୍ଡା ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପଦ୍ମପୁରରେ ଲଜ୍ଜା

### ୫ ବର୍ଷର ଝିଅକୁ ଦୁଷ୍କର୍ମ ପରେ ହତ୍ୟା

**ପଦ୍ମପୁର,୧୫।୧୧(ସଂଚାର ବ୍ୟୁରୋ):** ପଦ୍ମପୁରରେ ଜଙ୍ଗଲ ଭିତରୁ ମିଳିଲା ୫ ବର୍ଷର ନାବାଳିକାର କ୍ଷତବିକ୍ଷତ ମୃତଦେହ। ମୃତଦେହ ଉଲଗ୍ନ ଅବସ୍ଥାରେ ଉଦ୍ଧାର କରାଯାଇଛି। ପାଇକମାଳ ସୋଢ଼ା ନିକଟ ଜଙ୍ଗଲରୁ ନାବାଳିକାଙ୍କ ମୃତଦେହ ମିଳିଛି। ଘଟଣା ବାବଦରେ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ଡଗ୍ ସ୍କ୍ୱାର୍ଡ ସହ ସାଇଣ୍ଟିଫିକ୍ ଟିମକୁ ଧରି ଛାନଭିନ କରୁଛି। ଏନେଇ ପରିବାର ଲୋକେ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ସେପଟେ ସଂପୃକ୍ତ ମାମଲାରେ ପୋଲିସ ସନ୍ଦେହରେ ଜଣକୁ ରଖି ପଚରାଉଚରା କରୁଛି। ସୂଚନା ମୁତାବକ ମୃତ ନାବାଳିକାର ଘରେ ଜଣେ ଲୋକ ରହି କାମ କରୁଥିଲା। ସେହି ବ୍ୟକ୍ତିଜଣଙ୍କ ଆଜି ନାବାଳିକାଙ୍କୁ ମାଛ ଧରିବାକୁ ଡାକି ନେଇଯାଇଥିଲା। ଏନେଇ ପରିବାର ଲୋକ ସେହି ବ୍ୟକ୍ତିଙ୍କୁ ଝିଅ ବାବଦରେ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା।

## ଶୈଳବାଳା ମହିଳା କଲେଜର ଛାତ୍ରଛାତ୍ରୀଙ୍କ ନିମନ୍ତେ ସୋଆରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍) ଠାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଗୃହ ବିଭାଗ ସ୍ନାତକୋତର ଛାତ୍ରୀମାନଙ୍କ ପାଇଁ ନଭେମ୍ବର ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଟେଲ ଅପରେସନ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ଆଜିର ଯୁବପିଢ଼ିକୁ ହୋଟେଲ ଶିଳ୍ପ ର ଚାରିଟି ପ୍ରମୁଖ ବିଭାଗ ଯଥା ଫ୍ରଂଟ ଅଫିସ, ହାଉସ୍ କିପିଙ୍ଗ୍, ଫୁଡ୍ ଆଣ୍ଡ ବେଭେରେଜ୍ ସର୍ଭିସ୍ ଓ ପ୍ରଡକ୍ସନ ଉପରେ ପ୍ରଶିକ୍ଷିତ କରାଇ ସେମାନଙ୍କର ଦୃଷ୍ଟିକୋଣ, ଦକ୍ଷତା ଓ ଜ୍ଞାନ ବଢ଼ାଇବା ପାଇଁ ଅବସର ପ୍ରଦାନ କରିବା ଏବଂ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଆବଶ୍ୟକୀୟ ଦକ୍ଷତା ଏବଂ କ୍ଷମତା ପ୍ରଦାନ କରିବା। ଏହି କାର୍ଯ୍ୟକ୍ରମରେ ଗ୍ରାହକ ସେବା, ଯୋଗାଯୋଗ, ସମସ୍ୟା ସମାଧାନ ଏବଂ ସଞ୍ଚାଳନ ଭଳି ଅନ୍ୟାନ୍ୟ କ୍ଷେତ୍ର ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଥିଲା।

## ଆୟବୃଦ୍ଧି କରିବ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ

**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ମତ୍ସ୍ୟ ଓ ପ୍ରାଣୀ ସଂପଦର ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳ କୃଷକ ତଥା ମତ୍ସ୍ୟଜୀବୀମାନଙ୍କର ଆୟବୃଦ୍ଧି ଏବଂ ଜୀବିକା ନିର୍ବାହରେ ଉନ୍ନତି ହେବ ବୋଲି ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରକାଶ କରିଛନ୍ତି । ରାଜ୍ୟ କ୍ୟାର୍ବିନେଟ୍ରେ ଅନୁମୋଦିତ ଯୋଜଗୁଡ଼ିକ ସଂପର୍କରେ ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ପ୍ରାଣୀ ସମ୍ପଟ ବିକାଶ ଯୋଜନାରେ ଆସନ୍ତା ୫ ବର୍ଷ ମଧ୍ୟରେ ୧,୦୩୧ କୋଟି ଟଙ୍କା ବ୍ୟୟ କରାଯିବ ଏବଂ ଏହା ଦ୍ୱାରା ରାଜ୍ୟର ପ୍ରାୟ ୩ ଲକ୍ଷ ୭୩ ହଜାର ୯୨୮ ଜଣ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହେବେ । ସେହିପରି ବ୍ରଏଲର, ଲେୟର କୁକୁଡ଼ା ପାଳନ, ବତକ ପାଳନ, ଘର ଅଗଣାରେ କୁକୁଡ଼ା, ବତକ ପାଳନ, କୁକୁଡ଼ା ଦାନା ପ୍ରସ୍ତୁତି କାରଖାନା ଓ କୁକୁଡ଼ା ଚିଆଁ ପାଳନ ୟୁନିଟ୍ ପାଇଁ ହିତାଧ୍ୟାକାରୀ ମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏହା ବ୍ୟତୀତ 'ଗୋମାତା' ଯୋଜନାରେ ଆସନ୍ତା ତିନିବର୍ଷ ମଧ୍ୟରେ ପ୍ରାୟ ୩୪୩ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ୫ ବର୍ଷ ନିମନ୍ତେ ୨୨୩୧ କୋଟି ଟଙ୍କା ବ୍ୟୟ କରାଯିବ । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ପ୍ରାଣୀ ସମ୍ପଦ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ଆସନ୍ତା ତିନିବର୍ଷ ନିମନ୍ତେ ୪୪୯ କୋଟି ଟଙ୍କା ଏବଂ ମତ୍ସ୍ୟଚାଷ ଭିତ୍ତିଭୂମି ପାଇଁ ତିନିବର୍ଷରେ ୬୯୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ତ୍ରୀ ଶ୍ରୀ ମଲ୍ଲିକ କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ୱାଗତ ଜଣାଇବା ସହିତ ଏହା ଫଳରେ ରାଜ୍ୟର ମତ୍ସ୍ୟଚାଷୀ, ପ୍ରାଣୀପାଳକ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଯଥେଷ୍ଟ ଉପକୃତ ହେବେ ବୋଲି ଉଲ୍ଲେଖ କରିଛନ୍ତି ।

## ଜାନୁୟାରୀରେ ଭିନ୍ନକ୍ଷମ ଚଳଚିତ୍ର ଉତ୍ସବ



**ଭୁବନେଶ୍ୱର,୧୫।୧୧:** ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆସନ୍ତା ବର୍ଷ ଜାନୁଆରୀ ମାସରେ ଭୁବନେଶ୍ୱର ଠାରେ ଭିନ୍ନକ୍ଷମ ସମସ୍ୟା ଉପରେ ପ୍ରଥମ ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଆୟୋଜନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ଉତ୍ସବ ଭଳି ରାଜ୍ୟରେ ଏଭଳି ଅଭିନବ ଚଳଚିତ୍ର ମହୋତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯୋଜନା ଅନୁଯାୟୀ, ଏସଏସଇପିଡି ବିଭାଗ ଚଳଚ୍ଚିତ୍ର ନିର୍ମାତା ଏବଂ ପ୍ରଯୋଜକମାନଙ୍କୁ ଭିନ୍ନକ୍ଷମ ସମସ୍ୟା ଉପରେ ସେମାନଙ୍କର କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ କରିବା ପାଇଁ ନିମନ୍ତ୍ରଣ କରିବ ଏବଂ ଜାନୁଆରୀ, ୨୦୨୫ ର ଦ୍ୱିତୀୟ ସପ୍ତାହରେ ଏଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରେଷ୍ଠ ତିନୋଟି ଚଳଚ୍ଚିତ୍ରକୁ ପୁରସ୍କାର ପ୍ରଦାନ କରାଯିବ। ଜୁରି ସଦସ୍ୟଙ୍କୁ ନେଇ ଗଠିତ ଏକ ପ୍ୟାନେଲ ୫ଟି କ୍ଷୁଦ୍ର ଚଳଚ୍ଚିତ୍ର ଚୟନ କରିବା ସହ ଭୁବନେଶ୍ୱର, ପୁରୀ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ପ୍ରାୟ ୨୫୦ରୁ ୩୦୦ ଭିନ୍ନକ୍ଷମ ପିଲାଙ୍କ ଉପସ୍ଥିତିରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ନିର୍ଦ୍ଦେଶନା, ସାଉଣ୍ଡ ଡିଜାଇନିଂ, ଏଡିଟିଂ, ସିନେମାଟୋଗ୍ରାଫି ଏବଂ କଣ୍ଟେଣ୍ଟ ରାଇଟିଂ ଫିଲ୍ଡରେ ଅତି କମରେ ଜଣେ ବିଶେଷଜ୍ଞଙ୍କ ସହ ଭିନ୍ନକ୍ଷମ କ୍ଷେତ୍ରର ଜଣେ ବିଶେଷଜ୍ଞ କିମ୍ବା ଜଣେ ମନୋବିଜ୍ଞାନୀ ରହିବେ। ମହୋତ୍ସବ ଆୟୋଜନ ପୂର୍ବରୁ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଚଳଚ୍ଚିତ୍ର ମହୋତ୍ସବ ଘୋଷଣା ଓ ଟିଜର/କ୍ଷୁଦ୍ର ଭିଡିଓ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେବ, ଯେଉଁଥିରେ ଏସ୍‌ଏସ୍‌ଇପିଡିର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଭିନ୍ନକ୍ଷମ, ସାମାଜିକ କର୍ମୀ ଓ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିବେ। ଏହି ମହୋତ୍ସବରେ ଭାଗ ନେବାପାଇଁ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ସକାଶେ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ପୋଷ୍ଟର, ପମ୍ଫ୍ଲେଟ୍ ଲଗାଯିବା ସହ ଭାରତର ସମସ୍ତ ଫିଲ୍ମ ନିର୍ମାଣ କରୁଥିବା ସମସ୍ତ କଲେଜକୁ ଇ-ମେଲ୍ ସୂଚନା ପଠାଯିବ। ଗଣମାଧ୍ୟମ କଭରେଜ୍ ମାଧ୍ୟମରେ ପ୍ରଚାର ପ୍ରସାର, ପ୍ରିଣ୍ଟ ମିଡିଆ ସହଯୋଗୀ, ଟିଭି ମିଡିଆ ସହଯୋଗୀ ଏବଂ ରେଡିଓ ଇତ୍ୟାଦି ମାଧ୍ୟମରେ କାର୍ଯ୍ୟକ୍ରମର ବ୍ୟାପକ ପ୍ରକାଶନ ଦିଗରେ କାର୍ଯ୍ୟ କରାଯିବ। (ତଥ୍ୟ)

## କୌତୁକ ପୋଷାକରେ ସଚେତନତାର ବାର୍ତ୍ତା



**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ୩୫ ତମ ପିକକ୍ ଶିଶୁମେଳା ର ଅଜିଥିଲା ଦ୍ୱିତୀୟ ସନ୍ଧ୍ୟା । ଆଜି ସନ୍ଧ୍ୟା ର ମୁଖ୍ୟ ଆକର୍ଷଣ ଥିଲା କୌତୁକ ପୋଷାକ ପ୍ରତିଯୋଗୀତା ଓ ପିଲାମାନଙ୍କର ଦେଶଭକ୍ତି ଗୀତରେ ନୃତ୍ୟ ନୃତ୍ୟ ଉତ୍ସବ। ବିଭିନ୍ନ ପ୍ରକାରର ବେଶ ପୋଷାକରେ ସୁସଜ୍ଜିତ ହୋଇ ପିଲାମାନେ ପରିବେଶ, ସାମାଜିକ ସମସ୍ୟା ଆଦି ବିଷୟ ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ । ଏହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ପ୍ରତିଯୋଗୀତାର ବିଚାରକ ଭାବେ ସୁମିତ୍ରା ତ୍ରିପାଠୀ, ଉଷାରାଣୀ ବେହେରା, ନଳିନୀ ପ୍ରଧାନ, ଅନ୍ନପୂର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଆଜି ସନ୍ଧ୍ୟାର ଅତିଥିମାନେ ଥିଲେ ଓଡିଶା ରେରାର ମେମ୍ବର ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ବିଶ୍ୱାଳ, ଆଇଏଏସ,ବରିଷ୍ଠ ସାମ୍ବାଦିକ ଯତୀନ୍ଦ୍ର ଦାସ,ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ମୀନାକ୍ଷୀ ବେହେରାଓ ସମାଜସେବୀଇପ୍ସିତା ଦାସ ପିଲାମାନଙ୍କୁ ଉତ୍ସାହିତ କରି ସେମାନଙ୍କର ଭବିଷ୍ୟତର ଉନ୍ନତି ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁମେଳା କମିଟିର ଅଧ୍ୟକ୍ଷ ପ୍ରଦୋଶ ପଟ୍ଟନାୟକ, ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଓ ଅନୁରାଧା ମହାନ୍ତି ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

SANCHAR
ସଂଚାର


### ଜୀବନ ଅମୃତ ଅନୁଚିନ୍ତା

ବନ୍ଧନ-ସଂସାରୀ ମଣିଷ କାମନାର ବନ୍ଧନରେ ବାନ୍ଧି ହୋଇଯାଏ। କିନ୍ତୁ ଈଶ୍ୱର ଅନୁଗାମୀ ବ୍ୟକ୍ତି କାମନାର ବନ୍ଧନ କାଟି ଈଶ୍ୱରଙ୍କ ଶ୍ରୀପଦରେ ଛନ୍ଦି ହୋଇଯାଏ।

# ମୌଳବାଦୀଙ୍କ ଷଡ଼ଯନ୍ତ୍ର

ଆଜିକୁ ଶହ ଶହ ବର୍ଷ ହେବ ଭାରତକୁ ଦୁର୍ବଳ ଏବଂ ବିଖଣ୍ଡିତ କରିବା ନିମନ୍ତେ ବହୁ ବିଦେଶୀ ରାଷ୍ଟ୍ର ଉଦ୍ୟମ କରିଆସିଛନ୍ତି। ଭାରତର ସମୃଦ୍ଧିକୁ ସେମାନେ ସହ୍ୟ କରିପାରି ନାହାଁନ୍ତି। ଅନେକ ମୌଳବାଦୀ ମୁସଲମାନ ମାନେ ଭାରତକୁ ଏକ ଇସଲାମିକ ରାଷ୍ଟ୍ରରେ ପରିଣତ କରିବା ପାଇଁ ଉଦ୍ୟମ କରିଛନ୍ତି। ଧର୍ମ ଭିତ୍ତିରେ ଭାରତକୁ ବିଭାଜିତ କରିବା ନିମନ୍ତେ ସେମାନେ ପ୍ରୟାସ କରିଛନ୍ତି। ସେମାନେ ଭାରତର ବୈଭବକୁ ସହ୍ୟ କରିପାରୁନାହାଁନ୍ତି। ଏବେ ବିଶ୍ୱର ବିଭିନ୍ନ ଦେଶରେ ଏବେ ହିନ୍ଦୁ ଧର୍ମାବଲମ୍ବୀଙ୍କ ଉପରେ ଆକ୍ରମଣ ହେଉଥିବା ଲକ୍ଷ୍ୟ କରାଯାଉଛି। କାନାଡ଼ାରେ ଖଲିସ୍ତାନୀମାନେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରି ଶ୍ରଦ୍ଧାଳୁମାନଙ୍କୁ ଆକ୍ରମଣ କରିଛନ୍ତି। ହିନ୍ଦୁମାନଙ୍କ ସହନଶୀଳତାକୁ ଅନେକ ଏମାନଙ୍କ ଦୁର୍ବଳତା ବୋଲି ବିଚାର କରି ଏଭଳି କରୁଛନ୍ତି। ପଡ଼ୋଶୀ ବାଂଲାଦେଶରେ ଶେଖ ହାସିନା କ୍ଷମତାଚ୍ୟୁତ ହେବା ପରେ ସେଠାରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଏବଂ ଅତ୍ୟାଚାର ବଢ଼ୁଛି। ଅନେକ ହିନ୍ଦୁଙ୍କୁ ହତ୍ୟା କରାଯାଇଛି। ଅନେକଙ୍କ ଘର ଜାଳି ଦିଆଯାଇଛି। କେବଳ କିଛି ମୌଳବାଦୀଙ୍କ ଅସହିଷ୍ଣୁତା ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ହେତୁ ଏଭଳି ଘଟୁଛି। ଏହା ଏବେ ନୁହେଁ, ବହୁ ବର୍ଷ ହେବ ଏପରି କରାଯାଉଛି। ବାଂଲାଦେଶରେ କୋଟିଏରୁ ଅଧିକ ହିନ୍ଦୁ ଅଛନ୍ତି। କିନ୍ତୁ ସେମାନେ କେବେ ଭାରତ ସପକ୍ଷରେ ନୁହେଁ, ବାଂଲାଦେଶକୁ ସମର୍ଥନ କରନ୍ତି, ନିଜ ମାତୃଭୂମିକୁ ଶ୍ରଦ୍ଧା ଏବଂ ସମ୍ମାନ କରନ୍ତି। ତଥାପି ସେମାନଙ୍କୁ ଅତ୍ୟାଚାରର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିପାଇଁ ବାଂଲାଦେଶରେ ହିନ୍ଦୁମାନଙ୍କ ସଂଖ୍ୟା ଧିରେ ଧିରେ ହ୍ରାସ ପାଉଛି। ଏହା ଜାରି ରହିଲେ ଆଗକୁ ପାକିସ୍ତାନ ଓ ଆଫଗାନିସ୍ତାନ ଭଳି ବାଂଲାଦେଶ ମଧ୍ୟ ହିନ୍ଦୁଶୂନ୍ୟ ହୋଇଯିବ। ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ଜଣେ ଅତି ଦୁର୍ବଳ ଏବଂ ଅନଭିଜ୍ଞ ନେତା। ସେ ବାଂଲାଦେଶର ହିନ୍ଦୁମାନଙ୍କ ସୁରକ୍ଷାରେ ଅସମର୍ଥ। ଶାସକ ହେବାକୁ ସେ ଜଣେ ଅଯୋଗ୍ୟ ବ୍ୟକ୍ତି। ତାଙ୍କ ହାତରେ ବାଂଲାଦେଶ ସୁରକ୍ଷିତ ନୁହେଁ। ବାଂଲାଦେଶରେ ଶେଖ ହାସିନାଙ୍କୁ କ୍ଷମତାଚ୍ୟୁତ କରିବା ନିମନ୍ତେ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା ଏବଂ ଛାତ୍ର ଆନ୍ଦୋଳନ ନାମରେ ଯେଉଁ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା ତାହା ରହସ୍ୟ ଏବେ ଧିରେ ଉନ୍ମୁକ୍ତ ହେଉଛି। ସୌଭାଗ୍ୟକୁ ହାସିନା ଭାରତ ପଳାଇ ଆସିଛନ୍ତି। ନଚେତ ସେ ଏବେ ଜେଲରେ ଥାଆନ୍ତେ। ତାଙ୍କୁ ହତ୍ୟା ବା ଫାଶୀ ଦେବା ମଧ୍ୟ ଅସମ୍ଭବ ନଥିଲା। ହାସିନାଙ୍କୁ ବିତାଡ଼ିତ କରିବା ନିମନ୍ତେ ଉଭୟ ଦେଶ ଭିତରେ ଏବଂ ବାହାରେ ଷଡ଼ଯନ୍ତ୍ର ରଚାଯାଇଥିଲା। ଦେଶର ମଧ୍ୟବର୍ତ୍ତୀକାଳିନ ସରକାରର ମୁଖ୍ୟ ମହମ୍ମଦ ୟୁନୁସ ଏହାକୁ ସ୍ୱୀକାର କରିଛନ୍ତି। କାରଣ ଥିଲା ହାସିନା ବାଂଲାଦେଶକୁ ମୌଳବାଦୀଙ୍କ କବଳରେ ପଡ଼ିବାକୁ ଦେଇନଥିଲେ। ସେ ଜଣେ ଆଧୁନୀକ ଚିନ୍ତାଧାରା ସମ୍ପନ୍ନ ନେତ୍ରୀ। ବାଂଲାଦେଶକୁ ଏକ ସଭ୍ୟ, ଧର୍ମନିରପେକ୍ଷ ଏବଂ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବାକୁ ସେ ବରାବର ପ୍ରୟାସ କରିଆସୁଥିଲେ। ତାଙ୍କର ସବୁଠାରୁ ବଡ଼ ଅପରାଧ ଥିଲା ସେ ଭାରତ ସପକ୍ଷବାଦୀ ଥିଲେ ଏବଂ ବାଂଲାଦେଶରେ ଭାରତ ବିରୋଧୀ ଶକ୍ତିକୁ ମୁଣ୍ଡ ଟେକିବାକୁ ସୁଯୋଗ ଦେଇନଥିଲେ। ଚୀନ ବା ପାକିସ୍ତାନର ଇଙ୍ଗିତରେ ସେ ପରିଚାଳିତ ହେଉନଥିଲା। ଚୀନ ବାଂଲାଦେଶକୁ ଋଣ ଯନ୍ତାରେ ପକାଇବାକୁ ବହୁବାର ଉଦ୍ୟମ କରିଥିଲା। କିନ୍ତୁ ସେ ଏହାକୁ ସୁଯୋଗ ଦେଇନଥିଲେ। ଏକ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ସ ବାଂଲାଦେଶକୁ ଗଢ଼ିବା ନିମନ୍ତେ ପ୍ରୟାସ କରୁଥିଲେ। ଏହାକୁ ଅନେକ ସହ୍ୟ କରିନପାରି ହାସିନାଙ୍କୁ ବିଦା କରିବାକୁ ପ୍ରୟାସ କରିଥିଲେ। ସେଥିରେ ସେମାନେ ସଫଳ ହେଲେ। ମହମ୍ମଦ ୟୁନୁସ ଏବେ ସେମାନଙ୍କ ହାତରେ ଜଣେ ଖେଳଣା ଭଳି ହୋଇଛନ୍ତି। ନିଜସ୍ୱ ନିଷ୍ପତ୍ତି ନେବାର ଅଧିକାର ବା କ୍ଷମତା ତାଙ୍କର ନାହିଁ। ତାଙ୍କ କଥାକୁ ମଧ୍ୟ କେହି ମାନିବାକୁ ପ୍ରସ୍ତୁତ ନାହାଁନ୍ତି। ଏବେ ବାଂଲାଦେଶରେ ଏକ ନୂଆ ଉଦ୍ୟମ ଆରମ୍ଭ ହୋଇଛି। ଦେଶର ସମ୍ବିଧାନରୁ ଧର୍ମନିରପେକ୍ଷ ଶବ୍ଦ ହଟାଇବାକୁ ପ୍ରସ୍ତାବ ଆସିଛି। ବାଂଲାଦେଶର ଆଟର୍ଣ୍ଣି ଜେନରାଲ ଏହି ପ୍ରସ୍ତାବ ରଖିଛନ୍ତି। ତାଙ୍କ କହିବାନୁଯାୟୀ ଦେଶର ମୋଟ ଜନସଂଖ୍ୟାର ୯୦ ପ୍ରତିଶତ ହେଉଛନ୍ତି ମୁସଲମାନ। ତେଣୁ ଏହାକୁ ଧର୍ମନିରପେକ୍ଷ ରାଷ୍ଟ୍ର ପରିବର୍ତ୍ତେ ଏକ ମୁସଲମାନ ରାଷ୍ଟ୍ର ବୋଲି କୁହାଯିବା ଉଚିତ। ଏହା ସହିତ ବାଂଲାଦେଶର ପ୍ରତିଷ୍ଠାତା ଶେଖ ମୁଜିବୁର ରହମାନଙ୍କୁ ଦିଆଯାଇଥିବା ସ୍ୱୀକୃତି ବା ସମ୍ମାନକୁ ପ୍ରତ୍ୟାହାର କରିନେବାକୁ ମଧ୍ୟ ପ୍ରସ୍ତାବ ଆସିଛି। ଏଥିରୁ ହାସିନାଙ୍କୁ ବିଦା କରିବା ପଛରେ ମୌଳବାଦୀଙ୍କ ଅସଲ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଇଛି। ହାସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ ପଦରେ ଥିଲା ପର୍ଯ୍ୟନ୍ତ ଏହା ସମ୍ଭବ ହୋଇନଥାନ୍ତା। ତେଣୁ ତାଙ୍କୁ ପ୍ରଥମେ କ୍ଷମତାରୁ ବିଦା କରାଗଲା। ହାସିନା ବିଦା ହେବା ପରେ ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ଅତ୍ୟାଚାର ବଢ଼ିଛି। ଅନେକ ହିନ୍ଦୁଙ୍କୁ ହତ୍ୟାର ଶିକାର ହେବାକୁ ପଡ଼ିଛି। ବାଂଲାଦେଶରେ ହିନ୍ଦୁଙ୍କ ସଂଖ୍ୟା ବେଶ ଅଧିକ। ହାସିନାଙ୍କ ଶାସନ କାଳରେ ସେମାନେ ବେଶ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରୁଥିଲେ। ହାସିନାଙ୍କ ଶାସନ କାଳରେ ହିନ୍ଦୁମାନଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର ହୋଇଛି। ଅନେକ ସମୟରେ ମିଛ ପ୍ରଚାର କରାଯାଇ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରାଯାଇଛି। କିନ୍ତୁ ଏହା ବିଫଳ ହୋଇଛି। କାରଣ ସରକାର ଏହାକୁ ପ୍ରଶ୍ରୟ ଦେଇନଥିଲେ। ଏବେ ହାସିନାଙ୍କୁ ବିଦା କରିବା ପରେ ବାଂଲାଦେଶକୁ କବଳିତ କରିବା ନିମନ୍ତେ ମୌଳବାଦୀମାନେ ଜବରଦସ୍ତ ପ୍ରୟାସ ଆରମ୍ଭ କରିଛନ୍ତି। ପାକିସ୍ତାନ ଏବଂ ଆଫଗାନିସ୍ତାନ ଭଳି ବାଂଲାଦେଶକୁ ଏକ ଇସଲାମିକ ରାଷ୍ଟ୍ରଭାବେ ଗଢ଼ିବା ନିମନ୍ତେ ପ୍ରୟାସ କରାଯାଉଛି। ଭାରତକୁ ଘେରିବା ନିମନ୍ତେ ଏଭଳି କରାଯାଉଛି। ପାକିସ୍ତାନ ତୁଳନାରେ ବାଂଲାଦେଶର ଅର୍ଥନୀତି ବେଶ ସୁଦୃଢ଼ ଏବଂ ଏହା ଦକ୍ଷିଣ ଏସିଆର ଏକ ପ୍ରମୁଖ ରାଷ୍ଟ୍ରର ମାନ୍ୟତା ପାଇଛି। ଏହାକୁ ଏବେ ପଛକୁ ଟାଣିବା ନିମନ୍ତେ ପ୍ରୟାସ କରାଯାଉଛି। ବାଂଲାଦେଶରେ ମୌଳବାଦୀଙ୍କ ଏଭଳି ପ୍ରୟାସ ଉପରେ ଭାରତ ସତର୍କ ଦୃଷ୍ଟି ରଖିବା ଉଚିତ। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ସୁରକ୍ଷା ସହିତ ସେଠାରେ ଭାରତ ବିରୋଧୀ ଷଡ଼ଯନ୍ତ୍ର ଯେପରି ସଫଳ ନହୁଏ, ସେଥିପ୍ରତି ଭାରତ ସତର୍କତାର ସହ ପଦକ୍ଷେପ ନେବା ଉଚିତ। ବାଂଲାଦେଶ ଭଳି ପାକିସ୍ତାନ, ଆଫଗାନିସ୍ତାନରେ ମଧ୍ୟ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢ଼ୁଛି। ପାକିସ୍ତାନରେ ଗତ ୭୦ ବର୍ଷ ଭିତରେ ହଜାର ହଜାର ହିନ୍ଦୁ ମନ୍ଦିର, ପୁରାତନ ଏତିହ୍ୟକୁ ନଷ୍ଟ କରାଯାଇଛି। ଅନେକ ହିନ୍ଦୁଙ୍କୁ ବଳପ୍ରୟୋଗ କରି ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରାଯାଇଛି। ଅନେକ ହିନ୍ଦୁ ଯୁବତୀଙ୍କୁ ଅପହରଣ କରି ମୁସଲମାନ ବ୍ୟକ୍ତିମାନେ ବିବାହ କରିଛନ୍ତି ଏବଂ ସେମାନଙ୍କୁ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ଏବେ ସୁଦୁର କାନାଡ଼ାରେ ମଧ୍ୟ ଏଭଳି ଅନେକ ଘଟଣା ଦୃଷ୍ଟିକୁ ଆସିଛି। କାନାଡ଼ାରେ ଅନେକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରାଯାଉଛି, ଭଙ୍ଗାରୁଜା ସହ ହିନ୍ଦୁ ଶ୍ରଦ୍ଧାଳୁମାନଙ୍କୁ ଆକ୍ରମଣ କରାଯାଉଛି। ଏହା ପଛରେ କଲିସ୍ତାନୀ ସମର୍ଥକ ଏବଂ ବିଚ୍ଛିନ୍ନତାବାଦୀଙ୍କ ହାତ ରହିଛି। କାନାଡ଼ାରେ ବହୁ ଶିଖ ଧର୍ମାବଲମ୍ବୀ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅନେକ କାନାଡ଼ାର ନାଗରିତ୍ୱ ଗ୍ରହଣ କରିଛନ୍ତି। ବିଭିନ୍ ପ୍ରକାର ବ୍ୟବସାୟ କରି ସେମାନେ କାନାଡ଼ାର ଏକ ଧନୀ ବର୍ଗ ଭାବେ ବିବେଚିତ ହେଉଛନ୍ତି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ କିଛି ଧନୀ ଶିଖ ଧର୍ମାବଲମ୍ବୀ ଭାରତରେ ଖଲିସ୍ତାନ ଆନ୍ଦୋଳନକୁ ସହାୟତା ଏବଂ ସହଯୋଗ କରିଆସୁଛନ୍ତି। ଭାରତରେ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପ ପଛରେ ସେମାନଙ୍କ ହାତ ରହିଛି। ସେହିମାନେ ହିଁ କାନାଡ଼ାରେ ହିନ୍ଦୁଙ୍କ ପ୍ରତି ଘୃଣାର ବାତାବରଣ ସୃଷ୍ଟି କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ନିଜକୁ ଏକ ସଭ୍ୟ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ଦାବି କରୁଥିବା କାନାଡ଼ା ସରକାର ଏହା ବିରୋଧରେ କୌଣସି ପଦକ୍ଷେପ ନେଉ ନାହାଁନ୍ତି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ସମର୍ଥନ ଏବଂ ସୁରକ୍ଷା ପ୍ରଦାନ କରୁଛନ୍ତି। କାନାଡ଼ାର ହିନ୍ଦୁସମ୍ପ୍ରଦାୟକୁ ଟ୍ରୁଡୋ ସରକାର ସୁରକ୍ଷା ପ୍ରଦାନରେ ବ୍ୟର୍ଥ ହୋଇଛନ୍ତି। ମାନବାଧିକାର କଥା କହୁଥିବା ଟ୍ରୁଡୋ ସରକାର ଏହାକୁ ଅଣଦେଖା କରି ଭାରତ ସରକାରଙ୍କ ମୁଣ୍ଡରେ ଅଯଥା ଅଠାବୋଳୁଛନ୍ତି। କେବଳ କାନାଡ଼ା ନୁହେଁ, ଆମେରିକାରେ ମଧ୍ୟ ଏଭଳି ଘଟଣା ଘଟୁଛି। ଅନେକ ସ୍ଥାନରେ ହିନ୍ଦୁ ମନ୍ଦିର, ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତୀ ଭଙ୍ଗାଯାଉଛି। ଏହା ପଛରେ ଭାରତ ବିରୋଧୀ ଶକ୍ତିଙ୍କ ହାତ ରହିଛି। ଏବେ ସମୟ ଆସିଛି ଭାରତ ଏବଂ ଭାରତ ବାହାରେ ବସବାସ କରୁଥିବା ହିନ୍ଦୁମାନେ ନିଜ ସମ୍ମାନ ଏବଂ ସୁରକ୍ଷା ପାଇଁ ଏକଜୁଟ ହେବା ଉଚିତ। କୌଣସି ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀଙ୍କ ବିରୋଧରେ ଅଭିଯୋଗର ଆବଶ୍ୟକତା ନାହିଁ। ଅଳ୍ପ କିଛି ଶିଖ ବା ମୁସଲମାନ ଧର୍ମାବଲମ୍ବୀଙ୍କ ପାଇଁ ପୁରା ସମୁଦାୟକୁ ଦୋଷ ଦେବା ଅନୁଚିତ। ହିନ୍ଦୁମାନଙ୍କ ସୁରକ୍ଷାରେ ଶିଖ ଓ ମୁସଲମାନ ଧର୍ମାବଲମ୍ବୀଙ୍କ ସହଯୋଗ ମଧ୍ୟ ଆବଶ୍ୟକ। ଜାତି ଧର୍ମ ନିର୍ବିଶେଷରେ ସବୁ ଭାରତୀୟଙ୍କ ସୁରକ୍ଷା ନିମନ୍ତେ ସମସ୍ତେ ଏକାଠି ହେବା ଉଚିତ। କାନାଡ଼ା ହେଉ ଅଥବା ବାଂଲାଦେଶ, ସେଠାରେ ବସବାସ କରୁଥିବା ହିନ୍ଦୁମାନେ ସେଠାକାର ନାଗରିକ ହୋଇପାରନ୍ତି। ସେଠାକାର ଆଇନ ଶୃଙ୍ଖଳା ପରିସ୍ଥିତି ସେ ଦେଶର ଆଭ୍ୟନ୍ତରୀଣ ବ୍ୟାପାର। ଏଥିରେ ଭାରତ ସରକାର ମୁଣ୍ଡ କେଳାଇନପାରନ୍ତି। କିନ୍ତୁ ମାନବାଧିକାର ସୁରକ୍ଷା ସବୁ ଜାତି, ଧର୍ମ ବା ରାଷ୍ଟ୍ରିୟତାରୁ ଉର୍ଦ୍ଧ୍ୱରେ। ହିନ୍ଦୁ ହୁଅନ୍ତୁ, ବା ମୁସଲାମନ ଯେଉଁଠି ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ହେଉଛି, ଅନ୍ୟାୟ ଅତ୍ୟାଚାର ବଢ଼ୁଛି, ମୌଳବାଦୀମାନେ ହତ୍ୟା କରୁଛନ୍ତି, ସେଠାରେ ପ୍ରତିବାଦର ସ୍ୱର ଉଠାଇବା ଏବଂ ନ୍ୟାୟ ଦାବି କରିବା ସମସ୍ତଙ୍କର ଧର୍ମ ଏବଂ କର୍ତ୍ତବ୍ୟ।

# ଆମ ସଂସ୍କୃତି ଆମ ପରମ୍ପରା



**କାଳି ଦାସ**

ପ୍ରତ୍ୟେକ ବର୍ଷ କାର୍ତ୍ତିକ ମାସ ଆସିଗଲେ ସାଧାରଣ ଲୋକ ମାନଙ୍କ ଭିତରେ ଏକ ସଂଯମ ଜୀବନ ଯାପନ ପାଇଁ ଉତ୍ସାହ ବଢି ଥାଏ। ଧର୍ମ ପାଳନ ମୁଖ୍ୟ ଉଦ୍ଦେଶ୍ୟ ହେଲା ନିଜର ଇନ୍ଦ୍ରିୟ ଓ ମନ କୁ ଯେତେ ସମ୍ଭବ ସଂଯମ କରିବା। ଜଣେ ସଂଯମି ମଣିଷ ଅନ୍ୟ ମାନଙ୍କ ପାଇଁ ଆଦର୍ଶ ରନମୁନା ହୋଇ ଠିଆ ହୁଏ। ସମସ୍ତ ଇନ୍ଦ୍ରିୟ ସହିତ ମନ କୁ ସଂଯମ କରିବା ଏକ କଠିନ କାର୍ଯ୍ୟ। କାରଣ ଆମେ ଆମର ମନର ଗୋଲାମ। ମନ କୁ ମଧ୍ୟ ନିଜ ର ଅଧିନ କରିହେବ। ଏ ବିଶ୍ୱାସ ମଧ୍ୟ ଆମ ପାଖରେ ନଥାଏ। କିନ୍ତୁ ଆମ ପୂର୍ବ ପୁରୁଷ ମାନେ ଏମିତି ଏକ ମହତ ଜୀବନ ଯାପନ ର ଦୃଷ୍ଟାନ୍ତ ଆମ ଆଗରେ ରଖି ଦେଇଛନ୍ତି ଯାହା ଯୁଗ ଯୁଗ ଧରି ଆମକୁ ଭଲ ମଣିଷ ହେବାପାଇଁ ମାର୍ଗ ଖୋଲା ରଖିଛି। ଭାରତ ରେ ବିଭିର୍ନ୍ନ ଧର୍ମ ର ଲୋକ ବସ ବାସ କରନ୍ତି ଏବଂ ନିଜ ନିଜର ପର୍ବ ପର୍ବାଣି କୁ ହର୍ଷ ଓ ଉଲ୍ଲାସ ରେ ପାଳନ କରନ୍ତି। କାର୍ତ୍ତିକ ପୂର୍ଣ୍ଣିମା ହେଲା ହିନ୍ଦୁ ଶିଖ ଏବଂ ଜୈନ ଧର୍ମ ଅବଲମ୍ବନ କରିଥିବା ଲୋକଙ୍କ ଉତ୍ସବ। କାର୍ତ୍ତିକ ପୂର୍ଣ୍ଣିମା ନଭେମ୍ବର କିମ୍ବା ଡ଼ିସେମ୍ବର ମାସ ରେ ପଡ଼ିଥାଏ। ଦୀପାବଳି ର ୧୫ ଦିନ ପରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଇଥାଏ। କାର୍ତ୍ତିକ ପୂର୍ଣ୍ଣିମା କୁ ତ୍ରିପୁରାରି ପୂର୍ଣ୍ଣିମା ଏବଂ ଦେବ ଦୀପାବଳୀ ମଧ୍ୟ କୁହାଯାଏ। କାର୍ତ୍ତିକ ପୂର୍ଣ୍ଣିମା ଦକ୍ଷିଣ ଭାରତ ଏବଂ ଶ୍ରୀଲଙ୍କା ରେ ମଧ୍ୟ ପାଳନ କରାଯାଇଥାଏ। କାର୍ତ୍ତିକ ମାସ ରେ ମୁଖ୍ୟତଃ ବିଷ୍ଣୁଙ୍କ ଆରାଧାନା କରାଯାଇଥାଏ। ହିନ୍ଦୁ ମାନଙ୍କର ଚତୁର୍ମାସ୍ୟା ଏକ ଧାର୍ମିକ ସମୟ।ଶ୍ରାବଣ, ଭାଦ୍ରବ, ଅଶ୍ୱିନ ଓ କାର୍ତ୍ତିକ ଚାରି ମାସ କୁ ଧରି ଚତୁର୍ମାସ୍ୟା ହୁଏ। ଚତୁର୍ମାସ୍ୟା ର ଶେଷ ମାସ ହେଲା କାର୍ତ୍ତିକ ମାସ। ଚତୁର୍ମାସ୍ୟା ରେ ହିନ୍ଦୁମାନେ ଆଧ୍ୟାତ୍ମିକ ସାଧନା ରେ ନିଜକୁ ନିଯୋଜିତ କରିଥାନ୍ତି। ମଣ୍ଡୁକ ଉପନିଷଦ ରେ କୁହାଯାଇଛି ଯେ ଏହି ଚତୁର୍ମାସ୍ୟା ରେ ଦ୍ରଷ୍ଟା ବା ସନ୍ଥ ମାନେ ନିଜ ରହୁଥିବା ସ୍ଥାନ କୁ ଛାଡି ସାଧାରଣ ଗୃହସ୍ଥଙ୍କୁ ଜ୍ଞାନ ଦେବାପାଇଁ ଆଗେଇ ଆସିଥାନ୍ତି। ବୈଷ୍ଣବ ମାନଙ୍କ ପାଇଁ କାର୍ତ୍ତିକ ମାସ ଏବଂ କାର୍ତ୍ତିକ ପୂର୍ଣ୍ଣିମା ର ମହତ୍ୱ ରହିଛି। କୁହାଯାଏ ଏହି ସମୟ ରେ ରାଧା କୃଷ୍ଣ ଗୋପୀମାନଙ୍କୁ ନେଇ ରାସ ଲୀଳା କରିଥିଲେ। ରାଧା କୃଷ୍ଣମନ୍ଦିର ରେ ରାସଲୀଳା ଆଜି ମଧ୍ୟ ଭକ୍ତଙ୍କ ଦ୍ୱାରା ଦେଖିବା କୁ ମିଳିଥାଏ। ତୁଳସୀ ଚଉରା ଚାରି ପଟେ ବୁଲି ମହିଳା ମାନେ ନୃତ୍ୟ କରିଥାନ୍ତି।

ତୁଳସୀ ଗଛର ମାହାତ୍ମ୍ୟ କାର୍ତ୍ତିକ ମାସ ରେ ବେଶ ଦେଖାଯାଇଥାଏ। ସକାଳୁ ମହିଳାମାନେ ଉଠି ତୁଳସି ଗଛ ର ଚାରି ପଟେ ସଫାକାରିଥାନ୍ତି, ସେଥିରେ ପଞ୍ଚମୁରୁଜ ରେ ବିଭିର୍ନ୍ନ ପ୍ରକାର ଚିତା ପକାଇ ଥାନ୍ତି।ମୁଖ୍ୟତଃ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଛବି ଆଙ୍କିଥାନ୍ତି। କାର୍ତ୍ତିକ ମାସ ଏକ ଧର୍ମ ମାସ ସେଥିପାଇଁ ସକାଳୁ ଉଠି ଲୋକମାନେ ସ୍ନାନ କରିଥାନ୍ତି, ଦାନ କରିଥାନ୍ତି ଓ ମାସ ମାସ ସାରା ସାତ୍ୱିକ ଭୋଜନ କରିଥାନ୍ତି।

କାର୍ତ୍ତିକ ମାସ ରେ ବିଷ୍ଣୁଙ୍କର ଓ ଶିବଙ୍କର ଆରାଧନା କରାଯାଇଥାଏ। କାର୍ତ୍ତିକ ମାସ ରେ ଯେତେବେଳେ ରୋହିଣି ନକ୍ଷେତ୍ର ପଡ଼ିଥାଏ ସେତେବେଳେ ଭଗବାନ କୃଷ୍ଣଙ୍କୁ ପୂଜା କରାଯାଏ। ଲୋକଙ୍କ ବିଶ୍ୱାସ ଅଛି ଯେ ଏହା ଦ୍ୱାରା ପ୍ରାଚୁର୍ଯ୍ୟ ମିଳିଥାଏ। ଓଡିଶା ର ଇଷ୍ଟ ଦେବତା ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶହ ଶହ ଭକ୍ତ ପୁରୀ ଯାଇଥାନ୍ତି। ଚାରିଧାମ ଭିତରେ ଶ୍ରେଷ୍ଟ ଧାମ ହେଲା ପୁରୀ। କାର୍ତ୍ତିକ ମାସ ରେ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରି ଜଗନ୍ନାଥଙ୍କ ଅଭଡା ଖାଇ ନିଜ କୁ ଧନ୍ୟ ମନେ କରନ୍ତି।ଅଁଳା ନବମୀ ରେ ରାଧାପାଦ ଦର୍ଶନ ର ସ୍ୱତନ୍ତ୍ର ମହତ୍ୱ ରହିଛି। ମାଳତି ଫୁଲ କୁ ରାଧାଙ୍କ ପାଦ ରେ ରଖି ଶ୍ରଦ୍ଧାଳୁମାନେ ରାଧା କୃଷ୍ଣଙ୍କର ଆଶୀର୍ବାଦ ନେଇଥାନ୍ତି।

କାର୍ତ୍ତିକ ପୂର୍ଣ୍ଣିମା କୁ ତ୍ରିପୁରାରି ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ଦିନ ଭଗବାନ ଶିବ ତ୍ରିପୁରାସୁର କୁ ବଧ କରିଥିଲେ। ଏକମାତ୍ର ଶର ରେ ତ୍ରିପୁରାସୁର ର ଅନ୍ତ ହୋଇଥିଲା ଏବଂ ଦେବତା ମାନେ ଖୁସି ହୋଇ ଦୀପାବଳି ପାଳନ କରିଥିଲେ ତେଣୁ କାର୍ତ୍ତିକ ପୂର୍ଣ୍ଣିମା କୁ ଦେବଦୀପାବଳି ମଧ୍ୟ କୁହାଯାଏ। ଶିଖ ମାନଙ୍କ ଗୁରୁ, ଗୁରୁ ନାନକଙ୍କ ଜନ୍ମ କାର୍ତ୍ତିକ ପୂର୍ଣ୍ଣିମା ଦିନ ହୋଇଥିଲା ତେଣୁ ଶିଖ ମାନଙ୍କ ଦ୍ୱାରା କାର୍ତ୍ତିକ ପୂର୍ଣ୍ଣିମା କୁ "ଗୁରୁପରବ" ରୂପେ ପାଳନ କରାଯାଇଥାଏ। ଜୈନଙ୍କ ପାଇଁ କାର୍ତ୍ତିକ ପୂର୍ଣ୍ଣିମା ର ବହୁତ ମହତ୍ୱ ରହିଛି। ଏହି ଦିନ ସେମାନେ ତୀର୍ଥ ଯାତ୍ରା କରିଥାନ୍ତି। ୨୧୬ କିମି ପାହାଡୀ ରାସ୍ତା ରେ ଯାଇ ଭଗବାନ ଆଦିନାଥଙ୍କ ଦର୍ଶନ କରିଥାନ୍ତି। ଭଗବାନଙ୍କ ବିଭିର୍ନ୍ନ ଅବତାର ମଧ୍ୟ ରୁ ମତ୍ସ୍ୟ ଅବତାର ହେଲା ପ୍ରଥମ ଅବତାର ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ। ଓଡିଶା ରେ ଓ ଓଡିଆ ଲୋକମାନଙ୍କପାଇଁ କାର୍ତ୍ତିକ ପୂର୍ଣ୍ଣିମା ର ମହତ୍ୱ ସବୁଠାରୁ ନିଆରା। ଓଡିଆ ସାଧବ ପୁଅ ମାନେ ଏହି ଦିନ ବୋଇତ ନେଇ ବିଭିର୍ନ୍ନ ଦେଶ କୁ ଯାଉଥିଲେ ଏବଂ ସେଇଠୁ ଧନ ରତ୍ନ ନେଇଆସୁଥିଲେ। ସେମାନେ ମୁଖ୍ୟତଃ ବାଲି, ଜାଭା, ସୁମିତ୍ରା, ଶ୍ରୀଲଙ୍କା, ଥାଇଲେଣ୍ଡ ଓ କୋମ୍ବୋଡିଆ ରାଜ୍ୟ କୁ ଯାଇ ବ୍ୟେବସାୟ କରୁଥିଲେ। ମୌର୍ଯ୍ୟ ଶାସକଙ୍କ ସମୟ ରେ ଓଡିଶା ର ସାଧବ ପୁଅ ମାନେ ବାଣିଜ୍ୟ ବେପାର କରୁଥିଲେ ଏବଂ ଓଡିଶା ଗୋଟିଏ ସମୃଦ୍ଧ ରାଜ୍ୟ ଥିଲା। ଓଡିଶା ରେ ଏହି ସମୟ ରେ ମୌସମୀ ବିଦାୟ ନେଇ ଥାଏ। ସମୁଦ୍ର ରେ ଯାତ୍ରା କରୁଥିବା ସାଧବ ପୁଅଙ୍କୁ ଝଡବତାସ ର ଭୟ ନଥାଏ। ସେଥିପାଇଁ ଏହି ସମୟ କୁ ସେମାନେ ବାଛିଥାନ୍ତି। ସେହି ସ୍ମୃତି କୁ ବଞ୍ଚାଇ ରଖିବା ପାଇଁ ଆଜି ମଧ୍ୟ ବୋଇତ ବନ୍ଦାଣ ଉତ୍ସବ ହେଉଛି। ଲୋକମାନେ ନିକଟସ୍ଥ ନଦୀ ପୋଖରୀ ପାଖକୁ ଯାଇ ବୋଇତ ଭସାଇଥାନ୍ତି। ନଡିଆ, ଫଳ, ମିଠା ପୂଜା କରୁଛନ୍ତି। ପ୍ରାଚୀନ କାଳ ରେ ସାଧବ ଝିଅ ବହୁ ନଦୀକୂଳ ରେ ଏହି ପୂଜା କରୁଥିଲେ। ବୋଇତ କୁ ବନ୍ଦାପନା କରୁଥିଲେ। ଘର ର ପୁରୁଷମାନେ ନିଜ ଯାତ୍ରା ରେ ସଫଳ ହୋଇ ସୁରକ୍ଷିତ ଫେରିଆସିବେ ସେଥିପାଇଁ ଜଳ ଦେବତାଙ୍କୁ ପୂଜା କରୁଥିଲେ। ଆଜି ବୋଇତ ବନ୍ଦାଣ ଆମପାଇଁ ଉତ୍ସବ ହୋଇଯାଇଛି। ଏହା ଓଡିଶା ର ଏକ ଗୌରବମୟ ଇତିହାସ। ବିଭିର୍ନ୍ନ ସ୍ଥାନ ରେ ବୋଇତ ବନ୍ଦାଣ ର ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା କୁ ମିଳୁଛି। ସାଧବ ପୁଅଙ୍କ ବଣିଜ ବେପାର କୁ ନେଇ ଅନେକ କାହାଣୀ ଗଳ୍ପ ଉପନ୍ୟାସ ଓ କବିତା ଆମ ସାହିତ୍ୟ ରେ ଦେଖିବା ମିଳିଛି।


ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋବାଇଲ୍: ୭୨୦୫୧୦୦୮୩୯


# ନିର୍ବାଚନ ଇସ୍ତାହାର ପାଳନ କରିବା ଟ୍ରମ୍ପଙ୍କ ପ୍ରଥମ ଲକ୍ଷ୍ୟ



**କିଶୋର ଚନ୍ଦ୍ର ବେହେରା**

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି କେବଳ ଯେ ନିଜ ଦେଶର ସର୍ବୋଚ୍ଚ ଶକ୍ତିଶାଳୀ ପଦାଧିକାରୀ ନୁହନ୍ତି, ସେ ସାରା ବିଶ୍ୱର ସର୍ବୋଚ୍ଚ ମାନ୍ୟତା ପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଟନ୍ତି। ରାଷ୍ଟ୍ରପତି ପଦବୀ କେବଳ ଜାତୀୟ ଶକ୍ତି ଓ ଗୌରବର ପ୍ରତିକ ନୁହେଁ, ବିଶ୍ୱ ରାଜନୈତିକ ନେତୃତ୍ୱର ଅନୌପଚାରିକ ପ୍ରତୀକ ମଧ୍ୟ। ବିଶ୍ୱର ସମସ୍ତ ରାଷ୍ଟ୍ରର ମୁଖ୍ୟଙ୍କ କ୍ଷମତା ତୁଳନାରେ ଆମେରିକା ରାଷ୍ଟ୍ରପତି ଅଧିକ କ୍ଷମତାଶାଳୀ ଓ ଜନପ୍ରିୟ। ସଂବିଧାନର ଦିତୀୟ ଧାରାରେ ଦେଶର ସମସ୍ତ କାର୍ଯ୍ୟପାଳକ କ୍ଷମତା ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ କରାଯାଇଛି। ଶାସନର ରୂପରେଖ ଅନ୍ୟ ରାଷ୍ଟ୍ର ତୁଳନାରେ ଭିନ୍ନ , ଭାରତ ଓ ଇଂଲଣ୍ଡ ଭଳି ରାଷ୍ଟ୍ରମାନଙ୍କରେ ସଂସଦୀୟ ଶାସନ ବ୍ୟବସ୍ଥା ପ୍ରଚଳିତ ଥିଲାବେଳେ ଆମେରିକାର ରାଷ୍ଟ୍ରପତୀୟ ସରକାର ପରବର୍ତ୍ତୀ ସମୟରେ ଅନେକ ରାଷ୍ଟ୍ର ନିମନ୍ତେ ଆଦର୍ଶକଳ୍ପ ପାଲଟିଗଲା। ଯୁକ୍ତରାଷ୍ଟ୍ର ଆମେରିକା ହେଉଛି ଏକ ସଂଘୀୟ ଗଣତନ୍ତ୍ର ଯେଉଁଥିରେ ଦ୍ୱିପାକ୍ଷିକ ବ୍ୟବସ୍ଥାପିକା ସଭା ଅନ୍ତର୍ଭୁକ୍ତ। ଏହା ଏକ ଉଦାରବାଦୀ ଗଣତନ୍ତ୍ର ଏବଂ ବଜାର ଅର୍ଥନୀତି, ମାନବିକ ଅଧିକାର, ଜୀବନଶୈଳୀ, ଆୟ ଏବଂ ଧନ, ଅର୍ଥନୈତିକ ପ୍ରତିଦ୍ୱନ୍ଦ୍ୱିତା ଏବଂ ଶିକ୍ଷାର ଆନ୍ତର୍ଜାତୀୟ ପଦକ୍ଷେପଗୁଡ଼ିକରେ ଏହା ଏକ ଉଚ୍ଚ ସ୍ଥାନ ଅଧିକାର କରିଛି ଏବଂ ଏଥିରେ ନିମ୍ନ ସ୍ତରର ଭ୍ରଷ୍ଟାଚାର ଅଛି। ଏକକ କାର୍ଯ୍ୟପାଳିକା, କ୍ଷମତା ପୃଥକୀକରଣ, ନିର୍ବାଚିତ ନିର୍ଦ୍ଦିଷ୍ଟ କାର୍ଯ୍ୟପାଳିକା, ସ୍ଥିର କାର୍ଯ୍ୟକାଳ, ଦୂରଦୃଷ୍ଟି ରାଜନୈତିକ ପରିକଳ୍ପନା, ଅଣ-ଉତରଦାୟୀ ଓ ପରାମର୍ଶଦାୟୀ କ୍ୟାବିନେଟ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଥାଏ। ରାଷ୍ଟ୍ରପତି ଏତେ କ୍ଷମତାଶାଳୀ ଯେ କେବଳ ମହାଅଭିଯୋଗ ପ୍ରସ୍ତାବ ଦୁଇ - ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କଲେ ହିଁ ନିଜ ପଦବୀରୁ ବହିଷ୍କାର ହୋଇଥାନ୍ତି। ଏହି ପ୍ରକ୍ରିୟା ଜଟିଳ ହୋଇଥିବାରୁ ୧୭୮୯ ମସିହାରୁ ଆଜି ପର୍ଯ୍ୟନ୍ତ କୌଣସି ରାଷ୍ଟ୍ରପତି ବହିସ୍କାର ହୋଇନାହାନ୍ତି। ୧୮୬୮ରେ ରାଷ୍ଟ୍ରପତି ଆଣ୍ଡ୍ରୁ ଜନସନଙ୍କ ମହାଅଭିଯୋଗ ପ୍ରସ୍ତାବ ମାତ୍ର ଗୋଟିଏ ଭୋଟରେ କାଟ ଖାଇଥିଲା। ୧୯୯୮ ମସିହାରେ ବିଲ୍ କ୍ଲିଣ୍ଟନଙ୍କ ବହିସ୍କାର ପ୍ରସ୍ତାବ ମଧ୍ୟ ସଂଖ୍ୟା ଗରିଷ୍ଠତା ସମର୍ଥନ ଅଭାବରୁ କାଟ ଖାଇଥିଲା। ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ ପାଳିରେ ୨୦୧୯ ଓ ୨୦୨୦ରେ ଦୁଇଥର ମହାଭିଯୋଗ ପ୍ରସ୍ତାବ ଆଗତ ହୋଇଥିଲା କିନ୍ତୁ ସଂଖ୍ୟା ଗରିଷ୍ଠତା ଅଭାବରୁ ତାହା କାଟ ଖାଇଥିଲା। ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟଥର ପାଇଁ ଐତିହାସିକ ବିଜୟ ସହ ୧୩୧ ବର୍ଷର ଇତିହାସ ଭାଙ୍ଗିବା ସହ ରାଜନୀତି କ୍ଷେତ୍ରରେ ବିଶ୍ୱରେ ଚର୍ଚ୍ଚିତ। ଆମେରିକାର ଇତିହାସରେ ୭୮ ବର୍ଷୀୟ ଟ୍ରମ୍ପ ବୟସ୍କ ବ୍ୟକ୍ତି ଭାବେ ରାଷ୍ଟ୍ରପତି ହୋଇଛନ୍ତି। ଆସନ୍ତା ୨୦ ଜାନୁଆରୀ ୨୦୨୫ରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଶପଥ ନେବେ। ଟ୍ରମ୍ପଙ୍କ ବିଜୟକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ବ୍ରିଟେନ ପ୍ରଧାନମନ୍ତ୍ରୀ କେରି ଷ୍ଟର୍ମର, ଇସ୍ରାଏଲ ପ୍ରତିପକ୍ଷ ବେଞ୍ଜାମିନ ନେତାନ୍ୟାହୁ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିସ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକାଁର ଓ ୟୁକ୍ରେନ ରାଷ୍ଟ୍ରପତି ଜେଲନସ୍କ ଟ୍ରମ୍ପଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପଟେ ଦିତୀୟ ପାଳିର ନବନିର୍ବାଚିତ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରତିଶ୍ରୁତି ଆମେରିକାକୁ ଫେରିବ ସ୍ୱର୍ଣ୍ଣିମ ଯୁଗ। ନିର୍ବାଚନ ସମୟରେ ଜାରି କରାଯାଇଥିବା ନିର୍ବାଚନୀ ଇସ୍ତାହାରକୁ ସଫଳ କରାଯିବା ପାଇଁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ନିଜର କୃତଜ୍ଞତା



ଅଭିଭାଷଣରେ ଜନସାଧାରଣଙ୍କୁ ଉଦବୋଧିତ କରିଛନ୍ତି।

ବିଶ୍ୱନେତାଙ୍କ ପ୍ରଶଂସାର ଛୁଅ ଛୁଟୁ ଥିଲାବେଳେ ଆମେରିକାରେ ବେଆଇନ ପ୍ରବେଶକୁ ରୋକାଯିବ ଓ ଆମେରିକା ଭାରତର ସର୍ବବୃହତ ବାଣିଜ୍ୟିକ ସହଯୋଗୀ ହେବା ସହ ବାର୍ଷିକ ୧୯୦ ବିଲିୟନ ଡଲାର କାରବାର ହୋଇପାରିବ। ରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଚାର ସମୟରୁ ହିଁ ଜିତିଲେ ଆମେରିକାରେ ବ୍ୟାପକ ପରିବର୍ତ୍ତନ ନେଇ ସଂକେତ ଦେଇଥିଲେ ଟ୍ରମ୍ପ। ଆଉ ପରିବର୍ତ୍ତନର ପ୍ରଥମ ପାହାଚ ହେଉଛି ଡିପାର୍ଟମେଣ୍ଟ ଅଫ୍ ଗଭର୍ଣ୍ଣମେଣ୍ଟ ଏଫିସିଏନ୍ସି ବା ସରକାରୀ ଦକ୍ଷତା ବିଭାଗ। ଏହି ଖାସ ଟିମରେ ବିବେକ ରାମସ୍ୱାମୀ ଓ ଏଲନ ମସ୍କଙ୍କୁ ସାମିଲ କରିଛନ୍ତି ଟ୍ରମ୍ପ। ପୂର୍ବ ସରକାରରେ ଅମଲାତନ୍ତ୍ରର ଅଧିକ ପ୍ରଭାବ ରହିଥିବା ଟ୍ରମ୍ପ ପ୍ରଚାର ବେଳେ କହିଥିଲେ। ତେଣୁ ସରକାରୀ ଦକ୍ଷତା ବିଭାଗ ଆମେରିକା ରାଜନୈତିକ ବ୍ୟବସ୍ଥାରେ ବ୍ୟୁରୋକ୍ରାସିର ଅତିରିକ୍ତ ପ୍ରଭାବ କମ୍ କରିବ। ଅମଲାତାନ୍ତ୍ରିକ ନିୟନ୍ତ୍ରଣ, ଅତିରିକ୍ତ ନିୟମକୁ କମ୍ କରିବା, ଅନାବଶ୍ୟକ ଖର୍ଚ୍ଚ ହ୍ରାସ ତଥା ସଂଘୀୟ ଏଜେନ୍ସି ଗୁଡିକର ପୁନର୍ଗଠନ ପାଇଁ ବିଭାଗ କାମ କରିବ। ଖର୍ଚ୍ଚ କାଟ୍, ସଂଘୀୟ ଏଜେନ୍ସିର ପୁନର୍ଗଠନ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ବେଳେ ଆମେରିକାର ସଂଘୀୟ ବଜେଟ୍ କମାଇବା ଦିଗରେ ଟ୍ରମ୍ପଙ୍କୁ ସହଯୋଗ କରିବେ ବୋଲି ମସ୍କ କହିଥିଲେ। ତେଣୁ ବିଭାଗ ସରକାରୀଙ୍କ ଅନାବଶ୍ୟକ ଖର୍ଚ୍ଚକାଟ୍ ଦିଗରେ କାମ କରିବ। ସେହିପରି ସରକାରୀ ଦକ୍ଷତା ବିଭାଗ ସଂଘୀୟ ଏଜେନ୍ସିର ପୁନର୍ଗଠନ ସହ ନିୟମରେ ପରିବର୍ତ୍ତନ କରିବ। ଅର୍ଥାତ ସମସ୍ତ ଏଜେନ୍ସିର କାମ ଓ ଅନ୍ୟ ସମସ୍ତ ଦିଗକୁ ତର୍ଜମା କରିବା ସହ ଅବଶ୍ୟକ ପରିବର୍ତ୍ତନ କରାଯିବ। ବର୍ଷ ବର୍ଷ ଧରି ଆମେରିକା ସରକାରରେ ଚାଲି ଆସିଥିବା ନିୟମ ବି ବଦଳିବ।

ବିଭିନ୍ନ କ୍ଷେତ୍ରରେ ଉନ୍ନତି ଆଣିବାକୁ ଟ୍ରମ୍ପ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ "ଦ ଆର୍ଟ ଅଫ୍ ଦ ଡିଲ୍" ର ଲେଖକ ଭାବେ ବ୍ୟବସାୟ ଚଳାଇବା ଭଳି ପରିଚାଳନା କରିବା ପାଇଁ ଲକ୍ଷ୍ୟ ରଖିଥିବା କହିଥିଲେ ଟ୍ରମ୍ପ। ଗତ ମାସରେ ଚିକାଗୋରେ ଆୟୋଜିତ ଇକୋନୋମିକ୍ କ୍ଲବରେ ଅଭିଭାଷଣ ଦେବା ସମୟରେ ଦ୍ୱିତୀୟ ଥର ନିର୍ବାଚିତ ହେଲେ କାର୍ଯ୍ୟକାଳ କିପରି ରହିବ ପ୍ରକାଶ କରିଥିଲେ। ଯଦି ଟୟୋଟା ପରି ବିଦେଶୀ ନିର୍ମାତା ଯୁକ୍ତରାଷ୍ଟ୍ରର ଏକ ନୂତନ କାରଖାନାରେ କରିପାରୁଛନ୍ତି, ତେବେ ସେମାନେ ମାତ୍ର ୧୫ ପ୍ରତିଶତରେ ଟିକସ ଦେବେ। କହିରଖୁଛୁ, ଆମେରିକାରେ ବର୍ତ୍ତମାନ କର୍ପୋରେଟ୍ ଟ୍ୟାକ୍ସ ୨୧ ପ୍ରତିଶତ ରହିଛି। ଉଦ୍ୟୋଗପତି ଏଲନ ମସ୍କ ଓ କନଜରଭେଟିଭ ନେତା ତଥା ବ୍ୟବସାୟୀ ବିବେକ ରାମାସ୍ୱାମୀଙ୍କୁ ସରକାରୀ ଦକ୍ଷତା ବିଭାଗର ନେତୃତ୍ୱ ନେବା ପାଇଁ ଅନୁରୋଧ କହିଛନ୍ତି ଟ୍ରମ୍ପ। ମସ୍କ ଓ ଟ୍ରମ୍ପ ନିର୍ବାଚନ ପ୍ରଚାର ବେଳେ ସରକାରୀ ଖର୍ଚ୍ଚ କମ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସରକାରୀ ତାନାଶାହୀ ଶେଷ କରିବା ସହ ଅନାବଶ୍ୟକ ଖର୍ଚ୍ଚ କମ କରିବା ପାଇଁ ଏହି ବିଭାଗ ସାହାଯ୍ୟ କରିବ। ଟ୍ରମ୍ପ ସରକାରର ଯେଉଁ ବିଭାଗରେ ମସ୍କ କାମ କରିବେ ତାର ନାମ ଡୋଗ୍ ରହିବ। ମସ୍କଙ୍କ ସହ ଜଡିତ ଇଣ୍ଟରନେଟ ମିମ୍ ଓ କ୍ରିପ୍ଟୋକରେନ୍ସୀ ସହ ଏହି ନାମ ଜଡିତ। ସେହିପରି ରାମାସ୍ୱାମୀ ସଙ୍ଘୀୟ ଏଜେନ୍ସୀରୁ ବଡ଼ ଛଟେଇ ପାଇଁ ଘୋଷଣା କରିସାରିଲେଣି। ମସ୍କ କହିଛନ୍ତି ସଙ୍ଘୀୟ ବଜେଟରୁ ସେ ୨ ଟ୍ରିଲିଅନ ଡଲାର ଖର୍ଚ୍ଚ କମ କରିବାକୁ ଚାହୁଁଛନ୍ତି।

ଏ ସବୁପରିସ୍ଥିତିରେ ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପ୍ରତି ଆମେରିକାରର କିଭଳି ଦୃଷ୍ଟିଭଙ୍ଗୀ ରହିବ ତାହା ଦେଖିବାକୁ ବାକି ରହିଲା। ଅବଶ୍ୟ ଭାରତ ପ୍ରତି ପ୍ରଥମ ପାଳିରେ ଟ୍ରମ୍ପଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଓ ବୈଦେଶିକ ନୀତି କ୍ଷେତ୍ରରେ ଅନେକ ଉନ୍ନତି ହୋଇଥିଲା। ଏହି ଚିନ୍ତାଧାରା ହୁଏତ ଆମେରିକା ଓ ଭାରତ ମଧ୍ୟରେ ଥିବା ବାଣିଜ୍ୟିକ ଓ କୁଟନୈତିକ ସମ୍ପର୍କର ଭିତ୍ତିଭୂମିକୁ ସୁଦୃଢ଼ କରିବାର ଆଶା କରାଯାଇପାରେ।


ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋବାଇଲ୍: ୯୪୩୭୯୫୫୫୬୮


# କାର୍ତ୍ତିକ ପୂର୍ଣ୍ଣିମା ଓ କଳିଙ୍ଗର ସାଧବ ପୁଅ



**ପ୍ରସନ୍ନ କୁମାର ପାଇକରାୟ**

ଓଡ଼ିଆ ମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି। ବର୍ଷର ବାରମାସ ମଧ୍ୟରୁ ବୈଶାଖ, ଆଷାଢ଼ ,କାର୍ତ୍ତିକ ଓ ମାର୍ଗଶିର ହେଉଛି ଧର୍ମମାସ। ଏହି ଚାରି ମାସକୁ ସଂକ୍ଷେପରେ ଆ-କା-ମା-ବୈ ବୋଲି କୁହାଯାଏ। ଏହି ପବିତ୍ର ଚାରି ଧର୍ମ ମାସରେ କାର୍ତ୍ତିକ ମାସର ସ୍ଥାନ ସର୍ବଶ୍ରେଷ୍ଠ। ପୁଣ୍ୟ ଅର୍ଜନର ମାସ ହେଉଛି କାର୍ତ୍ତିକ। ହିନ୍ଦୁ ଶାସ୍ତ୍ରରେ କାର୍ତ୍ତିକକୁ ଶ୍ରେଷ୍ଠ ଧର୍ମ ମାସ ବୋଲି କୁହାଯାଇଛି। ଏହି ମାସରେ ଅନେକ ପର୍ବପର୍ବାଣି ଯଥା ଗର୍ଭଣା ସଂକ୍ରାନ୍ତି, ରମା ଏକାଦଶୀ, ଧନତେରାସ, ଦୀପାବଳି ଓ ଶ୍ୟାମାକାଳୀ ପୂଜା,ଗୋବର୍ଦ୍ଧନ ପୂଜା, ନାଗଚତୁର୍ଥୀ, ଅଁଳା ନବମୀ, ଗରୁଡ଼ ଦ୍ୱାଦଶୀ, ବଡ଼ ଓଷା, ବୈକୁଣ୍ଠ ଚତୁର୍ଦ୍ଦଶୀ ଓ କାର୍ତ୍ତିକ ପୂର୍ଣ୍ଣିମା ପଡିଥାଏ। ହିନ୍ଦୁ ପାଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ। କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଥାଏ। ଏହି ମାସରେ ବିଶେଷତଃ ରାଇ ଦାମୋଦର ପୂଜା ଓ ଉପାସନା କରାଯାଏ। କାର୍ତ୍ତିକ ଏକ ପବିତ୍ର ମାସ, ଏହି ମାସରେ ଓଡ଼ିଶାର ହିନ୍ଦୁ ନରନାରୀ ମାନେ କାର୍ତ୍ତିକ ମାହାତ୍ମ୍ୟକୁ ପାଠ କରିଥାନ୍ତି ଓ ଜଗନ୍ନାଥଙ୍କ ନିକଟରେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। କାର୍ତ୍ତିକ ମାସକୁ ଧର୍ମ ମାସ ,ହବିଷ ମାସ ,ଆକାଶ ଦୀପ ମାସ ନାମରେ ନାମିତ କରାଯାଇଅଛି। କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଅତି ପ୍ରିୟ ମାସ। ପୌରାଣିକ ମତରେ ପରମ ପିତା ବ୍ରହ୍ମା ଦେବର୍ଷି ନାରଦଙ୍କୁ କାର୍ତ୍ତିକ ମାସ ବିଷୟରେ କହିଛନ୍ତି ଦେବତା ମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ତୀର୍ଥ ବଦ୍ରିକା ଗ୍ରାମ ଏବଂ ମାସ ମାନଙ୍କ ମଧ୍ୟରେ କାର୍ତ୍ତିକ ମାସ ଶ୍ରେଷ୍ଠ ଅଟେ। "ନା କାର୍ତ୍ତିକ ସମୋ ମାସୋ ନ କୃତେନ ସମ ଯୁଗମ୍ବ"। "ନ ବେଦ ସଦୃଶ ଶାସ୍ତ୍ର ନ ତୀର୍ଥ ଗଙ୍ଗାୟେ ସମମ୍ "। ଅର୍ଥାତ କାର୍ତ୍ତିକ ମାସ ପରି ମାସ ନାହିଁ ,ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗାପରି ତୀର୍ଥ ନାହିଁ। କାର୍ତ୍ତିକ ମାସ ବ୍ରତ ମୁଖ୍ୟତଃ ବିଧବା ନାରୀ ମାନେ ପାଳନ କରୁଥିବା ସ୍ଥଳେ ଏବେ ସଧବା ନାରୀ ଓ ପୁରୁଷ ମାନେ ମଧ୍ୟ ପାଳନ କରୁଥିବାର ଲକ୍ଷ କରାଯାଏ। ଏହି ମାସରେ ବଡି ଭୋରରୁ ବିଭିନ୍ନ ଧର୍ମ ପୀଠ ମାନଙ୍କରେ ସଂକୀର୍ତ୍ତନ ,ଘଣ୍ଟ ଓ ଶଙ୍ଖ ହୁଳହୁଳି ସହ ଭଜନ କୀର୍ତ୍ତନ କାର୍ତ୍ତିକ ପୁରାଣ ପଠନ,ଭାଗବତ ଗୀତା ପଠନ କରାଯାଇଥାଏ। କାର୍ତ୍ତିକ ବ୍ରତ ପାଳନ କରିଥିବା ସମସ୍ତ ନାରୀ ପୁରୁଷ ଏହି ଧର୍ମୀୟ ମାସକୁ ବେଶ ନିଷ୍ଠାର ସହିତ ପାଳନ କରିଥାନ୍ତି। ପ୍ରତ୍ୟୁଷରୁ ସ୍ନାନ ସାରି ଦେବ ଦର୍ଶନ ପରେ ହବିଷ୍ୟାଳୀମାନେ ଏକାଠି ହୋଇ ଚଉଁରା ମୂଳେ ରାଇ ଦାମୋଦରଙ୍କୁ ପୂଜା କରିଥାନ୍ତି। କାର୍ତ୍ତିକ ବ୍ରତ ସମୟରେ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ପୂଜା କରି ,ତୁଳସୀ ଚଉଁରା ମୂଳେ ପାଣି ଚଢ଼େଇଲେ ଅଶେଷ ପୁଣ୍ୟ ମିଳିଥାଏ। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି କାର୍ତ୍ତିକ ମାସରେ ବ୍ରତ ପାଳନ କରି ଶୈବପୀଠ ଓ ୱିଷ୍ଣୁଙ୍କୁ ଦର୍ଶନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ। କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକ ଉପବାସ ବ୍ରତ ପାଳନ କରିଥାନ୍ତି। ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁ ମାନେ ୱିଷ୍ଣୁ ସହସ୍ର ନାମ ,ଶିବ ସହସ୍ର ନାମ ,ଶିୱସ୍ତୋତ୍ର ଆଦି ଭକ୍ତିର ସହ ଜପ କରିଥାନ୍ତି। ଯୋଗ୍ୟ, ଭାଗ୍ୟବାନ



ବ୍ୟକ୍ତି ନିଷ୍ଠାର ସହିତ ପୂଜା ଓ ଶସ୍ୟବୀଜ ଅନ୍ନ ଆଦି ଭକ୍ଷଣ ନକରି ଉପବାସ ରହିବା ହେଉଛି କାର୍ତ୍ତିକ ବ୍ରତ ପାଳିବାର ସର୍ବୋତ୍ତମ ଉପାୟ। ପୁରାଣ କଥାବସ୍ତୁ ଅନୁସାରେ ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ ଆରମ୍ଭ କରି ଦୀର୍ଘ ଚାରି ମାସ କ୍ଷୀର ସାଗରରେ ଶୟନ କରିଥିବା ବେଳେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି। କଥାରେ ଅଛି ୱିଷ୍ଣୁ ଓ ଶିବ ଏହି ସମୟରେ ପୃଥିବୀ ପୃଷ୍ଠରେ ପରିକ୍ରମା କରିଥାନ୍ତି। ଏହି ମାସ ଚାରି ପୁରୁଷାର୍ଥ ଧର୍ମ, ଅର୍ଥ,କାମ, ମୋହ ପାଇଁ ପାଳନ କରାଯାଏ। କାର୍ତ୍ତିକ ମାସର ମହତ୍ତ୍ୱକୁ ୱିଷ୍ଣୁ ବ୍ରହ୍ମାଙ୍କୁ ବୁଝାଇଥିଲେ ଓ ବ୍ରହ୍ମା ନାରଦଙ୍କୁ ଏହି ମାସର ମହତ୍ତ୍ୱ ବୁଝାଇଥିଲେ ଏବଂ ନାରଦ ଏହାକୁ ରାଜା ପୃଥୁଙ୍କୁ ବୁଝାଇଥିଲେ। ଏହି ମାସରେ ଦୀପାବଳୀରେ ଦୀପଦାନ,କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ,ରାଧା ଦାମୋଦର ପୂଜା ,ବାଲୁଙ୍କା ପୂଜା ଇତ୍ୟାଦି ପୂଜା କରାଯାଏ। କାର୍ତ୍ତିକ ଶୁକ୍ଳ ଏକାଦଶୀ ଅର୍ଥାତ ଦେୱୁତ୍ଥାପନ ଏକାଦଶୀ, ପ୍ରବୋଧିନୀ ଏକାଦଶୀ, ବଡ଼ ଏକାଦଶୀ ଠାରୁ ଆରମ୍ଭ କରି ପୂର୍ଣ୍ଣିମା ସମେତ ପାଞ୍ଚ ଦିନ ହେଉଛି ମହାପଞ୍ଚକ। ଏହି ପଞ୍ଚକରେ ଭୀଷ୍ମଙ୍କୁ ସ୍ମରଣ କରି ୱିଷ୍ଣୁଙ୍କ ଉପାସନା କରାଯାଇଥାଏ। ଭୀଷ୍ମ ବାସୁଦେବଙ୍କ ଠାରୁ ପଞ୍ଚକ ବ୍ରତ ପ୍ରାପ୍ତ ହୋଇଥିବାରୁ ଭୀଷ୍ମପଞ୍ଚକ ନାମରେ ଜଣା। ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ ବ୍ରତ କରିପାରନ୍ତି ନାହିଁ ସେମାନେ ଏହି ପଞ୍ଚକ ପାଞ୍ଚ ଦିନ ହବିଷ୍ୟ ପାଳନ କରନ୍ତି। ଏହି ପାଞ୍ଚ ଦିନ ସକାଳ ଓ ସନ୍ଧ୍ୟାରେ ଦିନକୁ ଦୁଇଥର ବୃନ୍ଦାବତୀଙ୍କ ପାଖରେ ଧୂପଦୀପ ଓ ପୁଷ୍ପ ସମର୍ପଣ ବ୍ରତଧାରୀ କରିଥାନ୍ତି। କାର୍ତ୍ତିକ ମାସର ପଞ୍ଚୁକ ମଧ୍ୟରେ ପଡୁଥିବା ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନ ସିଂହାସନ ରେ ଅଧିଷ୍ଠିତ ଠାକୁରଙ୍କ ପଞ୍ଚକ ପାଞ୍ଚ ଦିନରେ ଯଥା ଏକାଦଶୀରେ ଲକ୍ଷ୍ମୀ ନାରାୟଣ ବେଶ,ଦ୍ୱାଦଶୀରେ ବାଙ୍କଚୁଡା ବେଶ ,ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ,ଚତୁର୍ଦ୍ଦଶିରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ରାଜ ରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥାଏ। ଯେତେବେଳେ ଅକ୍ରୁର ମହାରାଜା କଂସଙ୍କ ନିର୍ଦ୍ଦେଶରେ ଭଗବାନ ଶ୍ରୀକୃଷ୍ଣ ଏବଂ ବଳରାମଙ୍କୁ ଆଣିବା ପାଇଁ ଗୋପପୁରକୁ ଯାଇଥିଲେ ଭଗବାନ କୃଷ୍ଣ ବଳରାମ ଅକ୍ରୁରକୁ ବାଙ୍କଚୁଡା ବେଶରେ ଦର୍ଶନ ଦେଇଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପୁରୀ ଶ୍ରୀମନ୍ଦିର ରେ ବହୁ ପୁରାତନ କାଳରୁ ବାଙ୍କଚୁଡା ବେଶ ପାଳିତ ହୋଇଆସୁଛି। ପୁରାଣରେ ବର୍ଣ୍ଣିତ ହୋଇଛି ତ୍ରିପୁରାସୁରକୁ ବଧ କରିବା ପାଇଁ ମହାଦେବ ଶିବଙ୍କୁ ତ୍ରିପୁରାରୀ ରୂପ ଗ୍ରହଣ କରିବାକୁ ପଡିଥିଲା। ତ୍ରିପୁରାସୁରଙ୍କ ବଧରେ ଦେବତା ମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଏହି ଦିନଟିକୁ ଦୀପାବଳି ରୂପେ ପାଳନ କରିଥିଲେ। ଶିଖ ମାନଙ୍କ ପାଇଁ କାର୍ତ୍ତିକ ପୂର୍ଣ୍ଣିମା ଅତ୍ୟନ୍ତ ପବିତ୍ର ଦିନ କାରଣ ତାହା ଧର୍ମଗୁରୁ ନାନକଙ୍କର ଜନ୍ମଦିନ। କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନକୁ ପଞ୍ଚକ କୁହାଯାଏ ଓ ଶେଷ ଦିନଟି କାର୍ତ୍ତିକ ପୂର୍ଣ୍ଣିମା ରୂପେ ପାଳନ କରାଯାଏ। କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବ ରାଜପୁତ୍ର ମାନେ ପାଲଟଣା ବୋଇତ ମାଧ୍ୟମରେ ସ୍ୱଦେଶୀ ସାମଗ୍ରୀ ନେଇ ଜାଭା,ସୁମିତ୍ରା,ବାଲିଦୀପ ,ସିଂହଳ ପରି ସ୍ଥାନକୁ ବାଣିଜ୍ୟ କରିବାକୁ ଯାତ୍ରା କରୁଥିଲେ, ବିକ୍ରି କରି ଆଷାଢ଼ ମାସରେ ଅଜସ୍ର ଧନସଂପଦ ଧରି ସ୍ୱଦେଶ ଫେରୁଥିଲେ। କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ ଡ଼ଙ୍ଗାଭସା ପର୍ବ ଏହା ସୂଚାଇ ଦିଏ। ତେଣୁ କାର୍ତ୍ତିକ ମାସର ମହତ୍ତ୍ୱ ଅନ୍ୟ ମାସ ତୁଳନାରେ ଶ୍ରେଷ୍ଠ ।


ରାଜ୍ୟ ସମ୍ପାଦକ ,ଓୟୁଜେ
୭୦୦୮ ୯୩୬୩୭୩

## ପ୍ରଧାନମନ୍ତ୍ରୀଙ୍କ ବିମାନରେ ଯାନ୍ତ୍ରିକ ତ୍ରୁଟି

### ଦିଲ୍ଲୀରୁ ଅନ୍ୟ ଏକ ବିମାନ ଗଲା

**ନୂଆଦିଲ୍ଲୀ, ୧୫।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଝାଡ଼ଖଣ୍ଡ ଗସ୍ତରେ ଯାଇଥିବା ବେଳେ ଦେଓଘରଠାରେ ତାଙ୍କ ବିମାନରେ ଯାନ୍ତ୍ରିକ ତ୍ରୁଟି ପରିଲକ୍ଷିତ ହୋଇଛି। ଏଥିପାଇଁ ଉକ୍ତ ବିମାନରେ ପ୍ରଧାନମନ୍ତ୍ରୀଙ୍କ ଯାତ୍ରାକୁ ବାତିଲ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କୁ ଆଣିବା ପାଇଁ ଦିଲ୍ଲୀରୁ ଏକ ବିମାନ ଯିବା ପରେ ପ୍ରଧାନମନ୍ତ୍ରୀ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଦିଲ୍ଲୀ ଫେରିଛନ୍ତି। ଏହି ଯାନ୍ତ୍ରିକ ତ୍ରୁଟି କାହିଁକି ଓ କିପରି ହେଲା ସେ ସମ୍ପର୍କରେ କିଛି ସୂଚନା ମିଳିନି। ଏହାର ଯାଞ୍ଚ କରାଯାଇଛି। ସମ୍ପୂର୍ଣ୍ଣ ଠିକ ନହେବା ଯାଏଁ ଏହି ବିମାନ ସେଠାରେ ରହିବ।

## ସ୍ୱାଧୀନତାର ଶ୍ରେୟ ଗୋଟିଏ ପରିବାର ଅପହରଣ କରିଛି

**ରାଞ୍ଚି, ୧୫।୧୧:** ସ୍ୱାଧୀନତା ସଂଗ୍ରାମରେ ଦେଶର କୋଟି କୋଟି ଲୋକ ଅସୀମ ତ୍ୟାଗ ସ୍ୱୀକାର କରିଥିବା ବେଳେ କେବଳ ଗୋଟିଏ ପରିବାର ସ୍ୱାଧୀନତାର ଶ୍ରେୟକୁ ଅପହରଣ କରିଛି। ଭଗବାନ ବିର୍ସାମୁଣ୍ଡାଙ୍କ ଭଳି ମହାନ ସ୍ୱାଧୀନତା ସଂଗ୍ରାମୀ ଦେଶ ପାଇଁ ପ୍ରାଣ ବଳି ଦେଇଥିବା ବେଳେ ତାଙ୍କ ତ୍ୟାଗକୁ ଗୌଣ କରିଦିଆଯାଇଛି। ଇତିହାସରେ ଏଭଳି ଅନେକ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଏବଂ ବଳିଦାନକୁ ଲୁଚାଇ ଦିଆଯାଇଛି। କଂଗ୍ରେସ ଏଥିପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିଯୋଗ କରିଛନ୍ତି। ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଓଘରଠାରେ ଆୟୋଜିତ ଏକ ସମାରୋହରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କଂଗ୍ରେସ ଦେଶର ଆଦିବାସୀଙ୍କ ପ୍ରତି ବହୁ ବର୍ଷ ହେବ ଅବହେଳା କରିଆସିଛି। ଆଦିବାସୀମାନଙ୍କୁ ସେମାନଙ୍କ ପ୍ରକୃତ ନାଯ୍ୟ ଅଧିକାର ଦିଆଯାଇନି। କଂଗ୍ରେସ ଆଦିବାସୀମାନଙ୍କୁ ପ୍ରକୃତ ସମ୍ମାନ ଦେଇ ନାହିଁ। ଅଟଳ ବିହାରୀ ବାଜପେୟୀଙ୍କ ଶାସନ କାଳରେ ପ୍ରଥମେ ଦେଶରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଗଠନ କରାଗଲା। ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ଆଦିବାସୀ ରାଷ୍ଟ୍ରପତି ହୋଇଛନ୍ତି। ଆଦିବାସୀଙ୍କ ବିକାଶ ପ୍ରକ୍ରିୟା ଦ୍ରୌପଦୀ ମୁର୍ମୁଙ୍କ ଦିଗଦର୍ଶନରେ ଚାଲିଛି। ତାଙ୍କ ପାଇଁ ଆଜି ଦେଶରେ ଜନଜାତି କଲ୍ୟାଣ କାର୍ଯ୍ୟକ୍ରମ ହେଉଛି। ଆଦିବାସୀଙ୍କ ବିକାଶ ନିମନ୍ତେ ୬୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। କିନ୍ତୁ କଂଗ୍ରେସ ଆଦିବାସୀଙ୍କଠାରୁ ସଂରକ୍ଷଣ ସୁବିଧା ପ୍ରତ୍ୟାହାର କରିବାକୁ ଷଡ଼ଯନ୍ତ୍ର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

## ନାବାଳିକା ପତ୍ନୀର ସହମତିରେ ଶାରୀରିକ ସମ୍ପର୍କ ସ୍ଥାପନ ବି ଦୁଷ୍କର୍ମ

**ମୁମ୍ବାଇ, ୧୫।୧୧:** ସହମତି ଭିତ୍ତିରେ ନାବାଳିକା ପତ୍ନୀ ସହ ଶାରୀରିକ ସମ୍ପର୍କ ରଖିବା ବି ଦୁଷ୍କର୍ମ। ଏକ ମାମଲାର ଶୁଣାଣି ସମୟରେ ଏପରି ଟିପ୍ପଣୀ ଦେଇଛନ୍ତି ବମ୍ବେ ହାଇକୋର୍ଟ। ଯଦି ପତ୍ନୀ ନାବାଳିକା ହୋଇଥିବେ, ତେବେ ତାଙ୍କ ସହମତିରେ ବି ଶାରୀରିକ ସମ୍ପର୍କ ରଖିବା ଆଇନ ଅନୁସାରେ ଅପରାଧ ବୋଲି କୋର୍ଟ କହିଛନ୍ତି। ସୂଚନା ଅନୁସାରେ, ମହାରାଷ୍ଟ୍ରର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ବମ୍ବେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ତାଙ୍କ ସ୍ୱାମୀଙ୍କୁ ନିମ୍ନ ଅଦାଲତ ଦେଇଥିବା ୧୦ ବର୍ଷ ଜେଲ୍ ଦଣ୍ଡକୁ ବଳବତ୍ତର ରଖିଛନ୍ତି। ଏଥିସହ ୧୮ ବର୍ଷରୁ କମ୍ ବୟସର ଝିଅଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ ଦୁଷ୍କର୍ମ, ସେ ବିବାହିତା ହୋଇଥିଲେ ବି ଏହା ଦୁଷ୍କର୍ମ ବୋଲି ହାଇକୋର୍ଟ କହିଛନ୍ତି। ମାମଲା ଅନୁସାରେ, ମହିଳା ଜଣକ ଅଭିଯୋଗ କରିଥିଲେ ଯେ, ବିବାହ ପୂର୍ବରୁ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇଥିଲା। ସେତେବେଳେ ତାଙ୍କ ସ୍ୱାମୀ ଜୋର୍ ଜବରଦସ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଗର୍ଭବତୀ ହେବାରୁ ବାଧ୍ୟବାଧକତାର ସହ ବିବାହ କରିଥିଲେ। କିନ୍ତୁ ବିବାହ ପରେ ତାଙ୍କ ସ୍ୱାମୀ ସବୁବେଳେ ନିର୍ଯାତନା ଦେଇ ଆସୁଥିବା ଅଭିଯୋଗ କରିଥିଲେ। ଏପରିକି ଗର୍ଭସ୍ଥ ଶିଶୁକୁ ମଧ୍ୟ ଆବୋରସନ୍ କରାଇବାକୁ ଚାପ ପକାଉଥିଲେ। କେବଳ ଏତିକି ନୁହେଁ, ଗର୍ଭସ୍ଥ ଶିଶୁ ଆଉ କାହାର କହି ମାନସିକ ନିର୍ଯାତନା ମଧ୍ୟ ଦେଉଥିଲେ। ଏହାକୁ ନେଇ ଯୁବତୀ ଜଣକ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ଶାରୀରିକ ସମ୍ପର୍କ ସ୍ଥାପନ ସମୟରେ ସେ ନବାଳିକା ଥିବାରୁ ଅଦାଲତ ତାଙ୍କ ସ୍ୱାମୀଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ନିମ୍ନ ଅଦାଲକଙ୍କ ରାୟକୁ ତାଙ୍କ ସ୍ୱାମୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖିବା ସହ ନାବାଳିକା ପତ୍ନୀର ଅନୁମତିରେ ଶାରୀରିକ ସମ୍ପର୍କ ସ୍ଥାପନ ଅପରାଧ, ଏହା ଆଇନ ଦୃଷ୍ଟିରେ ଦୁଷ୍କର୍ମ ବୋଲି କହିଛନ୍ତି।

## ଦେଢ଼ ବର୍ଷର ଝିଅକୁ ବଳି ଦେଇ କଳିଜା ଖାଇଲା ମାଆ

**ରାଞ୍ଚି, ୧୫।୧୧:** ଅନ୍ଧ ଦେଖିପାରେନି ସତ, ହେଲେ ଭଲ-ମନ୍ଦର ବିଚାର କରିପାରେ ନିଶ୍ଚୟ। କିନ୍ତୁ ଦେଖି ପାରୁଥିବା ଆଜିର ଆଧୁନିକ ସମାଜରେ ଏପରି କିଛି ଅନ୍ଧବିଶ୍ୱାସୀ ଅଛନ୍ତି, ଯେଉଁମାନେ କଳାଯାଦୁର ଫାସରେ ପଡ଼ି ନିଜର ବୁଦ୍ଧି, ବିଚାର ଆଉ ମଣିଷପଣିଆକୁ ହରାଇ ବସୁଛନ୍ତି। ଝାଡ଼ଖଣ୍ଡର ଜଣେ ମହିଳା ଠିକ୍ ଏପରି କିଛି କରିଛନ୍ତି। ମନ୍ତ୍ର ଜାଣିବା ପାଇଁ ନିଜର ଦେଢ଼ ବର୍ଷର ଝିଅକୁ ବଳି ଦେଇ ତା କଳିଜା ଖାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ମହିଳା ଜଣକ ହେଉଛନ୍ତି ଝାଡ଼ଖଣ୍ଡର ପାଲାମୁ ଅଞ୍ଚଳର ଗୀତା ଦେବୀ। ପୁଲିସ ତାଙ୍କୁ ଗିରଫ କରିବା ପରେ ନିଜର ଅପରାଧ ସ୍ୱୀକାର କରିଛନ୍ତି।

ସେ ପୁଲିସକୁ କହିଛନ୍ତି ଯେ, ତାଙ୍କର ତନ୍ତ୍ର-ମନ୍ତ୍ର ଶିଖିବାକୁ ଖୁବ୍ ଆଗ୍ରହ ଥିଲା। ଯଦି ସେ ତାଙ୍କ ସ୍ୱାମୀ ଓ ଝିଅକୁ ମାରି ଦିଅନ୍ତି, ତେବେ ମନ୍ତ୍ର ଶିଖିପାରିବେ ବୋଲି ସ୍ୱପ୍ନ ଦେଖିଥିଲେ। ଏହି ସ୍ୱପ୍ନ ଅନୁସାରେ ସେ ଝିଅକୁ ମାରିବାର ଯୋଜନା କରିଥିଲେ। ଏଥିପାଇଁ ସେ ପ୍ରଥମେ ବଜାରକୁ ଯାଇ ସେଠାରୁ ପୂଜା ପାଇଁ କିଛି ଚୁଡ଼ି, ଡ୍ରେସ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆଣିଥିଲେ। ସେହି ଦିନ ସନ୍ଧ୍ୟାରେ ଏହି ସବୁ ସାମଗ୍ରୀ ସହ ଝିଅକୁ ନେଇ ଘରଠାରୁ ଦୁଇ କିଲୋମିଟର ଦୂରରେ ଥିବା ସିକ୍କି ବରବଧୋରା ଜଙ୍ଗଲକୁ ଯାଇଥିଲେ। ସେଠାରେ ଝିଅ ଶରୀରରୁ ଡ୍ରେସ୍ ବାହାର କରିଦେବା ସହ ନିଜେ ପିନ୍ଧିଥିବା ଶାଢ଼ି ଖୋଲି କିଛି ସମୟ ନାଚିଥିଲେ। ଏହା ପରେ ଝିଅର ତଣ୍ଟି କାଟି ବଳି ଦେଇଥିଲେ। କେବଳ ବଳି ଦେଇ ନଥିଲେ, ଝିଅର ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ସେଥିରୁ କଳିଜା ବାହାର କରି ସେହିଠାରେ ଖାଇଥିଲେ। କଳିଜା ଖାଇବା ପରେ ମୃତଦେହକୁ ପୋତି ଦେଇଥିଲେ। କଳା ଯାଦୁ ଶିଖିବାର ନିଶା ଏପରି ଘାରିଥିଲା ଯେ, ମହିଳା ଜଣକ ଜଙ୍ଗଲରୁ ବି ଉଲଗ୍ନ ଅବସ୍ଥାରେ ଫେରିଥିଲେ। ତାଙ୍କର ଏପରି ଅବସ୍ଥା ଦେଖି ପରିବାର ଓ ପଡୋଶୀ ପଚରା ଉଚରା କରିଥିଲେ। ତାଙ୍କ ଶାଶୁ ଝିଅ ବିଷୟରେ ପଚାରିବାରୁ ସେ ମାରି ଦେଇଥିବା ମାନିଛନ୍ତି। ପରିବାର ଲୋକଙ୍କ କହିବା ଅନୁସାରେ, ମହିଳାଙ୍କ ସ୍ୱାମୀ ଦିଲ୍ଲୀରେ ରୁହନ୍ତି। ଏନେଇ ସେମାନେ ପୁଲିସକୁ ଜଣାଇଥିଲେ। ଖବର ପାଇ ପୁଲିସ ତାଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଛି।

## ଦୁର୍ଘଟଣାରେ ୬ ସାଙ୍ଗଙ୍କ ଜୀବନ ଚାଲିଗଲା

**ଡେରାଡୁନ, ୧୫।୧୧:** ଉତ୍ତରାଖଣ୍ଡର ଡେରାଡୁନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଲୁହରେ ଧୋଇ ଯାଇଛି ପାର୍ଟିର ଖୁସି। କାରଣ ରାତିରେ ପାର୍ଟି ସାରି ଫେରୁଥିବା ଛଅ ସାଙ୍ଗଙ୍କ ଜୀବନ ଦୀପ ଲିଭିଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାରଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗିରୁଜି ଚୁରମାର୍ ହୋଇଯାଇଛି। ସୂଚନା ଅନୁସାରେ, ନଭେମ୍ବର ୧୨ରେ ଏହି ଦୁର୍ଘଟଣା ଘଟିଥିଲା। ରାତି ପ୍ରାୟ ଦେଢ଼ଟା ସମୟରେ ସାତ ଜଣ ସାଙ୍ଗ ପାର୍ଟି ସାରି ଟୟୋଟା ଇନୋଭାରେ ଘରକୁ ଫେରୁଥିଲେ। ଏହି ସମୟରେ ଓଏନଜିସି ଚୌକ ନିକଟରେ ସେମାନଙ୍କ କାର୍ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଘଟଣାସ୍ଥଳରେ ଛଅ ଜଣଙ୍କ ଜୀବନ ଚାଲିଯାଇଛି। ଦୁର୍ଘଟଣା ସମୟର ଭିଡିଓ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି। ଭାଇରାଲ୍ ଭିଡିଓ ଅନୁସାରେ, ଟ୍ରକକୁ ଧକ୍କା ଦେବା ପରେ କାରଟି ସମ୍ପୂର୍ଣ୍ଣ ରୂପେ ଚୁରମାର ହୋଇଯାଇଛି। ଏଥିସହ ମୃତକଙ୍କ ମୁଣ୍ଡ ବିହୀନ ଶରୀର ରାସ୍ତା ଉପରେ ପଡ଼ିଥିବା ଦେଖିବାକୁ ମିଳୁଛି। ଦୁଇ ଜଣ ଯୁବକଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇ ଯାଇ ଥିବାବେଳେ ଅନ୍ୟମାନଙ୍କ ଶରୀର କାର୍ ତଳେ ଚାପି ହୋଇଯାଇଛି। ଅନ୍ୟପଟେ, ପାର୍ଟି ସମୟର ମଧ୍ୟ ଭିଡିଓ ସାମ୍ନାକୁ ଆସିଛି। ପାର୍ଟି ପୂର୍ବର ଏବଂ ପରର ଭିଡିଓ ଜୀବନର ମୂଲ୍ୟକୁ ବୁଝାଇ ଦେଉଛି। ଖୁସିମଜା କରି ଘରକୁ ଫେରୁଥିବା ଲୋକେ କିପରି ଅଧାବାଟରେ ରହିଯାଏ, ସେନେଇ ସୋଶାଲ ମିଡିଆରେ ଆଲୋଚନା ହେଉଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସାତ ଜଣ ସାଙ୍ଗ ଗୋଟିଏ କାରରେ ପାର୍ଟି ସାରି ଘରକୁ ଫେରୁଥିଲେ। ଯୁବକମାନଙ୍କ ବୟସ ୧୯ରୁ ୨୫ ବର୍ଷ ମଧ୍ୟରେ ହେବ। ସେମାନେ ସମସ୍ତେ ମଦ୍ୟପାନ କରିଥିଲେ। ପାର୍ଟିରୁ ଫେରିବା ପରେ ପୁଣି ଲଙ୍ଗ୍ ଡ୍ରାଇଭରେ ଯିବାକୁ ମନସ୍ତ କରିଥିଲେ। କିନ୍ତୁ ନିଶବ୍ଦ ରାତିରେ ସେମାନଙ୍କ ମଜାମସ୍ତି କାଳ ହୋଇଯାଇଛି। ୬ ଜଣ ସାଙ୍ଗଙ୍କର ଜୀବନ ଚାଲିଯାଇ ଥିବାବେଳେ ଅନ୍ୟ ଜଣେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ଦିଲ୍ଲୀରେ ଭୟଙ୍କର ବାୟୁ ପ୍ରଦୂଷଣ

# ଘରେ ରହି ଅନଲାଇନରେ ପଢ଼ିବେ ପିଲା



**ନୂଆଦିଲ୍ଲୀ, ୧୫।୧୧:** ଚରମରେ ପହଞ୍ଚିଛି ଦିଲ୍ଲୀରେ ବାୟୁ ପ୍ରଦୂଷଣ। ଜାତୀୟ ରାଜଧାନୀର ବାୟୁମଣ୍ଡଳକୁ ଆଚ୍ଛାଦିତ କରି ରଖିଛି ଧୂଆଁ ସାଙ୍ଗକୁ କୁହୁଡ଼ି। ଫଳରେ ରାସ୍ତାଘାଟ ଦେଖାଯାଉ ନ ଥିବାବେଳେ ନିଶ୍ୱାସ ନେବାବି କଷ୍ଟକର ହୋଇ ପଡ଼ିଲାଣି। ଏହାକୁ ଦୃଷ୍ଟିରେ ରଖି ଅନଲାଇନରେ କ୍ଲାସ୍ କରାଇବାକୁ ନିଷ୍ପତ୍ତି ନେଇଛନ୍ତି ଦିଲ୍ଲୀ ସରକାର। ଦିଲ୍ଲୀର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଅନଲାଇନ୍ କ୍ଲାସ୍ ଚାଲିବ। ଏନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏକ୍ସ ପୋଷ୍ଟ ଯୋଗେ ସୂଚନା ଦେଇଛନ୍ତି। ସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ଅନଲାଇନ୍ କ୍ଲାସ୍ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ତିନି ଦିନ ହେବ ଦିଲ୍ଲୀର ବାୟୁ ଗୁଣବତ୍ତା ନିମ୍ନସ୍ତରକୁ ଖସି ଆସିଛି। ଏୟାର୍ କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ବା ବାୟୁ ଗୁଣବତ୍ତା ସୂଚକାଙ୍କ ୪୯୮ରେ ପହଞ୍ଚିଛି, ଯାହା ଅତ୍ୟନ୍ତ ଖରାପ। । ରିପୋର୍ଟ ଅନୁସାରେ, ଆଜି ସକାଳ ୭ଟା ସୁଦ୍ଧା ଦିଲ୍ଲୀ ହେଉଛି ବିଶ୍ୱର ଦ୍ୱିତୀୟ ପ୍ରଦୂଷିତ ସହର। ପ୍ରଥମରେ ପାକିସ୍ତାନର ଲାହୋର ରହିଛି। ଲାହୋରରେ ବାୟୁ ଗୁଣବତ୍ତା ସୂଚକାଙ୍କ ୭୭୯। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମୀର ଆପ୍ ଅନୁଯାୟୀ, ଆଜି ସକାଳେ ଦିଲ୍ଲୀର ପାଞ୍ଚଟି ସହରରେ ପ୍ରଦୂଷଣର ମାତ୍ରା ସର୍ବାଧିକ ରହିଛି। ଜାହାଙ୍ଗୀରପୁରୀ (ଏକ୍ୟୁଆଇ ୪୫୮), ବାୱାନା (୪୫୫), ୱାଜିରପୁର (୪୫୫), ରୋହିଣୀ (୪୫୨) ଏବଂ ପଞ୍ଜାବୀ ବାଗ (୪୪୩)ରେ ପହଞ୍ଚିଛି। ସେପଟେ, ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜିଠାରୁ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଅନାବଶ୍ୟକ ନିର୍ମାଣ ଓ ଉଚ୍ଛେଦ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦିଲ୍ଲୀ, ଗୁରୁଗ୍ରାମ, ଗାଜିଆବାଦ, ଫରିଦାବାଦ ଓ ଗୌତମବୁଦ୍ଧ ନଗରରେ ଜିଆରଏପି-୩ ଲାଗୁ ହୋଇଥିବାରୁ ପେଟ୍ରୋଲ ଚାଳିତ ବିଏସ୍-୩ ଓ ଡିଜେଲ ଚାଳିତ ବିଏସ-୪ ବର୍ଗର ଗାଡ଼ି ଚାଳନା ଉପରେ ରୋକ୍ ଲଗାଯାଇଛି। କିନ୍ତୁ ଜାତୀୟ ସୁରକ୍ଷା, ସ୍ୱାସ୍ଥ୍ୟ ଓ କିଛି ନିର୍ଦ୍ଦିଷ୍ଟ ସର୍ବସାଧାରଣ ନିର୍ମାଣ ଉପରେ କୌଣସି କଟକଣା ରଖାଯାଇ ନାହିଁ। ପରିବେଶରେ ଉଡୁଥିବା ଧୂଳି କଣାକୁ ରୋକିବା ପାଇଁ ଜିଆରଏପି-୩ର ତୃତୀୟ ପର୍ଯ୍ୟାୟରେ ରାସ୍ତା ସଫା କରିବା ପାଇଁ ଅତ୍ୟାଧୁନିକ ମେସିନ ଓ ପାଣି ସିଞ୍ଚନ ବ୍ୟବସ୍ଥା ହେବ। ଜରୁରୀ ସେବାକୁ ଛାଡ଼ି ଦେଲେ ଡିଜେଲ ଚାଳିତ ଜେନେରଟର ବ୍ୟବହାର ହୋଇପାରିବ ନାହିଁ।

ବଡ଼ ବଡ଼ ୱେଲ୍ଡିଂ ଓ ଗ୍ୟାସ କଟିଂ ଉପରେ ରୋକ୍ ଲଗାଯାଇଛି। କିନ୍ତୁ ମେକାନିକାଲ, ଇଲେକ୍ଟ୍ରିକାଲ ଓ ପାଣି ପାଇପ ଜନିତ ଛୋଟ ଛୋଟ ଛୋଟ ୱେଲ୍ଡିଂକୁ କଟକଣାରୁ ବାଦ୍ ଦିଆଯାଇଛି। ସେହିପରି ପେଣ୍ଟିଂ, ପଲିଶିଂ ଓ ରଙ୍ଗ ଲିଭା କାର୍ଯ୍ୟ ହୋଇପାରିବ ନାହିଁ। ଘର ଭିତରେ ଛୋଟ ଧରଣର ସିମେଣ୍ଟ ଓ ରଙ୍ଗ ଦେବା କାମ କରାଯାଇ ପାରିବ। ଦିଲ୍ଲୀରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ଗାଡ଼ି-ମୋଟରରୁ ନିର୍ଗତ ଧୂଆଁ ସାଙ୍ଗକୁ ଆଖପାଖ ଅଞ୍ଚଳରେ ନଡ଼ା ଜାଳିବା, ନିର୍ମାଣ କାର୍ଯ୍ୟ, ଶିଳ୍ପ ପ୍ରଦୂଷଣ ଇତ୍ୟାଦି। ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ସରକାର ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ବିଭିନ୍ନ ପଦକ୍ଷେପ ନେଉଥିଲେ ବି ସ୍ଥିତିରେ ସୁଧାର ଆସି ପାରୁନାହିଁ।

### ଲାହୋରରେ ଏକ୍ୟୁଆଇ ୧୯୦୦ ପାର୍

## ହସପିଟାଲରେ ୧୫ହଜାରରୁ ଅଧିକ



**ଲାହୋର, ୧୫।୧୧:** ବାୟୁ ପ୍ରଦୂଷଣରେ କେବଳ ଦିଲ୍ଲୀ ନୁହେଁ ପାକିସ୍ତାନର ସ୍ଥିତି ମଧ୍ୟ ଖରାପ। ପାକିସ୍ତାନ ଲାହୋର ସହରରେ ପ୍ରଦୂଷଣ ସ୍ଥିତି ବେଶ୍ ଖରାପ ରହିଛି। ଲାହୋର ଦୁନିଆର ସବୁଠାରୁ ଅଧିକ ପ୍ରଦୂଷିତ ସହର ହୋଇଛି। ସହରର ଏୟାର କ୍ୱାଲିଟି ଇଣ୍ଡେକ୍ସ ୧୯୦୦ ପାର୍ ହୋଇଛି। ଫଳରେ ପାକିସ୍ତାନରେ ୧୫ ହଜାରରୁ ଅଧିକ ଲୋକ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ଏମାନେ ସମସ୍ତେ ନିଶ୍ୱାସ ପ୍ରଶ୍ୱାସ ଜନିତ ସମସ୍ୟାରେ ପଡିଛନ୍ତି। ଲାହୋରର ସ୍ଥିତି ଦେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଯଦି ପ୍ରଦୂଷଣକୁ ନେଇ ତତ୍କାଳ ଉପାୟ ନ କରାଗଲେ ସ୍ଥିତି ଅଧିକ ଖରାପ ହୋଇପାରେ। ଏଠିକାର ସରକାର ବାୟୁ ପ୍ରଦୂଷଣ ଉପରେ ସଂପୂର୍ଣ୍ଣ ଭାବେ ନିୟନ୍ତ୍ରଣ ଲଗାଇବା ଜରୁରୀ। ଏହାଛଡା ଲୋକମାନେ ନିଜ ଗାଡି ପରିବର୍ତ୍ତେ ସାର୍ବଜନିନ ପରିବହନ ବ୍ୟବହାର କରନ୍ତୁ। ଲାହୋର ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ଗାଡିରୁ ନିର୍ଗତ ହେଉଥିବା ଧୂଆଁ, ନିର୍ମାଣ ସ୍ଥଳରେ ଉଡୁଥିବା ଧୂଳି, ଉଦ୍ୟୋଗିକ ପ୍ରଦୂଷଣ। ଏଭଳି ସ୍ଥିତିରେ ଲୋକମାନେ ମାସ୍କ ପିନ୍ଧିବା, ଘରେ ରହିବା ଏବଂ ଏୟାର ପ୍ୟୁରିଫାୟର ବ୍ୟବହାର କରନ୍ତୁ। ଲାହୋର ହସପିଟାଲରେ ନିଶ୍ୱାସ ନେବାରେ ଅସୁବିଧା, ଶୁଖିଲା କାଶ, ନିମୋନିୟା ଏବଂ ହୃଦଜନିତ ରୋଗରେ ପୀଡିତ ଲୋକଙ୍କ ଲମ୍ବା ଲାଇନ ଲାଗିଛି। ସବୁଠାରୁ ଅଧିକ ପାକିସ୍ତାନର ସରକାରୀ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ପାକିସ୍ତାନୀ ଚିକିତ୍ସା ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପାକିସ୍ତାନର ଅବସ୍ଥା ଯୋଗୁଁ ପିଲାଙ୍କୁ ଆସ୍ଥମା ଏବଂ ଅନ୍ୟ ରୋଗ ପ୍ରତି ଧ୍ୟାନ ଦେବା ଉଚିତ। ଲାହୋରର ୧୪ ମିଲିୟନ ପାଖାପାଖି ଲୋକ ପ୍ରଦୂଷଣର ଶିକାର ହୋଇଛନ୍ତି। ଡିଜେଲ ଗାଡ଼ିରୁ ବାହାରୁଥିବା ଧୂଆଁ, ନଡ଼ା ଜଳାଇବା ସହିତ ଥଣ୍ଡା ପାଗ ଯୋଗୁ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି।

## ୪୫ ମିନିଟ ଅଟକି ରହିଲା ରାହୁଲଙ୍କ ହେଲିକପ୍ଟର



**ରାଞ୍ଚି, ୧୫।୧୧:** କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ଏକ ଅପ୍ରତ୍ୟାଶିତ ଘଟଣାର ସମ୍ମୁଖୀନ ହୋଇଛନ୍ତି। ସେ ଝାରଖଣ୍ଡର ଗୋଡ୍ଡାରୁ ହେଲିକପ୍ଟର ଯୋଗୁ ଉଡ଼ାଣ ଅପକ୍ଷେରେ ରହିଥିଲେ ହେଁ ତାଙ୍କୁ ବେଶ କିଛି ସମୟ ଏଥିପାଇଁ ଅନୁମତି ମିଳି ନଥିଲା। ଉଡ଼ାଣ ପାଇଁ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ଅନୁମତି ନ ଦେବାରୁ ରାହୁଲ ଗାନ୍ଧିଙ୍କ ହେଲିକପ୍ଟର ପ୍ରାୟ ୪୫ ମିନିଟ ଧରି ଅଟକି ରହିଥିଲା। ଦୀର୍ଘ ୪୫ ମିନିଟ ଧରି ଅପେକ୍ଷା କରିବା ପରେ ଶେଷରେ ରାହୁଲ ଗାନ୍ଧି ହେଲିକପ୍ଟର ଯୋଗେ ଉଡ଼ାଣ ଭରିଥିଲେ। ବିମାନ ହେଲିପ୍ୟାଡରେ ରହିଥିବା ବେଳେ ଏହା ମଧ୍ୟରେ ରାହୁଲ ଗାନ୍ଧି ମଧ୍ୟ ବସି ରହିଥିଲେ। ତାଙ୍କୁ ଏହି ସମୟରେ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା। ହେଲେ ରାହୁଲ କଡ଼ା ସୁରକ୍ଷାବଳୟ ମଧ୍ୟରେ ହେଲିକପ୍ଟର ମଧ୍ୟରେ ୪୫ ମିନିଟ ଧରି ବସି ରହିଥିଲେ।

ଏବେ ଝାରଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଚାଲିଛି। ଏପରି ସ୍ଥିତିରେ ରାହୁଲ ଗାନ୍ଧିଙ୍କ ହେଲିକପ୍ଟର ୪୫ ମିନିଟ ଧରି ଅଟକ ରହିବା ରାଜନୀତିକ ପ୍ରସଙ୍ଗ ପାଲଟିଛି। କଂଗ୍ରେସ ଅଭିଯୋଗ କରିଛି ଯେ ରାହୁଲ ଗାନ୍ଧିଙ୍କ ପ୍ରଚାର ସୂଚୀକୁ ପ୍ରଭାବିତ କରିବା ପାଇଁ ଜାଣିଶୁଣି ଉଡ଼ାଣ ପାଇଁ ଅନୁମତି ଦିଆଯାଇ ନଥିଲା। ଦେଓଘରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଲି ଥିବାରୁ ଏଟିସି ତାଙ୍କୁ ଗୁରୁତ୍ୱ ଦେଇ ରାହୁଲ ଗାନ୍ଧିଙ୍କ ହେଲିକପ୍ଟରକୁ ଅଟକାଇ ଥିଲା ବୋଲି ଦଳ କହିଛି। କଂଗ୍ରେସ ବିଧାୟକ ତଥା ଏଥର ମାହାଗାମା ଆସନରୁ ଲଢୁଥିବା ଦୀପିକା ପାଣ୍ଡେ କହିଛନ୍ତି, "ପ୍ରଧାନମନ୍ତ୍ରୀ ଦେଓଘରରେ ଥିବାରୁ ରାହୁଲ ଗାନ୍ଧିଙ୍କୁ ଉକ୍ତ ଅଞ୍ଚଳ ଅତିକ୍ରମ କରିବାକୁ ଅନୁମତି ଦିଆଯାଇ ନଥିଲା। ଗୋଟିଏ ପ୍ରୋଟକଲ ଥାଏ ବୋଲି ଆମେ ବୁଝି ପାରୁଛୁ।

କିନ୍ତୁ କଂଗ୍ରେସ ଦେଶକୁ ୭୦ ବର୍ଷ ଶାସନ କରିଥିଲେ ହେଁ କେବେ ହେଲେ କୌଣସି ବିରୋଧୀ ଦଳର ନେତାଙ୍କ ସହ ଏମିତି ଘଟି ନଥିଲା। ଏହା ଆଦୌ ଗ୍ରହଣୀୟ ନୁହେଁ।" ଆସନ୍ତା ୨୦ ତାରିଖରେ ଝାରଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟିଂ ହେବ। ପ୍ରଥମ ପର୍ଯ୍ୟାୟ ଭୋଟିଂ ୧୩ ତାରିଖରେ ହୋଇଥିଲା। ନଭେମ୍ବର ୨୩ରେ ରାଜ୍ୟରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ଉଦ୍ଧବଙ୍କ ଅଭିଯୋଗ ପରେ ଯାଞ୍ଚ ହେଲା ଶାହଙ୍କ ହେଲିକପ୍ଟର



**ମୁମ୍ବାଇ, ୧୫।୧୧:** ମହାରାଷ୍ଟ୍ରର ହିଙ୍ଗୋଲି ଜିଲ୍ଲାକୁ ପ୍ରଚାର ପାଇଁ ଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ହେଲିକପ୍ଟର ଓ ଏହା ମଧ୍ୟରେ ଥିବା ବ୍ୟାଗକୁ ଯାଞ୍ଚ କରାଯାଇଛି। ନିର୍ବାଚନ ବେଳେ ଟଙ୍କା କିମ୍ବା ଅନ୍ୟାନ୍ୟ ଜିନିଷ ଲୋକଙ୍କୁ ଦେବା ଭଳି କାମ ଉପରେ ରୋକ ଲଗାଇବା ପାଇଁ ନିୟୋଜିତ ନିର୍ବାଚନ ଅଧିକାରୀମାନେ ଏପରି ଯାଞ୍ଚ କରିଛନ୍ତି। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ମହାରାଷ୍ଟ୍ରରେ ଏବେ ଜୋରଦାର ପ୍ରଚାର ଚାଲିଛି। ନିକଟରେ ନିର୍ବାଚନ ଅଧିକାରୀମାନେ ଶିବସେନା (ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକରେଙ୍କ ହେଲିକପ୍ଟର ଓ ବ୍ୟାଗକୁ ଯାଞ୍ଚ କରିଥିଲେ। ଏହାର ଭିଡିଓ ଉଦ୍ଧବ ରେକର୍ଡ କରିବା ସହ କ'ଣ ଅଧିକାରୀମାନେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ବ୍ୟାଗକୁ ମଧ୍ୟ ଯାଞ୍ଚ କରୁଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ରାଜନୀତି ଜୋର ଧରିଥିଲା। ବିବାଦ ବଢୁଥିବା ବେଳେ ନିର୍ବାଚନ ଅଧିକାରୀମାନେ ପ୍ରଚାର ପାଇଁ ଆସୁଥିବା ହାଇପ୍ରୋଫାଇଲ ନେତାଙ୍କ ବ୍ୟାଗକୁ ଯାଞ୍ଚ କରିବା ଆରମ୍ଭ କରିଥିଲେ। ଏହିକ୍ରମରେ ଆଜି ଶାହଙ୍କ ବ୍ୟାଗ ମଧ୍ୟ ଯାଞ୍ଚ କରାଯାଇଛି। ଯାଞ୍ଚ ବେଳର ଭିଡିଓକୁ ଅମିତ ଶାହ ନିଜେ ଏକ୍ସରେ ପୋଷ୍ଟ କରିଛନ୍ତି। ଏଥିରେ ଅଧିକାରୀମାନେ କେମିତି ଶାହଙ୍କ ହେଲିକପ୍ଟରରେ ଥିବା ବ୍ୟାଗଗୁଡ଼ିକୁ ଯାଞ୍ଚ କରୁଛନ୍ତି, ତା'ର ଦୃଶ୍ୟ ରହିଛି। ଏହାକୁ ଶେୟାର କରି ଶାହ ଲେଖିଛନ୍ତି, "ମହାରାଷ୍ଟ୍ରର ହିଙ୍ଗୋଲି ନିର୍ବାଚନ ମଣ୍ଡଳୀରେ ଆଜି ପ୍ରଚାର ପାଇଁ ଯାଇଥିବା ବେଳେ ମୋ ହେଲିକପ୍ଟକୁ ନିର୍ବାଚନ ଅଧିକାରୀମାନେ ଯାଞ୍ଚ କରିଛନ୍ତି। ବିଜେପି ଗୋଟିଏ ସ୍ୱଚ୍ଛ ଓ ସୁସ୍ଥ ନିର୍ବାଚନ ବ୍ୟବସ୍ଥାରେ ବିଶ୍ୱାସ କରେ। ଦଳ ନିର୍ବାଚନ କମିଶନ ପ୍ରସ୍ତୁତ କରିଥିବା ସମସ୍ତ ନିୟମକୁ ଅନୁସରଣ କରେ।"

## ଦିଲଜିତ ଦୋସାଞ୍ଜଙ୍କୁ ତେଲାଙ୍ଗାନା ସରକାରଙ୍କ ନୋଟିସ୍



**ହାଇଦ୍ରାବାଦ, ୧୫।୧୧:** ଗାୟକ ଦିଲଜିତ ଦୋସାଞ୍ଜ ଏବଂ ହାଇଦ୍ରାବାଦରେ ଆଜି ହେବାକୁ ଥିବା ଦିଲ୍-ଲୁମିନିଟି କନ୍ସର୍ଟର ଆୟୋଜକମାନଙ୍କୁ ନୋଟିସ୍ ଜାରି କରିଛନ୍ତି ତେଲାଙ୍ଗାନା ସରକାର। ମଦ୍ୟପାନ, ଡ୍ରଗ୍ସ ଏବଂ ହିଂସାକୁ ପ୍ରବର୍ତ୍ତାଉ ଥିବା ଭଳି ସଂଗୀତ ପରିବେଷଣରୁ ଦୂରେଇ ରହିବାକୁ ସେମାନଙ୍କୁ ନୋଟିସ୍ କରାଯାଇଛି। ଚଣ୍ଡିଗଡ଼ର ପଣ୍ଡିତରାଓ ଧରେନାବର ଦିଲଜିତ ଦୋସାଞ୍ଜଙ୍କ ଏପରି କିଛି ସଙ୍ଗୀତ ପରିବେଷଣର ଭିଡିଓ ପୋଷ୍ଟ କରିବା ପରେ ତେଲାଙ୍ଗାନା ସରକାର ନୋଟିସ୍ ଜାରି କରିଛନ୍ତି। ଦିଲଜିତ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ ଏବଂ ଜୟପୁରରେ ଦିଲ୍-ଲୁମିନିଟି କନ୍ସର୍ଟରେ ଏପରି ସଙ୍ଗୀତ ପରିବେଷଣ କରିଥିବା ଭିଡିଓ ପୋଷ୍ଟ କରିଥିଲେ ପଣ୍ଡିତରାଓ ଧରେନାବର। ଆଜି ହାଇଦ୍ରାବାଦରେ ଦିଲଜିତଙ୍କ କାର୍ଯ୍ୟକ୍ରମ ଥିବାବେଳେ ତେଲାଙ୍ଗାନା ସରକାର ଏପରି ନୋଟିସ୍ ପଠାଇଛନ୍ତି। ମଦ୍ୟପାନ, ଡ୍ରଗ୍ସ ଏବଂ ହିଂସାକୁ ପ୍ରବର୍ତ୍ତାଉ ଥିବା ଭଳି ସଂଗୀତ ପରିବେଷଣରୁ ଦୂରେଇ ରହିବା ସହ ଲାଇଭ୍ ଶୋ' ସମୟରେ ଛୋଟ ପିଲାଙ୍କୁ ଷ୍ଟେଜରେ ବ୍ୟବହାର ନକରିବା ଏବଂ ଉଚ୍ଚ ସ୍ୱରରେ ମ୍ୟୁଜିକ୍ ନ ବଜାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ରଙ୍ଗା ରେଡ୍ଡୀ ଜିଲ୍ଲାର ମହିଳା ଓ ଶିଶୁ ବିକାଶ ଏବଂ ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକ କଲ୍ୟାଣ ବିଭାଗ ପକ୍ଷରୁ ଏହି ନୋଟିସ୍ ଜାରି କହାଯାଇଛି। ନୋଟିସରେ କୁହାଯାଇଛି ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୧୩ ବର୍ଷରୁ କମ୍ ପିଲାମାନେ ୧୨୦ ଡେସିବଲରୁ ଅଧିକ ଧ୍ୱନି ସ୍ତରରରୁ ଦୂରେଇ ରହିବା ଉଚିତ୍। ତେଣୁ ଲାଇଭ୍ ଶୋ ସମୟରେ ଏଥିପ୍ରତି ଆୟୋଜକ ଧ୍ୟାନ ଦେବା ଉଚିତ୍। ପ୍ରକାଶ ଥାଉକି, ଦିଲ୍-ଲୁମିନିଟି କନ୍ସର୍ଟ ୧୧ଟି ସହରେ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୨୬ରୁ ଏହି ପ୍ରୋଗ୍ରାମ ଆରମ୍ଭ ହୋଇଛି। ହାଇଦ୍ରାବାଦରେ ଆଜି ତୃତୀୟ ଶୋ' ଅଛି।

### ନ୍ୟୁଜିଲ୍ୟାଣ୍ଡ ସଂସଦରେ ହଙ୍ଗାମା

## ବିଲ୍ ଚିରି ଫିଙ୍ଗିଦେଇ ନାଚିଲେ ସାଂସଦ

**ୱେଲିଂଟନ୍, ୧୫।୧୧:** ନ୍ୟୁଜିଲ୍ୟାଣ୍ଡ ସଂସଦରେ ପ୍ରବଳ ହଇଗୋଳ ଦେଖିବାକୁ ମିଳିଛି। ପୁଣି ଥରେ ସଂସଦରେ ଦେଶର ସର୍ବ କନିଷ୍ଠ ସାଂସଦ ହାନା-ରାୱ୍ହିତି କାରିଆରିକି ମ୍ୟାପି-କ୍ଲାର୍କ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରି ପ୍ରତିବାଦ କରିଛନ୍ତି। ଏଥିସହ ସେ ଗୃହରେ ଏକ ବିଲକୁ ମଧ୍ୟ ଚିରି ଫିଙ୍ଗି ଦେଇଛନ୍ତି। ଏହି ସମୟରେ ନ୍ୟୁଜିଲ୍ୟାଣ୍ଡ ଗୃହରେ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ହାନା-ରାୱ୍ହିତିଙ୍କ ସହ ଦଳର ଅନ୍ୟ ସାଂସଦମାନେ ମଧ୍ୟ ତାଙ୍କ ସହ ତାଳ ଦେଇ ମାଓ୍ୱରୀ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ହାକା ନୃତ୍ୟ ପରିବେଷଣ କରିଥିଲେ। ଗତ ବର୍ଷ ମଧ୍ୟ ଗୃହରେ ନିଜର ପ୍ରଥମ ଭାଷଣ ସମୟରେ ଏପରି କିଛି ଷାଣିତ ଢଙ୍ଗରେ ପ୍ରତିବାଦ କରି ଚର୍ଚ୍ଚାର ପରିଧିକୁ ଆସିଥିଲେ ହାନା-ରାୱ୍ହିତି। ଗତକାଲି ସଂସଦରେ ହୋଇଥିବା ଏହି ହଙ୍ଗାମା ସମୟର ଭିଡିଓ ସୋଶାଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି।

ସୂଚନା ଅନୁସାରେ, ନିକଟରେ ନ୍ୟୁଜିଲ୍ୟାଣ୍ଡର ଶାସକ ଦଳ ACT ୱାଇତାଙ୍ଗିରେ ଥିବା କିଛି ନୀତିରେ ପରିବର୍ତ୍ତନ ଆଣିବା ପାଇଁ ଏକ ବିଲ୍ ଆଗତ କରିଛନ୍ତି। କିନ୍ତୁ ଏହି ବିଲକୁ ଦେଶର ଆଦିବାସୀ ସମ୍ପ୍ରଦାୟ ବିରୋଧ କରୁଛନ୍ତି। ୧୮୪୦ ମସିହାରେ ବ୍ରିଟିଶ କ୍ରାଉନ୍ ଏବଂ ମାଓ୍ୱରୀ ମୁଖ୍ୟଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା, ଯାହାକୁ ୱାଇତାଙ୍ଗି କୁହାଯାଉଛି। ଏହି ଚୁକ୍ତି ନ୍ୟୁଜିଲ୍ୟାଣ୍ଡର ସମ୍ବିଧାନ ଏବଂ ନୀତି ଗଠନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। କିନ୍ତୁ ବର୍ତ୍ତମାନର ସରକାର ଏହି ଚୁକ୍ତିରେ କିଛି ପରିବର୍ତ୍ତନ ଆଣିବାକୁ ବିଲ୍ ଉପସ୍ଥାପନ କରିଛନ୍ତି, ଯାହାକୁ ମାଓ୍ୱରୀ ସମ୍ପ୍ରଦାୟ ଜୋରଦାର୍ ବିରୋଧ କରିଛନ୍ତି। ୨୨ ବର୍ଷୀୟ ସାଂସଦ ହାନା-ରାୱ୍ହିତି ମଧ୍ୟ ଏହି ସମ୍ପ୍ରଦାୟର। ତେଣୁ ସେ ମାଓ୍ୱରୀଙ୍କ ପକ୍ଷରୁ ବିଲକୁ କଡ଼ା ବିରୋଧ କରୁଛନ୍ତି।

ଗତକାଲି ସେ ଗୃହରେ ଭାଷଣ ଦେବା ସମୟରେ ଏହି ବିଲକୁ ବିରୋଧ କରିବା ସହ ବିଲର ଏକ ପେପରକୁ ଚିରି ଫିଙ୍ଗି ଦେଇଥିଲେ। ଏଥିସହ ହାକା ନୃତ୍ୟ ପରିବେଷଣ କରି ଜୋରଦାର୍ ବିରୋଧ କରିଥିଲେ। ତାଙ୍କ ସହ ଅନ୍ୟ ସାଂସଦ ଏବଂ ଗ୍ୟାଲେରୀରେ ବଶିଥିବା ଦର୍ଶକ ମଧ୍ୟ ସମର୍ଥନ ଜଣାଇ ହାକା ପରିବେଷଣ କରିବାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି। ପ୍ରକାଶ ଥାଉକି, ହାନା-ରାୱ୍ହିତି ହେଉଛନ୍ତି ନ୍ୟୁଜିଲ୍ୟାଣ୍ଡର ପ୍ରଥମ ସର୍ବ କନିଷ୍ଠ ସାଂସଦ। ସେ ୨୦୨୩ରେ ୨୧ ବର୍ଷ ବୟସରେ ପ୍ରଥମ କରି ସଂସଦକୁ ନିର୍ବାଚିତ ହୋଇଥିଲେ।

## ଲରେନ୍ସ ବିଷ୍ଣୋଇ ଟାର୍ଗେଟରେ ଶ୍ରଦ୍ଧା ୱାକର ହତ୍ୟାକାରୀ



**ନୂଆଦିଲ୍ଲୀ, ୧୫।୧୧:** ଦିଲ୍ଲୀରେ ଚର୍ଚ୍ଚିତ ଶ୍ରଦ୍ଧା ୱାକର ହତ୍ୟାକାଣ୍ଡ ଅଭିଯୁକ୍ତ ଆଫତାବ ପୁନାୱାଲା ଏବେ ଲରେନ୍ସ ବିଷ୍ଣୋଇ ଗାଙ୍ଗ ଟାର୍ଗେଟରେ। ଏହା ଜଣା ପଡିବା ପରେ ଦିଲ୍ଲୀର ତିହାର ଜେଲରେ ସଜା କାଟୁଥିବା ଅଫତାବ ପୁନାୱାଲାଙ୍କ ସୁରକ୍ଷାକୁ ନେଇ ସତର୍କ ହୋଇଛନ୍ତି ଜେଲ କର୍ତ୍ତୃପକ୍ଷ। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ସଦସ୍ୟ ଅଫତାବଙ୍କୁ କ୍ଷତି ପହଁଞ୍ଚାଇବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ କର୍ତ୍ତୃପକ୍ଷଙ୍କ ତରଫରୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖବର ମୁତାବକ, ମିଡିଆରେ ଚର୍ଚ୍ଚା ହେଉଥିବା ଖବରକୁ ସଂଜ୍ଞାନ ନେଇ ଶ୍ରଦ୍ଧା ୱାକର ହତ୍ୟାକାଣ୍ଡ ଅଭିଯୁକ୍ତ ଆଫତାବ ପୁନାୱାଲାଙ୍କ ସୁରକ୍ଷାକୁ ନେଇ ଆଲର୍ଟ ଜାରି କରାଯାଇଛି। ଶ୍ରଦ୍ଧା ୱାଲକର ହତ୍ୟା ଘଟଣାରେ ଅଫତାଙ୍କୁ ତିହାର ଜେଲରେ ରଖାଯାଇଛି। ଦିଲ୍ଲୀ ଛତରପୁର ଅଞ୍ଚଳରେ ଅଫତାବ ଶ୍ରଦ୍ଧାଙ୍କୁ ହତ୍ୟା କରି ମୃତଦେହକୁ ଖଣ୍ଡ ଖଣ୍ଡ କରି କାଟି ଫୋପାଡ଼ି ଦେଇଥିବା ଅଭିଯୋଗ ଅଫତାବ ନାଁରେ ଅଛି। ୪ ନମ୍ବର ଜେଲରେ ଅଫତାବ ରହିଛନ୍ତି। ତେବେ ବିଷ୍ଣୋଇ ଗ୍ୟାଙ୍ଗର ସୁଟରଙ୍କ ଟାର୍ଗେଟରେ ଅଫତାବ ଥିବା ନେଇ ଏବେ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ହେଲେ ଜେଲ କର୍ତ୍ତୃପକ୍ଷଙ୍କ ତରଫରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ବାବା ସିଦ୍ଧିକି ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତ ଶିବ କୁମାର ଗୌତମ ପୋଲିସ ସାମ୍ନାରେ ଏହା କହିଛି। ଆଫତାବ ପୁନାୱାଲା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସୁଟର ଟାର୍ଗେଟରେ ରହିଛି। ତିହାର ଜେଲରେ ଆଫତାବଙ୍କ ହତ୍ୟା ଷଡଯନ୍ତ୍ର ରଚାଯାଉଛି। ସୂଚନାଯୋଗ୍ୟ, ୨୦୨୨ରେ ଶ୍ରଦ୍ଧା ୱାକରକୁ ହତ୍ୟା କରାଯାଇଥିଲା। ଶ୍ରଦ୍ଧା ଏବଂ ପୁନାୱାଲା ଡେଟିଂ ଆପ୍ ଦ୍ୱାରା ପରସ୍ପରକୁ ଜାଣିଥିଲେ। ଉଭୟ ଶ୍ରଦ୍ଧା ଏବଂ ପୁନାୱାଲା ପ୍ରଥମେ ମୁମ୍ବାଇରେ ଲିଭ୍ ଇନ ରିଲେସନସିପରେ ରହୁଥିଲେ। ଶ୍ରଦ୍ଧା ମୁମ୍ବାଇର ମଲାଡସ୍ଥିତି ମଲ୍ଟିନ୍ୟାସନାଲ କମ୍ପାନୀର କଲ ସେଣ୍ଟରେ ଚାକିରି କରୁଥିଲେ। ଏଠାରେ ଆଫତାବଙ୍କ ସହିତ ତାଙ୍କର ଭେଟ ହୋଇଥିଲା। ଦୁହିଁଙ୍କ ପରିବାର ଲିଭ ଇନରେ ରହିବା କଥାକୁ ପସନ୍ଦ କରୁନଥିଲେ। ତେଣୁ ବିରୋଧ କରିଥିଲେ। ପରିବାର ପକ୍ଷରୁ ବିରୋଧ ହେବା ପରେ ଦୁହେଁ ମୁମ୍ବାଇ ଛାଡି ଆସି ଦିଲ୍ଲୀରେ ରହୁଥିଲେ। ଲିଭ ଇନରେ ରହୁଥିବା ଆଫତାବ ଏବଂ ଶ୍ରଦ୍ଧାଙ୍କ ମଧ୍ୟରେ ବିବାହକୁ ନେଇ ପ୍ରତିଦିନ ଝଗଡା ଲାଗୁଥିଲା।

ମେ' ୧୮ ତାରିଖରେ ସେମାନଙ୍କ ମଧ୍ୟରେ ବିବାହକୁ ନେଇ ବଚସା ହୋଇଥିଲା। ଫଳରେ ପୁନାୱାଲା ଶ୍ରଦ୍ଧାଙ୍କୁ ତଣ୍ଟି ଚିପି ମାରିଦେଇଥିଲା ଏବଂ ଏହାପରେ ସେ ତାଙ୍କ ମର ଶରୀରକୁ କାଟି ୩୫ ଖଣ୍ଡ କରିଥିଲା। ପ୍ରତିଦିନ ରାତି ୨ଟାରେ ସେ ଏକ ପଲିବ୍ୟାଗରେ ମର ଶରୀରର କିଛି କିଛି କଟା ଅଂଶକୁ ଧରି ନିକଟସ୍ଥ ଜଙ୍ଗଲରେ ଫିଙ୍ଗିଥିଲା। ଏଥିପାଇଁ ତାକୁ ୧୮ ଦିନ ଲାଗିଥିଲା।

# ଭାରତ ଆୟୋଜନ କରିବ ଚାମ୍ପିଅନ୍ସ ଟ୍ରଫି !




**ନୂଆଦିଲ୍ଲୀ, ୧୫।୧୧:** ଚାମ୍ପିଅନ୍ସ ଟ୍ରଫି ମାମଲା ଏବେ ଏକ ଭିନ୍ନ ମୋଡ଼ ନେଇଛି। ଏହି ଆଇସିସି ଟୁର୍ନାମେଣ୍ଟ ବର୍ତ୍ତମାନ ପାକିସ୍ତାନରେ ନୁହେଁ ବରଂ ଭାରତରେ ଆୟୋଜିତ ହୋଇପାରେ। ଏହି ଅପଡେଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଏବଂ ପାକିସ୍ତାନ ମୁହାଁମୁହିଁ ହୋଇଛନ୍ତି ଏବଂ ପିସିବି ଧମକ ଦେଇଛି ଯେ ଯଦି ଟିମ୍ ଇଣ୍ଡିଆ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଆସିବ ନାହିଁ, ତା'ହେଲେ ଏହା ସହିତ ଭବିଷ୍ୟତରେ କୌଣସି ମ୍ୟାଚ୍ ଖେଳିବ ନାହିଁ।

ଯଦି ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫିରୁ ଓହରିଯାଏ, ତେବେ ଏଭଳି ପରିସ୍ଥିତିରେ ପୁରା ଟୁର୍ନାମେଣ୍ଟକୁ ପାକିସ୍ତାନରୁ ସ୍ଥାନାନ୍ତର କରାଯାଇପାରିବ। ସମ୍ପ୍ରତି ଦକ୍ଷିଣ ଆଫ୍ରିକାକୁ ଚାମ୍ପିଅନ୍ସ ଟ୍ରଫିର ସମ୍ଭାବ୍ୟ ଆୟୋଜକ ଭାବରେ ଦେଖାଯାଉଥିଲା, କିନ୍ତୁ ଏକ ରିପୋର୍ଟ ଅନୁଯାୟୀ, ଚାମ୍ପିଅନ୍ସ ଟ୍ରଫିର କିଛି ଦିନ ପୂର୍ବରୁ ସାଉଥ ଆଫ୍ରିକା ୨୦ ଲିଗ୍ ସମାପ୍ତ ହେବ ଏବଂ ସମୟ ପୂର୍ବରୁ ପିଚ୍ ପ୍ରସ୍ତୁତ ହୋଇପାରିବ ନାହିଁ। ସେହି ସମାନ ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ ଯଦି ପାକିସ୍ତାନ ଟୁର୍ନାମେଣ୍ଟରୁ ଓହରିଯାଏ କିମ୍ବା ହାଇବ୍ରିଡ ମଡେଲକୁ ଗ୍ରହଣ କରିବାକୁ ମନା କରେ, ତା'ହେଲେ ଏହାର ହୋଷ୍ଟିଂ ଭାରତକୁ ହସ୍ତାନ୍ତର କରାଯାଇପାରେ। ଏପରିକି ଏହି ପ୍ରସଙ୍ଗରେ ବିସିସିଆଇ ସହିତ ଆଲୋଚନା ଆରମ୍ଭ ହୋଇଛି। ଆପଣଙ୍କୁ ମନେ ପକାଇଦେଉଛୁ କି କିଛି ଦିନ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ ବିସିସିଆଇରୁ ଉତ୍ତର ମାଗିଥିଲା ଯେ ଟିମ୍ ଇଣ୍ଡିଆ ପାକିସ୍ତାନକୁ ନ ଆସିବାର କାରଣ କ'ଣ? ଏହି ପରିପ୍ରେକ୍ଷୀରେ ବିସିସିଆଇ ଉତ୍ତର ମଧ୍ୟ ପ୍ରସ୍ତୁତ କରିଛି ଯେଉଁଥିରେ କୁହାଯାଇଛି ଯେ ସୁରକ୍ଷା ଦୃଷ୍ଟିରୁ ନିଜ ଦଳକୁ ସୀମା ପାର କରିବାକୁ ଚାହୁଁନାହିଁ। ୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ଦଳ କୌଣସି ମ୍ୟାଚ୍ କିମ୍ବା ସିରିଜ୍ ଖେଳିବାକୁ ପାକିସ୍ତାନ ଯାଇ ନାହିଁ।

# ଚାମ୍ପିୟନ୍ସ ଟ୍ରଫି: ପାକିସ୍ତାନ ସହିବ ୫୪୯୭ କୋଟିର କ୍ଷତି

**ନୂଆଦିଲ୍ଲୀ, ୧୫।୧୧:** ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ପାକିସ୍ତାନ ଯିବାକୁ ଭାରତୀୟ ଟିମକୁ ଭାରତର ସରକାର ଅନୁମତି ଦେଇ ନାହାନ୍ତି। ଏକଥା ବିସିସିଆଇ ପକ୍ଷରୁ ଆଇସିସିକୁ ଜଣାଇ ଦିଆଯାଇଛି। ଆଇସିସି ମଧ୍ୟ ଏକଥା ପାକିସ୍ତାନ କ୍ରିକେଟ ବୋର୍ଡକୁ ଜଣାଇ ଦେଇଛି। ହେଲେ ପାକିସ୍ତାନ ନିଜ ଜିଦରେ ଅଟଳ ରହିବା ସହ ଚାମ୍ପିୟନ୍ସ ଟ୍ରଫିର ଗୋଟିଏ ବି ମ୍ୟାଚ୍ ଦେଶ ବାହାରେ ହେବାକୁ ଦେବ ନାହିଁ ବୋଲି କହିଛି। ଏଥିସହ ବିସିସିଆଇର ଆଭିମୁଖ୍ୟ ଉପରେ ଆଇସିସି ନିଜର ପକ୍ଷ ସ୍ପଷ୍ଟ କରିବାକୁ ମଧ୍ୟ ପିସିବି ଚିଠି ଲେଖିଛି। ରାଜନୀତିକ ବିବାଦ ଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ୨୦୧୨-୧୩ରୁ କୌଣସି ପ୍ରକାରର ଦ୍ୱିପାକ୍ଷିକ ସିରିଜ ହେଉନାହିଁ। ଉଭୟ ଦେଶ କେବଳ ଆଇସିସି ଓ ଏସିଆ କପରେ ମୁହାଁମୁହିଁ ହେଉଛନ୍ତି। ୨୦୨୩ ଏସିଆ କପର ଆୟୋଜନ ପାକିସ୍ତାନ ପାଇଥିଲେ ହେଁ ଭାରତ ଶ୍ରୀଲଙ୍କାରେ ତା'ର ମ୍ୟାଚ୍ ଗୁଡ଼ିକ ଖେଳିଥିଲା। ଏସିଆ କପରେ ହାଇବ୍ରିଡ ମଡେଲ ଆପଣା ଯାଇଥିଲା। ଚାମ୍ପିୟନ୍ସ ଟ୍ରଫିରେ କିନ୍ତୁ ପାକିସ୍ତାନ ହାଇବ୍ରିଡ ମଡେଲ ସପକ୍ଷରେ ନାହିଁ। ଏହାକୁ ନେଇ ବିବାଦ ତେଜିବାରେ ଲାଗିଛି। କ୍ରିକବଜରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଯଦି ପାକିସ୍ତାନ ଯଦି ନିଜ ଜିଦରେ ଅଟଳ ରହିବ ଓ ଚାମ୍ପିୟନ୍ସ ଟ୍ରଫି ଆୟୋଜନ ପ୍ରଭାବିତ ହେବ, ତା'ହେଲେ ଆଇସିସି ବାଧ୍ୟ ହୋଇ ପାକିସ୍ତାନ ଉପରେ କଟକଣା ଲଗାଇବ। ଯଦି ପାକିସ୍ତାନ କ୍ରିକେଟ ବୋର୍ଡ ଚାମ୍ପିୟନ୍ସ ଟ୍ରଫିରୁ ଓହରି ଯିବ, ତା'ହେଲେ ଆଇସିସି ପକ୍ଷରୁ ପାଇବାକୁ ଥିବା ପାଣ୍ଠି ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇବ।

ପାକିସ୍ତାନ କ୍ରିକେଟ ବୋର୍ଡ ଯଦି ବିବାଦକୁ ଦୃଷ୍ଟିରେ ରଖି ଚାମ୍ପିୟନ୍ସ ଟ୍ରଫି ଉପରେ ରୋକ ଲଗାଏ, ତା'ହେଲେ ଦେଶକୁ ଆୟୋଜକ ଫି' ବାବଦରେ ୬୫ ମିଲିୟନ ଡଲାର ବା ପ୍ରାୟ ୫୪୯୭ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ। ନିକଟରେ ପିସିବି



କରାଚି, ରାୱଲପିଣ୍ଡି ଓ ଲାହୋର ଷ୍ଟାଡିୟମର ଉନ୍ନତିକରଣ କରିଥିଲା। ଯଦି ମ୍ୟାଚ୍ ନ ହେବ, ତା'ହେଲେ ଏ ବାବଦରେ ମଧ୍ୟ ପାକିସ୍ତାନକୁ ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଭାରତ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଯିବାକୁ ମନା କରୁଛି। କିନ୍ତୁ ପାକିସ୍ତାନର କହିବା କଥା ଯେ ଇଂଲଣ୍ଡ ଓ ନ୍ୟୁଜିଲ୍ୟାଣ୍ଡ ସିରିଜକୁ ଦେଶ ସଫଳତାର ସହ ଆୟୋଜନ କରିଥିଲା। ସୁରକ୍ଷା ବ୍ୟବସ୍ଥାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ସମାନ ପଦକ୍ଷେପ ନିଆଯିବ। ତେବେ ଏଯାଏ ଆଇସିସି ପକ୍ଷରୁ ପାକିସ୍ତାନର ଆଭିମୁଖ୍ୟ ସମ୍ପର୍କରେ କିଛି ବି କହି ନାହିଁ।

# ଟି-୨୦ରେ ୧୦ ହଜାର ରନ୍ ପୂରଣ କଲେ ଗ୍ଲେନ ମ୍ୟାକ୍ସୱେଲ



**ମୁମ୍ବାଇ, ୧୫।୧୧:** ଟି-୨୦ କ୍ରିକେଟରେ ବଡ଼ ରେକର୍ଡ କରିଛନ୍ତି ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଗ୍ଲେନ ମ୍ୟାକ୍ସୱେଲ। ସେ ଅଷ୍ଟ୍ରେଲିଆର ତୃତୀୟ ବ୍ୟାଟର ଭାବେ ପୁରୁଷ ଟି-୨୦ କ୍ରିକେଟରେ ୧୦ ହଜାର ରନ ପୂରଣ କରିପାରିଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ଡାଭିଡ ୱାର୍ଣ୍ଣର(୧୨,୪୧୧) ଓ ଆରୋନ ଫିଞ୍ଚ(୧୧,୪୫୮) ଏପରି କୀର୍ତ୍ତିମାନ ହାସଲ କରିଥିଲେ। ନିଜର ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ମ୍ୟାକ୍ସୱେଲ ବିଭିନ୍ନ ଟି-୨୦ ଲିଗ ଓ ଅଷ୍ଟ୍ରେଲିଆ ପାଇଁ ନିୟମିତ ଖେଳି ଆସୁଛନ୍ତି। ଆଜି ସେ ପାକିସ୍ତାନ ବିପକ୍ଷ ପ୍ରଥମ ଟି-୨୦ରେ ୧୯ ବଲରେ ୪୩ ରନର ଇନିଂସ ଖେଳିବା ପରେ ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୧୯ ବଲରେ ୪୩ ରନ କରିବା ପରେ ଆବ୍ବାସ ଆଫ୍ରିଦିଙ୍କ ବଲରେ ଆଉଟ ହୋଇଛନ୍ତି। ମ୍ୟାକ୍ସୱେଲ ବିଶ୍ୱର ୧୬ତମ ବ୍ୟାଟର ଭାବେ ୧୦ ହଜାର ରନ କ୍ଲବରେ ସାମିଲ ହେବାର ରେକର୍ଡ କରିଛନ୍ତି। ତାଲିକାର ୧ନଂ ସ୍ଥାନରେ କ୍ରିସ ଗେଲ ରହିଛନ୍ତି। ସେ ୪୬୩ ଟି-୨୦ ମ୍ୟାଚ୍‌ରେ ୧୪,୫୬୨ ରନ କରିଛନ୍ତି। ଅନ୍ୟପକ୍ଷରେ ଆଜି ଅଷ୍ଟ୍ରେଲିଆ ଓ ପାକିସ୍ତାନ ଟି-୨୦ ବର୍ଷା ଯୋଗୁ ୭ ଓଭର ବିଶିଷ୍ଟ ହୋଇଥିଲା। ମ୍ୟାକ୍ସୱେଲଙ୍କ ୪୩ ରନ ଯୋଗୁ ଅଷ୍ଟ୍ରେଲିଆ ୭ ଓଭରରେ ୭ ୱିକେଟ ହରାଇ ୯୩ ରନ କରିଥିଲା। ଏହାର ଜବାବରେ ପାକିସ୍ତାନ ୯ ୱିକେଟ ହରାଇ କେବଳ ୬୪ ରନ କରିବାକୁ ସକ୍ଷମ ହୋଇଛି।



# ସାନିଆ ମିର୍ଜା ଏବେ ବି ସକ୍ରିୟ

**ନୂଆଦିଲ୍ଲୀ,୧୫।୧୧:** ଭାରତର ଟେନିସ ତାରକା ସାନିଆ ମିର୍ଜାଙ୍କ ଖେଳରୁ ଅବସର ନେଇଛନ୍ତି। କିନ୍ତୁ ତଥାପି ସେ ସକ୍ରିୟ ଅଛନ୍ତି। ନିକଟରେ ସାନିଆଙ୍କୁ ଦୁବାଇରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ତାଙ୍କ ସହ ପୂର୍ବତନ ଭାରତୀୟ ଖେଳାଳି ହରଭଜନ ସିଂ ମଧ୍ୟ ଏହି ସମ୍ମାନ ପାଇଛନ୍ତି। ସାନିଆଙ୍କୁ ଦୁବାଇର ସ୍ପୋର୍ଟସ କରାଯାଇଛି। ଖେଳକୁ ଆଗକୁ ନେବା ପାଇଁ ସେ ଏଠାରେ କାର୍ଯ୍ୟ କରିବେ। ତାଙ୍କ ସହ ହରଭଜନ ସିଂ ମଧ୍ୟ ଏହି ପଦ ପାଇଛନ୍ତି। ସାନିଆ ଏବଂ ହରଭଜନପାଇଁ ଦୁବାଇରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୁବାଇର ଅନେକ ଅଧିକାରୀ ମଧ୍ୟ ଏଠାରେ ଉପସ୍ଥିତ ଥିଲେ। ସାନିଆ ପ୍ରାୟତଃ ଦୁବାଇ ଯାଆନ୍ତି । ଯଦି ଗଣମାଧ୍ୟମର ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ସେ ଦୁବାଇରେ ମଧ୍ୟ ସମ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ସେ ଏଠାରେ କ୍ରୀଡା ପାଇଁ ମଧ୍ୟ କାର୍ଯ୍ୟ କରିବେ। ସାନିଆର ଟେନିସ କ୍ୟାରିୟର ଭଲ ରହିଛି। କମନୱେଲଥ ଗେମ୍ସ ଏବଂ ଏସୀୟ ଗେମ୍ସରେ ସେ ଭାରତ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସାନିଆ ନିକଟରେ ଶୋଏବ ମଲିକଙ୍କଠାରୁ ଛାଡପତ୍ର ହୋଇଛନ୍ତି। ଛାଡପତ୍ର ପରେ ସେ ଏକୁଟିଆ ହୋଇଯାଇଛନ୍ତି। କିନ୍ତୁ ସେ ନିଜକୁ ନିୟନ୍ତ୍ରଣ କରି ଏବେ ଆଗକୁ ବଢୁଛନ୍ତି।

# ସଚିନ ହେବେ କି ଟିମ୍ ଇଣ୍ଡିଆର ବ୍ୟାଟିଂ ପରାମର୍ଶଦାତା

**ନୂଆଦିଲ୍ଲୀ, ୧୫।୧୧:** ଭାରତୀୟ ଟିମ ଏବେ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ପ୍ରସ୍ତୁତ ହେଉଛି। ଆସନ୍ତା ୨୨ ତାରିଖରୁ ପର୍ଥରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଭାରତୀୟ ଟିମ ଏହି ସିରିଜ ପୂର୍ବରୁ ଘରୋଇ ମାଟିରେ ନ୍ୟୁଜିଲ୍ୟାଣ୍ଡ ଠାରୁ ୦-୩ରେ ହାରି ଅଷ୍ଟ୍ରେଲିଆ ଗସ୍ତ କରିଛି। ଅଷ୍ଟ୍ରେଲିଆର ପିଚ ଓ ପରିବେଶ ଭାରତ ଠାରୁ ସଂପୂର୍ଣ୍ଣ ଭିନ୍ନ। ଏପରି ସ୍ଥିତିରେ ଭାରତୀୟ ଟିମ ଓ ବିସିସିଆଇକୁ ବଡ଼ ପରାମର୍ଶ ଦେଇଛନ୍ତି ପୂର୍ବତନ କ୍ରିକେଟର ଡବ୍ଲ୍ୟୁଭି ରମଣ। କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ଟିମ ଇଣ୍ଡିଆର ବ୍ୟାଟିଂ ପରାମର୍ଶଦାତା ଭାବେ ନିଯୁକ୍ତି ଦେବାକୁ ରମଣ କହିଛନ୍ତି। ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ପାଇଁ ଗୌତମ ଗମ୍ଭୀରଙ୍କ ସହ ରମଣ ମଧ୍ୟ ଦୌଡ଼ରେ ରହିଥିଲେ। ହେଲେ ବିସିସିଆଇ ରମଣଙ୍କ ବଦଳରେ ଗମ୍ଭୀରଙ୍କୁ ଦଳର ମୁଖ୍ୟ କୋଚ କରିଛି। ରମଣଙ୍କ କହିବା କଥା ଯେ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଯଥେଷ୍ଟ ସମୟ ରହିଛି। ଡିସେମ୍ବର ୧ରେ ଏହି ମ୍ୟାଚ୍ ଆରମ୍ଭ ହେବ। ତେଣୁ ସଚିନଙ୍କୁ ଦ୍ୱିତୀୟ ମ୍ୟାଚ୍‌ରୁ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଉ ବୋଲି ରମଣ ଏକ୍ସରେ କହିଛନ୍ତି। ସେ କହିଛନ୍ତି, "ବର୍ଡର-ଗାଭାସ୍କର ୨୦୨୫ ପାଇଁ ପ୍ରସ୍ତୁତ ହେଉଥିବା ଟିମ ଇଣ୍ଡିଆକୁ ଯଦି ସଚିନ ତେନ୍ଦୁଲକରଙ୍କ ସେବା ବ୍ୟାଟିଂ ପରାମର୍ଶଦାତା ଭାବେ ମିଳିବ, ତା'ହେଲେ ଏହା ଦଳକୁ ନିଶ୍ଚିତ ଫାଇଦା



ଦେବ। ଏବେ ଓ ଦ୍ୱିତୀୟ ଟେଷ୍ଟ ମଧ୍ୟରେ ଯଥେଷ୍ଟ ସମୟ ରହିଛି। ଆଜିକା ସମୟରେ ପରାମର୍ଶଦାତାଙ୍କୁ ନିଯୁକ୍ତ କରିବା ସାଧାରଣ କଥା। କ'ଣ ଏହା ଭଲ କଥା ନୁହେଁ?" ପ୍ରଥମ ଟେଷ୍ଟ ନଭେମ୍ବର ୨୨ରୁ ଆରମ୍ଭ ହେଉଥିବା ବେଳେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ରମଣଙ୍କ କଥା ବିଚାର କରିବା ପାଇଁ ୩ ସପ୍ତାହର ସମୟ ରହିଛି। ନିକଟରେ ଶେଷ ହୋଇଥିବା ଟେଷ୍ଟ ସିରିଜରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ବ୍ୟାଟ ଆଦୌ ଚାଲୁ ନାହିଁ। ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୩ ଟେଷ୍ଟରେ ରୋହିତ ୯୧ ରନ କରିଥିବା ବେଳେ ବିରାଟ କେବଳ ୯୩ ରନ କରିପାରିଛନ୍ତି। ତେଣୁ ରମଣ ତୁରନ୍ତ ଭାରତୀୟ ଟିମ ପାଇଁ ବ୍ୟାଟିଂ ପରାମର୍ଶଦାତା ନିଯୁକ୍ତ କରିବାକୁ କହିଛନ୍ତି।

# ନିଜ ସାମ୍ରାଜ୍ୟକୁ ଫେରିଛନ୍ତି ରାଜା: ରବି ଶାସ୍ତ୍ରୀ



**ନୂଆଦିଲ୍ଲୀ,୧୫।୧୧:** ପୂର୍ବତନ ଭାରତୀୟ କ୍ରିକେଟ ଟିମ୍‌ର ପ୍ରଶିକ୍ଷକ ରବି ଶାସ୍ତ୍ରୀ ବିରାଟ କୋହଲିଙ୍କ ସମାଲୋଚକଙ୍କୁ ଉପଯୁକ୍ତ ଉତ୍ତର ଦେଇଛନ୍ତି। ରବି ଶାସ୍ତ୍ରୀ ବିରାଟ କୋହଲିଙ୍କୁ ସମର୍ଥନ କରିଥିଲେ ଏବଂ ତାଙ୍କ ପ୍ରିୟ ଦେଶ ବିପକ୍ଷରେ କ୍ରିକେଟ ଖେଳିବାକୁ ସେ ନିଜ ମାଟିରେ ଉପସ୍ଥିତ ଥିବା କହିଥିଲେ। ଶାସ୍ତ୍ରୀ କହିଛନ୍ତି ଯେ ପୂର୍ବତନ ଅଧିନାୟକ ଅଷ୍ଟ୍ରେଲିଆର ପ୍ରିୟ ଶିକାର ପଡ଼ିଆରେ ନିଜର ଶ୍ରେଷ୍ଠ ଫର୍ମକୁ ଫେରିବେ।

ସୂଚନାଯୋଗ୍ୟ, ଟେଷ୍ଟ ମ୍ୟାଚରେ ଖରାପ ଫର୍ମ ସହ ସଂଘର୍ଷ କରୁଥିବା ବିରାଟ କୋହଲିଙ୍କ ଉପରେ ପ୍ରଶଂସକମାନେ ରାଗିଛନ୍ତି। ବିରାଟଙ୍କ ବ୍ୟାଟ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଚୁପ ରହିଲା। ଏହା ପରେ ତାଙ୍କର ସମାଲୋଚନା ଆରମ୍ଭ ହେଲା। ଏଭଳି ପରିସ୍ଥିତିରେ ପୂର୍ବତନ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ବିରାଟ କୋହଲିଙ୍କୁ ରକ୍ଷା କରିଛନ୍ତି। ଆଇସିସି ସମୀକ୍ଷାର ନୂତନ ଏପିସୋଡରେ ଶାସ୍ତ୍ରୀ ଅଷ୍ଟ୍ରେଲିଆରେ କୋହଲିଙ୍କ ଲୋକପ୍ରିୟତା ଏବଂ ସଫଳତା ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ସେ ତାଙ୍କ ଫର୍ମକୁ ଫେରିବେ। ଶାସ୍ତ୍ରୀ କହିଛନ୍ତି, ଠିକ ଅଛି, ରାଜା ତାଙ୍କ ସାମ୍ରାଜ୍ୟକୁ ଫେରିଛନ୍ତି। ଏହା ମୁଁ ସେମାନଙ୍କୁ କହିବି । ମୁଁ ଭାବୁଛି ବ୍ୟାଟିଂ କରିବାକୁ ବାହାରକୁ ଆସିବା ପରେ ପ୍ରଥମାର୍ଦ୍ଧରେ ଶାନ୍ତ ରହିବା ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ଯଦି ସେ ଶାନ୍ତ ରହିବେ ଏବଂ ଶୀଘ୍ର ଯିବା ପରିବର୍ତ୍ତେ ନିଜ ଗତିରେ ଖେଳିପାରନ୍ତି, ମୁଁ ଭାବୁଛି ସେ ଭଲରେ ରହିବେ, ଏବଂ ଯେତେବେଳେ ଆପଣ ଅଷ୍ଟ୍ରେଲିଆରେ ତାଙ୍କର ପ୍ରଦର୍ଶନକୁ ଦେଖନ୍ତି, ଏହା ଆଶ୍ଚର୍ଯ୍ୟଜନକ ଅଟେ।

# ବୁମ୍‌ରାଙ୍କୁ ବାଉନ୍ସର ମାରିଲେ ରିଷଭ ପନ୍ତ

**ସିଡନୀ,୧୫।୧୧:** ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ନଭେମ୍ବର ୨୨ରୁ ଆରମ୍ଭ ହେଉଛି। ପ୍ରଥମ ଟେଷ୍ଟ ମ୍ୟାଚ ପର୍ଥ ଷ୍ଟାଡିୟମରେ ଖେଳାଯିବ ଏବଂ ଟିମ ଇଣ୍ଡିଆ ଆଜିକାଲି ପଡ଼ିଆରେ ଅଭ୍ୟାସ କରୁଛି। ଏହି ସମୟରେ ଖେଳାଳିମାନେ ମଧ୍ୟ ଏକ ମଜାଦାର ମନୋଭାବରେ ନଜର ଆସିଥିଲେ। ରିଷଭ ପନ୍ତ ସାଧାରଣତଃ ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା, କିନ୍ତୁ ଏଥର ସେ ବୋଲିଂରେ ନିଜର ଚେଷ୍ଟା କରିଛନ୍ତି। ଏପରିକି ସେ ଜସପ୍ରୀତ ବୁମ୍‌ରାଙ୍କୁ ଏକ ବାଉନ୍ସର୍ ବୋଲିଂ କରିବାକୁ ଚେଷ୍ଟା କରିଥିଲେ। ବିସିସିଆଇ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛି, ଯେଉଁଥିରେ ରିଷଭ ପନ୍ତ ବୋଲିଂ କୋଚ ମର୍ନେ ମର୍କେଲଙ୍କୁ ପଚାରିଥିଲେ, ସେ ବୁମରାଙ୍କୁ ଆଉଟ୍ କରିଛନ୍ତି ନା ନାହିଁ। ତା'ପରେ ବୁମ୍‌ରା କହିଛନ୍ତି, ରିଷଭଙ୍କର ହାସିମ ଆମଲାଙ୍କ ଭଳି ବୋଲିଂ ଆକ୍ସନ ଅଛି। ରିଷଭ ଏବଂ ବୁମରାଙ୍କ ମଧ୍ୟରେ ବିତର୍କ କୌତୁହଳପୂର୍ଣ୍ଣ ଥିଲା। କାରଣ ଗୋଟିଏ ପଟେ ବୁମରା ଦାବି କରିଛନ୍ତି ଯେ, ସେ ଆଉଟ୍ ହୋଇନାହାନ୍ତି। ଅନ୍ୟପକ୍ଷରେ ପନ୍ତ କହିଛନ୍ତି, ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ଗୋଟିଏ ଉଇକେଟ ନେଇଛନ୍ତି। ରିଷଭ ପନ୍ତଙ୍କ ପୁଲ୍ ଲେନ୍ଥରେ ୨-୩ ବଲ ବୋଲିଂ କରିଥିଲେ। ପନ୍ତଙ୍କ ବାଉନ୍ସର ବଲ୍‌ରେ ବୁମ୍‌ରା ଛକା ମାରିଥିଲେ।

ବର୍ଡର-ଗାଭାସ୍କର ଟ୍ରଫିରେ ସର୍ବୋତ୍ତମ ହାରାହାରି ଖେଳୁଥିବା ରିଷଭ ପନ୍ତ ସେହି ବର୍ତ୍ତମାନର କ୍ରିକେଟରମାନଙ୍କ ମଧ୍ୟରୁ ଜଣେ। ଏହି ସିରିଜର ଇତିହାସରେ ସେ ୭ଟି ମ୍ୟାଚ ଖେଳିଛନ୍ତି ଏବଂ ହାରାହାରି ୬୨.୪୦ରେ ୬୨୪ ରନ କରିଛନ୍ତି। ବୁମ୍‌ରା ବର୍ଡର-ଗାଭାସ୍କର ଟ୍ରଫି ଇତିହାସରେ ୭ଟି ମ୍ୟାଚ ଖେଳି ୩୨ ଉଇକେଟ ନେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିମାନ ସେବାରେ...

ସିଙ୍ଗାପୁର ଓ ଦୁବାଇ ପରି ଆନ୍ତର୍ଜାତିକ ଫ୍ଲାଇଟ ବି ଅପରେଟ କରୁଛି।

ସେହିଭଳି ପଶ୍ଚିମ ଓଡ଼ିଶାରେ ଝାରସୁଗୁଡା ବିମାନ ବନ୍ଦର ମଧ୍ୟ ବିମାନ ଯୋଗାଯୋଗରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମରେ ଝାରସୁଗୁଡା ବିମାନ ବନ୍ଦର କାର୍ଯ୍ୟକ୍ଷମ ହୋଇଥିଲା। ପ୍ରଥମେ ଏଠାରୁ କେବଳ କୋଲକତାକୁ ବିମାନ ସେବା ଆରମ୍ଭ ହୋଇଥିଲା। ଏବେ ଝାରସୁଗୁଡାରୁ ଦେଶର ମୁମ୍ବାଇ, ଲକ୍ଷ୍ନୌ, ହାଇଦ୍ରାବାଦ ଓ ରାୟପୁର ପରି ପ୍ରମୁଖ ସହରକୁ ସଂଯୋଗ କରିବ।

### ଜନଜାତିଙ୍କ...

ଅଭିଯାନର ମୂଳ ଲକ୍ଷ୍ୟ ରହିଛି ଜନଜାତି ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂରକରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା। ଓଡ଼ିଶାର ୨୭ଟି ଜିଲ୍ଲାର ୭ ହଜାର ୬ ଶହ ୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏହି ଅଭିଯାନର ସଫଳ ରୂପାୟନ ପାଇଁ ଆମେ ସକ୍ରିୟଭାବେ କାମ କରୁଛୁ। ଏହି ସମସ୍ତ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଛି।

ମୁଖ୍ୟମନ୍ତ୍ରୀ ଜନଜାତିଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏଥିରେ ୧୬ଟି ଆଶ୍ରମ ସ୍କୁଲକୁ ହାଇସ୍କୁଲକୁ ଉନ୍ନୀତ କରାଯିବ। ପ୍ରତ୍ୟେକ ସ୍କୁଲ ପିଛା ୧୫କୋଟି ଟଙ୍କା ଭାବରେ ସମୁଦାୟ ୨୪୦ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୧୩ଟି ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବ। ଏଥିପାଇଁ ପ୍ରତ୍ୟେକ ସ୍କୁଲ ପିଛା ୨୨ କୋଟି ଟଙ୍କା ହିସାବରେ ୨୮୬ କୋଟି ଟଙ୍କା ବିନିଯୋଗ ହେବ। ୪୨୬ଟି ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲ ନିର୍ମାଣ ପାଇଁ ୮୫୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଭୁବନେଶ୍ୱରର ଗୋଠପାଟଣା ଠାରେ ଜନଜାତି ସଂସ୍କୃତି ଓ ଐତିହ୍ୟ ଭବନ ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ବିନିଯୋଗ କରାଯିବ। ଗୋଠପାଟଣା ଠାରେ ଜନଜାତି ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୫୦ କୋଟି ଟଙ୍କା ଓ ଜନଜାତି ଅସ୍ମିତା ଭବନ ନିର୍ମାଣ ପାଇଁ ୪ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୫ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ମଧ୍ୟ ୩ କୋଟି ଟଙ୍କା ବିନିଯୋଗ କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ଜନଜାତି ସମ୍ପ୍ରଦାୟଙ୍କ ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିବଦ୍ଧ ଅଛନ୍ତି। ଜନଜାତି ସମ୍ପ୍ରଦାୟଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସେମାନଙ୍କୁ ସଶକ୍ତ କରାଯାଉଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଜମି ଅଧିକାର ଆଇନ୍ ବଳରେ ରାଜ୍ୟର ୮ଟି ବିଶେଷ ଅନୁନ୍ନତ ଜନଜାତି ବା ପିଭିଟିଜି ବର୍ଗଙ୍କୁ ବସବାସର ଅଧିକାର ପ୍ରଦାନ କରିଥିଲେ। ପିଭିଟିଜି ବର୍ଗଙ୍କୁ ହାବିଟାଟ୍ ରାଇଟ୍ସ ପ୍ରଦାନ କରିବାରେ ଓଡ଼ିଶା ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ସର୍ବ ଭାରତୀୟ ସ୍ତରରେ ରେକର୍ଡ କରିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଦିବାସୀ ମାନଙ୍କ ସାମଗ୍ରିକ ବିକାଶ ଉପରେ ଆମ ସରକାର ଗୁରୁତ୍ୱ ଦେଉଛନ୍ତି। ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ଆମ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ପ୍ରଣୟନ କରିବାକୁ ଯାଉଛନ୍ତି। ଏହା ସହିତ ଆଦିବାସୀ ଅଞ୍ଚଳରେ ପିଲାଙ୍କ ପାଇଁ ହଷ୍ଟେଲ ନିର୍ମାଣ, ସିଡୁଲ୍ ଅଞ୍ଚଳରେ ପେସା ଆଇନ କାର୍ଯ୍ୟକାରୀ କରିବା, ଗ୍ରାମ ସଭା ଗୁଡ଼ିକୁ ସକ୍ରିୟ କରିବା ପାଇଁ ମଧ୍ୟ ଆମ ସରକାର ପଦକ୍ଷେପ ନେଉଛି। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଲେ ଯେ ବ୍ରିଟିଶ ସରକାରଙ୍କ ଉତ୍ପୀଡନ ବିରୋଧରେ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ଓ ବଳିଦାନ ସଦା ସର୍ବଦା ପ୍ରେରଣାଦାୟୀ ହୋଇ ରହିବ। ବିର୍ସା ମୁଣ୍ଡାଙ୍କ ତ୍ୟାଗକୁ ପୂର୍ବ ସରକାରମାନେ ଅବହେଳା କରୁଥିଲେ। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ବିର୍ସାଙ୍କ ସ୍ମୃତିକୁ ଉଜ୍ଜିବୀତ ରଖିବା ପାଇଁ ତାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରାଯିବା ସହିତ ଆଦିବାସୀଙ୍କ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେ କହିଥିଲେ ଯେ ପି.ଏମ୍ ଜନମନ୍ ଯୋଜନାରେ ୧୮ଟି ରାଜ୍ୟରେ ଆଦିବାସୀ ଅଞ୍ଚଳରେ ସୌରଶକ୍ତି ମାଧ୍ୟମରେ ବିଜୁଳି ଯୋଗାଇ ଦିଆଯାଉଛି।

ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶକ୍ତି, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶ୍ରୀପଦ ନାଏକ କହିଲେ ଯେ ଭଗବାନ ବିର୍ସା ମୁଣ୍ଡା ଜନଜାତି ସମାଜର ବନ୍ଧନକୁ ସୁଦୃଢ଼ କରିବା ସହିତ ସେମାନଙ୍କ ଉନ୍ନତି ପାଇଁ ଯେଉଁ ଉଦ୍ୟମ କରିଯାଇଛନ୍ତି ତା'ର ତୁଳନା ନାହିଁ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଅବଦାନକୁ ସ୍ମରଣ କରିବା ସହିତ ଆଦିବାସୀ ମାନଙ୍କ ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଫିସ...

ଅଫିସରେ ଜିଲ୍ଲାପାଳଙ୍କ ସହିତ ସେମାନଙ୍କ ପରିବାର ସଦସ୍ୟ ଆତଯାତ ହେଉଛନ୍ତି ।

ରେସ୍ ଅଫିସ ମାୟାରେ କିଛି ଜିଲ୍ଲାପାଳ ଏଭଳି ପଡିଛନ୍ତି ଯେ ଜିଲ୍ଲାପାଳଙ୍କ ଦପ୍ତରର ବହୁ କର୍ମଚାରୀଙ୍କୁ ସେମାନେ ସହଜରେ ଚିହ୍ନପାରୁ ନାହାନ୍ତି । କାରଣ ନିହାତି ଆବଶ୍ୟକ ନଥିଲେ ଏହି କର୍ମଚାରୀମାନେ ଜିଲ୍ଲାପାଳଙ୍କୁ ଭେଟୁ ନାହାନ୍ତି । ଜିଲ୍ଲାପାଳ ଯଦି ନିୟମିତଭାବେ ତାଙ୍କ ଦପ୍ତରକୁ ଆସୁଥାନ୍ତେ ତେବେ ସବୁ କର୍ମଚାରୀଙ୍କ ସହିତ ମୁହାଁମୁହିଁ ହେଉଥାନ୍ତେ ଓ କାମ କିପରି ଚାଲୁଛି ତାହା ଦେଖୁଥାନ୍ତେ । ଏହାଦ୍ୱାରା ପ୍ରଶାସିନକ କାର୍ଯ୍ୟ ବି ତ୍ୱରାନ୍ୱିତ ହେଉଥାନ୍ତା। ହେଲେ ଜିଲ୍ଲାପାଳମାନେ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଜାନୁୟାରୀ ୨୬ ଓ ଅଗଷ୍ଟ ୧୫ ଭଳି ଦିନରେ ଜିଲ୍ଲାପାଳମାନଙ୍କ ପାଦ ବହୁ କଷ୍ଟରେ ସରକାରୀ ଅଫିସରେ ପଡୁଛି।

ଏଭଳି ରେସ୍ ଅଫିସ୍ କାରବାର ଗତ ସରକାର ଅମଳରେ ନକ୍ସଲ ଅଞ୍ଚଳର କିଛି ଜିଲ୍ଲାପାଳ ସୁରକ୍ଷା ବାହାନାରେ ଆରମ୍ଭ କରିଥିଲେ । କିନ୍ତୁ ଏବେ ସେହି ରୋଗ ଉପକୂଳକୁ ବ୍ୟାପିବାରେ ଲାଗିଛି। ରାଜଧାନୀ ଆଖପାଖ ଜିଲ୍ଲାର ଜିଲ୍ଲାପାଳମାନେ ବି ଜିଲ୍ଲାପାଳଙ୍କ ପାଇଁ ଉଦ୍ଦିଷ୍ଟ ଦପ୍ତରରେ ପାଦ ପକାଉ ନାହାନ୍ତି । ବର୍ଷ ବର୍ଷ ଧରି ରେସ୍ ଅଫିସରେ କାର୍ଯ୍ୟ କରୁଛନ୍ତି । ରେସ୍ ଅଫିସକୁ ଯାଉଥିବା କର୍ମଚାରୀମାନେ ଜିଲ୍ଲାପାଳ ପରିବାର ସଦସ୍ୟଙ୍କ ଦ୍ୱାରା ହଇରାଣ ହରକତ ହେଉଥିଲେ ମଧ୍ୟ ମୁହଁ ଖୋଲି କିଛି କହିପାରୁ ନାହାନ୍ତି । ତେଣୁ ପ୍ରଶାସନରେ ସଂସ୍କାର ଆଣୁଥିବା ନୂଆ ସରକାର ତୁରନ୍ତ ଜିଲ୍ଲାପାଳମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଦପ୍ତରରେ ଯେଭଳି ବସି କାମ କରିବେ ସେଥିପାଇଁ ମତପ୍ରକାଶ ପାଉଛି ।

### ମୁଖ୍ୟମନ୍ତ୍ରୀଙ୍କ...

ସହ କଟକ-ବାରବାଟି ବିଧାୟକ, କଟକ-ଚୌଦ୍ୱାର ବିଧାୟକ, କଟକ ସାଂସଦ, ଅନ୍ୟ ମନ୍ତ୍ରୀ ଓ ପ୍ରଶାସକ ସମସ୍ତେ ବସିଲେ। ଗୋଟିଏ ଗାଡିରେ ଏତେ ଲୋକ ବସିବା ଦେଖି ବିରକ୍ତି ପ୍ରକାଶ କରି ଗାଡ଼ିରୁ ଓହ୍ଲାଇଗଲେ ମୁଖ୍ୟମନ୍ତ୍ରୀ। ତାପରେ ଚାଲି ଚାଲି ଯାତ୍ରା ବୁଲିଲେ ମୋହନ ମାଝୀ।

ବାଲିଯାତ୍ରାରେ ଏଭଳି ଅବ୍ୟବସ୍ଥାକୁ ଦେଖି ଚର୍ଚ୍ଚା ହେଉଛି ଏହା ଉଦ୍ଦେଶ୍ୟମୂଳକ। ଯେଉଁ ଜିଲ୍ଲାପାଳ ଏସବୁର ଆୟୋଜନ କରିଥିଲେ ପୂର୍ବରୁ ସେ ବାଲେଶ୍ୱରରେ ଥିବା ବେଳେ ଆଠ ମାସ ତଳେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ସର୍ବସାଧାରଣରେ ଅପମାନିତ କରିଥିଲେ। ସେହି ଘଟଣାରେ ତାଙ୍କର ବଦଳି ମୟୁରଭଞ୍ଜକୁ ହୋଇଥିଲା। ଏଭିତରେ ସରକାର ବଦଳିଯାଇଛି। କିନ୍ତୁ ଏଭଳି ଜଣେ ଅହଂକାରୀ ଅଫିସରଙ୍କୁ କଟକ ଭଳି ସମ୍ବେଦନଶୀଳ ଜିଲ୍ଲାକୁ କିଏ ବଦଳିକରି ଆଣିଛି।

ଚର୍ଚ୍ଚା ହେଉଛି ଏହି ଅଫିସର ଜଣ ପୂର୍ବ ସରକାରରେ ତୃତୀୟ ମହଲାର ଅତ୍ୟନ୍ତ ଘନିଷ୍ଠ ଥିଲେ। ତୃତୀୟ ମହଲାର ଛତ୍ରଛାୟାରେ ସେ କୌଣସି ଜନପ୍ରତିନିଧିଙ୍କୁ ଖାତିର କରୁନଥିଲେ। ଯେଉଁଥିପାଇଁ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଦୁର୍ବ୍ୟବହାର କରିପାକୁ ପଛେଇନଥିଲେ। ତେଣୁ ଏହି ଅଫିସରଙ୍କ କଟକ ପୋଷ୍ଟିଂ ପଛରେ ଏକ ବଡ ଷଡଯନ୍ତ୍ର ଥିବାର ସନ୍ଦେହ କରାଯାଉଛି।

### ବିଦେଶରୁ ...

ମୁଖ୍ୟମନ୍ତ୍ରୀ ସିଙ୍ଗାପୁରର ଉପ ପ୍ରଧାନମନ୍ତ୍ରୀ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଓଡ଼ିଶାରେ ପୁଞ୍ଜିନିବେଶର ଅବସର ନେଇ ଅବଗତ କରାଇବେ ମୁଖ୍ୟମନ୍ତ୍ରୀ । ସିଙ୍ଗାପୁରରୁ ଓଡ଼ିଶାକୁ ପୁଞ୍ଜିନିବେଶ ଆକୃଷ୍ଟ କରିବା ପାଇଁ ସରକାର ରୋଡ ସୋ' ଏବଂ ଶିଳ୍ପପତିଙ୍କସହ ଆଲୋଚନା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଆଲୋଚନା ସମୟରେ ବିଶ୍ୱବାଣିଜ୍ୟକୁ ଗତି ଦେବାରେ ଓଡ଼ିଶାର ଧାମରା, ପାରାଦୀପ ଓ ଗୋପାଳପୁର ବନ୍ଦର କିଭଳି ଆମଦାନୀ ଓ ରପ୍ତାନୀରେ ସହାୟକ ହୋଇପାରିବ ସେନେଇ ଅବଗତ କରାଯିବ । ଏଥିରେ ପ୍ରମୁଖ ଭୂମିକା ନେବେ ସିଙ୍ଗାପୁରରେ ଥିବା ପ୍ରବାସୀ ଓଡ଼ିଆ ।

### ହାୱଡ଼ା-ଚେନ୍ନାଇ...

ଲଗାଯିବ ସହିତ ଟ୍ରେନ୍, ଷ୍ଟେସନ୍ ଏବଂ କଣ୍ଟ୍ରୋଲ୍ ସେଣ୍ଟର୍ ମଧ୍ୟରେ ପ୍ରକୃତ ସମୟର ଯୋଗାଯୋଗ ନିଶ୍ଚିତ କରିବ, ଯାହାଦ୍ୱାରା ଦୁର୍ଘଟଣାର ଆଶଙ୍କା କମ୍ ହେବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

### ଆଜିଠୁ ...

ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ବୈଠକରେ ଜିଲ୍ଲାପାଳ, ଏସ୍‌ପିଙ୍କ ସହିତ ଶ୍ରୀମନ୍ଦିର ତଥା ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି ବୈଠକରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ଆସନ୍ତାକାଲିଠାରୁ ସମସ୍ତ ଚାରି ଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ।

# ଗ୍ୟାସ୍ ସିଲିଣ୍ଡର ଫାଟି ୩ ଗୁରୁତର

**ରାୟଗଡା,୧୫।୧୧(ସଂଚାର ବ୍ୟୁରୋ):** ସହର ରାନିଗୁଡ଼ାରେ ଆଜି ସକାଳେ ଘଟିଛି ଅଘଟଣ। ଗ୍ୟାସ୍ ସିଲିଣ୍ଡର ଫାଟି ୩ ଜଣ ଗୁରୁତର ହୋଇଛନ୍ତି। ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ମେଡିକାଲ ଓ ଅନ୍ୟ ଜଣଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଗୁରୁତର ଭକ୍ତମାନେ ହେଲ ଡି. ଶିବା, ଧର୍ମା ମିଣିଆକା ଓ ଦିନ ମିଣିଆକା । ସେମାନଙ୍କ ଶରୀରର ପ୍ରାୟ ୬୦% ପୋଡି ଯାଇଛି। ସେମାନେ ଏକ ଧର୍ମାବଲମ୍ବୀ ହୋଇଥିବା ବେଳେ ପରିବାରଠୁ ଦୂରରେ ରହୁଥିଲେ। ରାୟଗଡା ସହର ରାନିଗୁଡ଼ାରେ ଏକ ଭଡ଼ା ଘରେ ଗତ କିଛି ଦିନ ହେବ ସେମାନେ ରହୁଥିଲେ। ଆଜି ସକାଳେ ସମସ୍ତେ ପୂଜାପାଠ କରିଥିଲେ। ଏହାପରେ ଜଳଖିଆ ପ୍ରସ୍ତୁତି ନିମନ୍ତେ ଗ୍ୟାସ ଲଗାଇବା ବେଳେ ତାହା ଫାଟି ନିଆଁ ଲାଗିଯାଇଥିଲା । ଫଳରେ ଏହି ୩ ଭକ୍ତ ଗୁରୁତର ହୋଇପଡ଼ିଥିଲେ ।

# ସାଧବ ପୁଅଙ୍କ ଗାଥା ଯୁବପୀଢ଼ିଙ୍କ ପାଇଁ ପ୍ରେରଣା



**ଭୁବନେଶ୍ୱର,୧୫।୧୧(ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଆଜି ଗାଁରୁ ସହର ସବୁ ଚଳଚଞ୍ଚଳ ହୋଇଉଠିଛି। ଏହି କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ ପ୍ରାଚୀନ ଉତ୍କଳ ତଥା କଳିଙ୍ଗର ସାଧବ ପୁଅମାନଙ୍କର ବାଣିଜ୍ୟ ସଫଳତାକୁ ମନେ ପକାଏ। ଓଡ଼ିଶାର ପୁରାତନ ଅର୍ଥନୈତିକ ତଥା ବାଣିଜ୍ୟକ ବ୍ୟବସ୍ଥାର ଓ ଗରିମାମୟ ଇତିହାସର ମୂକସାକ୍ଷୀ ହେଉଛି ବୋଇତ ବନ୍ଦାଣ ଉତ୍ସବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧାମରାରେ ଆୟୋଜିତ ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଇ ଶ୍ରୀ ସାମଲ କହିଛନ୍ତି ଯେ, ପ୍ରାଚୀନ ଉତ୍କଳର ଓଡିଆ ସାଧବ ପୁଅମାନେ ଏହି ସମୟରେ ସୁଦୂର ବାଲି, ଜାଭା, ବୋର୍ଣ୍ଣିଓ ଆଦି ଦ୍ୱୀପପୁଞ୍ଜକୁ ଯାଇ ବଣିଜ ବେପାର କରୁଥିଲେ। ସେମାନେ ଶିକ୍ଷା, ଦୀକ୍ଷା, ସଂସ୍କୃତି, ପରମ୍ପରା, କାରିଗରୀ, ବୈଜ୍ଞାନିକ ବ୍ୟବସ୍ଥାକୁ ସବୁ ଜାଗାରେ ପଂହଚାଉଥିଲେ। ଫଳରେ ସାରା ବିଶ୍ୱ ଆମ ଦ୍ୱାରା ଆଲୋକିତ ହେଉଥିଲା। ସେ ସମୟରେ ଉତ୍କଳରେ ଶିକ୍ଷାର ମାନ ଯଥେଷ୍ଟ ଉଚ୍ଚକୋଟିର ଥିଲା। ଓଡ଼ିଶାର ସାଧବ ପୁଅଙ୍କ ଗାଥା ଆଜିର ଯୁବପିଢ଼ୀଙ୍କ ପାଇଁ ପ୍ରେରଣା ପାଲଟିଛି।

## ଦୁର୍ଦ୍ଧାନ୍ତ ଅପରାଧୀ ସୋନିଆ ଗୌଡ ଗିରଫ




**ବ୍ରହ୍ମପୁର, ୧୫।୧୧ (ସଂଚାର ବ୍ୟୁରୋ) :** ଏକ ହତ୍ୟା ଉଦ୍ୟମ ମାମଲାରେ ୱାରେଣ୍ଟ ଥିବା ଦୁର୍ଦ୍ଧାନ୍ତ ଅପରାଧୀ ତଥା ବ୍ରହ୍ମପୁର ନିଳାଞ୍ଚଳ ନଗର ନିବାସୀ ସନିଆ ଗୌଡ଼କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ୨୦୧୮ ମସିହାର ଏକ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତ ଥିଲେ । କୋର୍ଟର ବିଚାରଣା ବେଳେ କୋର୍ଟରେ ଉପସ୍ଥିତି ନଥିଲେ । ଯାହାଫଳରେ କୋର୍ଟ ତାଙ୍କ ନାମରେ ୱାରେଣ୍ଟ ଜାରି କରିଥିଲା। ସେହିକ୍ରମର ବଡ଼ ବଜାର ଥାନା ଅଧିକାରୀ ବାବା ଶଙ୍କର ସରଫ୍ ତାକୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସନିଆ ନାମରେ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ପ୍ରାୟ ୫୦ରୁ ଉର୍ଦ୍ଧ ମାମଲା ରହିଥିବା ପୁଲିସ ତଦନ୍ତରେ ଜଣାପଡିଛି । ବଡ ବଜାର ଥାନା ଅନ୍ତର୍ଗତ ମାର୍ଥା ସାହି ବର୍ତ୍ତମାନ ସେ ରହୁଥିଲେ ବୋଲି ପୁଲିସ କହିଛି ।

## ମୋବାଇଲ ଚୋରି ରାକେଟର ପର୍ଦ୍ଦାଫାଶ
# ୬ ଗିରଫ, ୨୭ ଫୋନ ଜବତ




**ବାଲେଶ୍ୱର, ୧୫।୧୧ (ସଂଚାର ବ୍ୟୁରୋ) :** ମୋବାଇଲ ଚୋରି ରାକେଟ ର ପର୍ଦ୍ଦାଫାଶ କରିଛି ବାଲେଶ୍ୱର ପୋଲିସ। ଏ ନେଇ ଆଜି ଅପରାହ୍ନରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ରାଜ ପ୍ରସାଦ ସୂଚନା ଦେଇଛନ୍ତି। ଗତ ୭ ତାରିଖ ଓ ୧୧ତାରିଖ ସଦର ଥାନା ଫକୀରମୋହନ ନଗର ଅଞ୍ଚଳରୁ ମୋବାଇଲ ଫୋନ୍ ଚୋରି ନେଇ ସଦର ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା।ସହରର ବିଭିନ୍ନ ଅଞ୍ଚଳରେ ବିଶେଷ କରି ପୂଜା ପର୍ବାଣୀରେ ମୋବାଇଲ ଚୋରି ଘଟଣା ବୃଦ୍ଧି ନେଇ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା।ଏହି ଚଢ଼ାଉ ବେଳେ ମୋବାଇଲ ଚୋରି ରାକେଟର ୩ ଜଣ ମୋବାଇଲ ଫୋନ ଚୋର କୁ ଗିରଫ କରିଥିଲା ପୋଲିସ ଟିମ୍। ପରେ ଏହି ଚୋରି ମୋବାଇଲ ଫୋନ କିଣିଥିବା ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ପାଖରୁ ୨୭ ଟି ଚୋରି ମୋବାଇଲ ଫୋନ,ଗୋଟିଏ ଟାବଲେଟ କୁ ଜବତ କରାଯାଇଥିଲା।।ଏହି ୬ ଜଣଙ୍କୁ ରିମାଣ୍ଡ ରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ଏସପି କହିଥିଲେ।ସାମ୍ବାଦିକ ସମ୍ମିଳନୀ ପରେ କିଛି ଅଭିଯୋଗକାରୀ ଙ୍କୁ ସେମାନଙ୍କର ମୋବାଇଲ ଫୋନ୍ ଏସପି ଶ୍ରୀ ପ୍ରସାଦ ପ୍ରଦାନ କରିଥିଲେ।ମୋବାଇଲ ପାଇ ପୋଲିସ ପ୍ରଶାସନ କୁ କୃତଜ୍ଞତା ଜାଣିଥିଲେ ମୋବାଇଲ ପାଇଥିବା ଅଭିଯୋଗକାରୀ।ଏହି ସାମ୍ବାଦିକ ସମ୍ମିଳନୀରେ ଆଡିସିନାଲ ଏସପି ଡ.ଶଶାଙ୍କ ଶେଖର ବେଉରାଙ୍କ ସମେତ ଟିମ୍ ଉପସ୍ଥିତ ଥିଲେ।

## ରାଜଭବନରେ ଜନଜାତୀୟ ଗୌରବ ଦିବସ ଏବଂ ଝାଡ଼ଖଣ୍ଡ ରାଜ୍ୟ ପ୍ରତିଷ୍ଠା ଦିବସ ପାଳିତ
# ବିର୍ସା ମୁଣ୍ଡାଙ୍କର ଅବଦାନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ: ରାଜ୍ୟପାଳ

**ଭୁବନେଶ୍ୱର, ୧୫।୧୧ (ସଂଚାର ବ୍ୟୁରୋ) :** ମହାନ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ଏବଂ ଝାଡ଼ଖଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ରାଜଭବନରେ ଏକ ଉତ୍ସବ ମୁଖରିତ ପରିବେଶରେ ପାଳିତ ହୋଇଯାଇଛି। ଆଜି ନ୍ୟୁଅଭିଷେକ ହଲ୍‌ଠାରେ ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ରାଜ୍ୟପାଳ ରଘୁବର ଦାସ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଉଦ୍‌ବୋଧନ ଛଳରେ କହିଥିଲେ ଯେ ମହାନ ସ୍ୱାଧୀନତା ସଂଗ୍ରାମୀ, ଆଧ୍ୟାତ୍ମିକ ନେତା, ସମାଜ ସଂସ୍କାରକ ବିର୍ସା ମୁଣ୍ଡାଙ୍କର ସ୍ୱାଧୀନତା ସଂଗ୍ରାମରେ ଅଦମ୍ୟ ସାହସ ପ୍ରଦର୍ଶନ ଏବଂ ଜନଜାତି ସଂପ୍ରଦାୟର ଅଧିକାର ସୁରକ୍ଷା ଦିଗରେ ଅବଦାନ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଧରତୀ ଆବା ଭାବରେ ପରିଚିତ ଭଗବାନ ବିର୍ସା ମୁଣ୍ଡା ଲୋକଙ୍କର କଲ୍ୟାଣ, ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ଅତ୍ୟାଚାର ବିରୁଦ୍ଧରେ ପ୍ରତିରୋଧ ଏବଂ ଜନଜାତି ସମ୍ପ୍ରଦାୟର ସଂସ୍କୃତି, ସ୍ୱାଭିମାନ ଏବଂ ସମ୍ମାନ ରକ୍ଷା ପାଇଁ ତାଙ୍କର ପ୍ରତିବଦ୍ଧତା ଓ ସଂଗ୍ରାମ ତାଙ୍କୁ ଏକ ଶକ୍ତିଶାଳୀ ପ୍ରତୀକ ଭାବେ ପ୍ରତିଷ୍ଠିତ କରିଛି ବୋଲି ରାଜ୍ୟପାଳ କହିଥିଲେ।



ଝାଡ଼ଖଣ୍ଡ ରାଜ୍ୟ ପ୍ରତିଷ୍ଠା ଦିବସ ସମ୍ପର୍କରେ ସ୍ମୃତିଚାରଣ କରି ରାଜ୍ୟପାଳ କହିଥିଲେ ଯେ ଭଗବାନ ବିର୍ସା ମୁଣ୍ଡାଙ୍କର ଜନ୍ମଦିନରେ ୨୦୦୦ମସିହା ନଭେମ୍ବର ୧୫ତାରିଖ ଦିନ ଝାଡ଼ଖଣ୍ଡ ରାଜ୍ୟ ପ୍ରତିଷ୍ଠା ହୋଇଥିଲା ଏବଂ ଝାଡ଼ଖଣ୍ଡର ବିକାଶ ଯାତ୍ରା ବାସ୍ତବିକ୍ ଉତ୍ସାହ ଜନକ। ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ରାଜ୍ୟ ମଧ୍ୟରେ ଥିବା ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ମଧୁର ଓ ନିବିଡ଼ ବୋଲି କହିବା ସହିତ ରାଜ୍ୟ ସ୍ଥାପନା ଦିବସ ବିବିଧତାରେ ଏକତା ଏବଂ ଏକ ଭାରତ ଶ୍ରେଷ୍ଠ ଭାରତକୁ ଅଧିକ ଶକ୍ତିଶାଳୀ କରାଇବ ବୋଲି କହିଥିଲେ। ଭାରତର ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜଭବନରେ ରାଜ୍ୟ ସ୍ଥାପନା ଦିବସ ପାଳନ ରାଜ୍ୟ ରାଜ୍ୟ ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ କରିବା ସହିତ ଏକ ଭାରତ ଶ୍ରେଷ୍ଠ ଭାରତକୁ ସାକାର କରିପାରିବ ବୋଲି ରାଜ୍ୟପାଳ କହିଥିଲେ। ଆଜିର ଦିବସରେ ଓଡ଼ିଶାକୁ ନିଜ ଘର କରିସାରିଥିବା ଝାଡ଼ଖଣ୍ଡର ପୁଅଝିଅମାନଙ୍କ ସହିତ ଝାଡ଼ଖଣ୍ଡର ପ୍ରତିଷ୍ଠା ଦିବସ ପାଳନ କରିବା ତାଙ୍କ ପାଇଁ ଗୌରବର ଦିବସ ବୋଲି ରାଜ୍ୟପାଳ କହିଥିଲେ।

ଏଠାରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ତଥା ସେବାରତ ପଦାଧିକାରୀଙ୍କର ପ୍ରତିବଦ୍ଧତା ଏବଂ ସଫଳତା ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡକୁ ସମୃଦ୍ଧ କରୁଛି। ବନ୍ଧୁତା ଓ ଭାଇଚାରା ମାଧ୍ୟମରେ ପାରସ୍ପରିକ ସମ୍ମାନ ଓ ଭାଇଚାରାକୁ ମଜବୁତ୍ କରୁଛି। ବିକଶିତ ଝାଡ଼ଖଣ୍ଡ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଶିକ୍ଷା ଜରୁରୀ ଏବଂ ଶିକ୍ଷା ଦ୍ୱାରା ଲକ୍ଷ୍ୟରେ ଆମେ ପହଞ୍ଚିପାରିବା। ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ଭାରତର ଅର୍ଥନୈତିକ ଏବଂ ସାଂସ୍କୃତିକ ଦୃଶ୍ୟପଟ୍ଟରେ ବିଶେଷ ଅବଦାନ ରଖିଛନ୍ତି ବୋଲି ରାଜ୍ୟପାଳ କହିବା ସହିତ ଦେଶ ପାଇଁ ଏକ ସମୃଦ୍ଧ ତଥା ଗୌରବମୟ ଭବିଷ୍ୟତ ସୃଷ୍ଟି କରିବାକୁ ଆହ୍ୱାନ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାରଙ୍କ ଝାଡ଼ଖଣ୍ଡ ସ୍ଥାପନା ଦିବସର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥି ଏହି ସମାରୋହରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଝାଡ଼ଖଣ୍ଡ ନିବାସୀ ସେମାନଙ୍କର ଓଡ଼ିଶାରେ ଅବସ୍ଥାନ ସମୟର ଅଭିଜ୍ଞତା ଓ ଉପଲବ୍ଧି ତଥା ନିଜ ରାଜ୍ୟ ସମ୍ପର୍କରେ ଅଭିବ୍ୟକ୍ତି ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଭଗବାନ ବିର୍ସା ମୁଣ୍ଡାଙ୍କର ଜୀବନୀ ସମ୍ପର୍କିତ ଏକ ପ୍ରାମାଣିକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାରେ ଅଧ୍ୟୟନ କରୁଥିବା ଝାଡ଼ଖଣ୍ଡ ରାଜ୍ୟର ଛାତ୍ରଛାତ୍ରୀ ତଥା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ
## ସକାଳେ ବୋଇତରେ ବୁଲିଲେ ଦିବ୍ୟା, ସଂନ୍ଧ୍ୟାରେ ଝୁମିଲେ ଦର୍ଶକ

**ନୟାଗଡ଼, ୧୫।୧୧ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ବୋଇତ ବନ୍ଦାଣ ଉତ୍ସବର ଆଜି ଅନ୍ତିମ ଦିବସ । ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଆଜି ସକାଳୁ ନୟାଗଡ଼ ପୁରୁଣା ସହର ସାଗର ପୋଖରୀ କୂଳରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି । ଶୀତୁଆ ସକାଳରେ ହଜାର ହଜାର ଦର୍ଶକ ସାଗର ପୋଖରୀ କୂଳରେ ପହଞ୍ଚି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇଛନ୍ତି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ.ସୁଶ୍ରୀ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ବୋଇତ ବନ୍ଦାଣ କମିଟିର ସଭାପତି କିଶାନ କୁମାର ଦାସ ଓ ଓଡ଼ିଆ ଚଳଚ୍ଚିତ୍ର 'କର୍ମ'ର ଅଭିନେତ୍ରୀ ଦିବ୍ୟା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।



ଦର୍ଶକ ମାନଙ୍କୁ ଅଭିନେତ୍ରୀ ଦିବ୍ୟା ବାନ୍ଧି ରଖିଥିଲେ । ସ୍ଥାନୀୟ କଳାକାରଙ୍କ ଦ୍ୱାରା ତଅପୋଇ ନାଟକ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥି ଡ. ସାହୁ ନୟାଗଡ଼ ପୁରୁଣା ସହରର ବାସିନ୍ଦା ମାନଙ୍କ ଦ୍ୱାରା ନୟାଗଡ଼ରେ ବୋଇତ ବନ୍ଦାଣ ଉତ୍ସବ ସୁରୁଖୁରୁରେ ଅନୁଷ୍ଠିତ ହେଉଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଉତ୍କଳୀୟ ପରମ୍ପରା ଐତିହ୍ୟକୁ ବଜାୟ ରଖିବା ପାଇଁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେଉଛି। ଆଜିର କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ସାଗର ପୋଖରୀ କୁଳରେ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଥିଲା। ଅଭିନେତ୍ରୀ ଦିବ୍ୟା ମହାନ୍ତିଙ୍କ ଫିଲ୍ମ କର୍ମର ଚିରିଂ ଚିରିଂ ଗୀତରେ ଡ୍ୟାନ୍ସରେ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ଓ ଜନ ପ୍ରତିନିଧି ମାନେ ଯୋଗ ଦେଇଥିଲେ।

ସେହିପରି ବୋଇତ ବନ୍ଦାଣ ଯାତ୍ରା ଉତ୍ସବର ଉଦଯାପନୀ ସଂନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ମାଧ୍ୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାଞ୍ଚଦିନ ଧରି ହୋଇଆସୁଥିବା ବୋଇତ ବନ୍ଦାଣ ଉତ୍ସବରେ ସ୍ଥାନୀୟ କଳାକାର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଆସୁଥିଲେ । ସେମାନଙ୍କୁ ଉଦଯାପନୀ ସଂନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଯାପନୀ ସଂନ୍ଧ୍ୟାକୁ ଗୀତ ମିଳନ ମେଲୋଡି ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**କଣାସ, ୧୫।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ ମା କୁଞ୍ଜେଶ୍ୱରୀଙ୍କ ପୀଠରେ ଅଁଳା ନବମୀଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଅପରାହ୍ନରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି କାର୍ଯ୍ୟକରାଯାଇ ଉଦ୍‌ଯାପିତ ହୋଇଯାଇଛି।

ଛଅ ଦିନ ଧରି ଅଧିବାସ, ଅଙ୍କୁରୋପଣ, ଲକ୍ଷ୍ମୀନାରାୟଣ ପୂର୍ତ୍ତି ପ୍ରତିଷ୍ଠା, ସାଲାମଣ୍ଡନ, ସାଲାସୁଧି, ଜଳଯାତ୍ରା, ଗଙ୍ଗାଆବାହନ, ଅଗ୍ନିସ୍ଥାପନ, ଚଣ୍ଡୀପୁଜା, ଗୀତାପାଠ, ସୂର୍ଯ୍ୟପୂଜା, ରୁଦ୍ରାଅଭିଷେକ, ଆହୁତି ପ୍ରଦାନ ପଞ୍ଚକର୍ମ, ଷୋଡଷ ଉପଚାର ପୂଜା ପ୍ରଭୃତି ଅନୁଷ୍ଠିତ ହେବା ପରେ ପୂର୍ଣ୍ଣାହୁତି କାର୍ଯ୍ୟ କରାଯାଇଥିଲା। ପଣ୍ଡିତ କାଳୀଚରଣ ପରମ ଗୁରୁ ଓ ତାଙ୍କ ସହକର୍ମୀମାନେ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଯଜ୍ଞ କମିଟର ସଭାପତି ଧନେଶ୍ୱର ରାଉତ ଏବଂ କମିଟର କର୍ମକର୍ତ୍ତାମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରତ୍ୟହଃ ସଂଧ୍ୟାରେ ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ସେହିପରି ବାରିମଣ୍ଡଳଠାରେ ଗତୀଶ୍ୱର ଦେବଙ୍କ ପୀଠ ଏବଂ ଜଙ୍ଗିଆ ଗ୍ରାମର କପିଳେଶ୍ୱରଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି।

## କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ

**କଣାସ, ୧୫।୧୧ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଆଜି ପୁରାଣ କିମ୍ବଦନ୍ତୀ ଅନୁଯାୟୀ ପୂର୍ବପୁରୁଷ ସାଧବ ପୁଅମାନେ ବୋଇତ ଯୋଗେ ବାହାର ଦେଶକୁ ଯାଇ ବାଣିଜ୍ୟ କରି ଫେରୁଥିବାରୁ ଏହି ପରମ୍ପରାକୁ ମନେପକାଇ ଆଜି ସାରା ଓଡ଼ିଶାରେ ପ୍ରଭାତରୁ ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ ହୋଇଥିବା ବେଳେ କଣାସ ବ୍ଲକର ସମସ୍ତ ପୁରପଲ୍ଲୀରେ ମହିଳା ଓ ପୁରୁଷମାନେ ପ୍ରଭାତରୁ ସ୍ନାନ ସାରି ନୂତନବସ୍ତ୍ର ପରିଧାନ କରି କଦଳୀ ପଟୁକାରେ ନିର୍ମିତ ଡଙ୍ଗାରେ ପାନ, ଗୁଆ ଓ ପଇସା ରଖି ସଞ୍ଜବଳିତା ଜାଳି ଆ କା ମା ବୈ ପାନ ଗୁଆ ଖାଇ ଉଚାରଣ କରି ଡଙ୍ଗା ଭସାଇବା ପରେ ନିଜ ନିଜ ଗ୍ରାମରେ ଥିବା ପାଖ ମନ୍ଦିର ମାନଙ୍କୁ ଯାଇ ପୂଜା ଅର୍ଚ୍ଚନା କରିଥିଲେ।

## ପୀରଜାହାନିଆଁ ବାଲିଯାତ୍ରାର ପ୍ରଥମ ଦିନରେ ହଜାର ହଜାର ଲୋକଙ୍କ ସମାଗମ
# ଚଟପଟା ଖାଦ୍ୟ ସାଙ୍ଗକୁ ସମୁଦ୍ର ସ୍ନାନର ମଜା ନେଲେ ପର୍ଯ୍ୟଟକ



**କାକଟପୁର/ଅସ୍ତରଙ୍ଗ, ୧୫।୧୧ (ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାର ପ୍ରତ୍ୟୁଷରୁ ହିନ୍ଦୁ ମୁସଲିମ ସଦ୍‌ଭାବନାର ଅନ୍ୟତମ ସ୍ମାରକୀ ପୀଠ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ପୀର ଜାହାନିଆଁ ପୀଠରେ ହଜାର ହଜାର ସଂଖ୍ୟାରେ ଉଭୟ ହିନ୍ଦୁ ଓ ମୁସଲିମ ସଂପ୍ରଦାୟର ଶ୍ରଦ୍ଧାଳୁମାନେ ଖୁବ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରିଛନ୍ତି ।

କେଉଁ ଆବାହନ କାଳରୁ ଚାଲି ଆସିଥିବା ଏହି ପରମ୍ପରା ଅନୁଯାୟୀ ଶୁକ୍ରବାର ପ୍ରତ୍ୟୁଷରେ ଜାହାନିଆଁ ପୀରଙ୍କ ଏହି ପୀଠରେ ମୁସଲିମ ପୂଜକମାନେ ସ୍ୱତନ୍ତ୍ର ପୂଜା ନୀତି ସାରିବା ପରେ ଶ୍ରଦ୍ଧାଳୁ ମାନଙ୍କ ଭିଡ ଜମିଥିଲା । ହଜାର ହଜାର ସଂଖ୍ୟାରେ ମୁସଲମାନ ଶ୍ରଦ୍ଧାଳୁମାନେ ପୀରଙ୍କ ନିକଟରେ ଚାଦର ଓ ଧୂପ ଲାଗି କରି ନମାଜ ପାଠ କରିଥିବା ବେଳେ ହିନ୍ଦୁମାନେ ପୀର ବାବାଙ୍କ ନିକଟରେ ଖଇ, ନଡିଆ ଭୋଗ, ଦୀପ ଓ ପତାକା ଲାଗି କରିଥିଲେ ।

ବିଶ୍ୱାସ ରହିଛି ଏହି ପବିତ୍ର ଦିନରେ ପୀରଙ୍କ ପୂଜାର୍ଚ୍ଚନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏଥି ପାଇଁ ଉଭୟ ସଂପ୍ରଦାୟ ର ଲୋକେ ଖୁବ ଶ୍ରଦ୍ଧାର ସହ ଏହି ଦିନଟିକୁ ପାଳନ କରିଥାନ୍ତି । ଅନ୍ୟ ପଟେ ପୀରଜାହାନିଆଁ ବାଲିଯାତ୍ରା କୁ ଯାକଜକମରେ ପାଳନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଛି। ଚଳିତ ବର୍ଷ ଶତାଧିକ ଷ୍ଟଲ ଖୋଲିଥିବା ବେଳେ ମେଳାକୁ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଆଇନି ଶୃଙ୍ଖଳା ରକ୍ଷାପାଇଁ ଅତିରିକ୍ତ ଏସ୍ପିଙ୍କ ତତ୍ୱାବଧାନରେ ଉପଖଣ୍ଡ ଅଧିକାରୀ ପ୍ରମୋଦ ମଲ୍ଲିକ, ୩ ଜଣ ଥାନାଧିକାରୀ, ୫ଜଣ ସବଇନିସ୍ପେକ୍ଟର, ୧୦ଜଣ ଏ.ଏସ.ଆଇ, ୧୨ଜଣ କନେଷ୍ଟବଳ,୩୦ଜଣ ହୋମଗାର୍ଡ ସହ ୩ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପୀରଜାହାନିଆ ବାଲିଯାତ୍ରାକୁ ପ୍ରଶାସନ ଅଧିକାରୀଙ୍କ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ପର୍ଯ୍ୟଟକ ମାନେ ବାଲିଯାତ୍ରା ବୁଲିବା ସହ ସମୁଦ୍ର ସ୍ନାନ କରି ଚଟପଟା ଖାଦ୍ୟର ମଜାଉଠାଇଥିଲେ।

# ୨୭ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ

**ଖୋର୍ଦ୍ଧା, ୧୫।୧୧ (ସଂଚାର ବ୍ୟୁରୋ):** ଶିଶୁ ଦିବସ ଅବସରେ ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ କୁମାରବସ୍ତ ଶ୍ରୀଲୋକନାଥ ଦେବ ଶିଶୁ ମନ୍ଦିର ବିଦ୍ୟାଳୟରେ ୨୭ତମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଦୀପ କୁମାର ରାଉତଙ୍କ ସଂଯୋଜନା ଓ ବିଦ୍ୟାଳୟର ପ୍ରିନ୍ସପାଲ ସ୍ୱପ୍ନାରାଣୀ ପାଟଶାଣୀଙ୍କ ବାର୍ଷିକ ବିବରଣୀ ପାଠ କରିଥିଲେ। ଅପରାହ୍ନ ୪ ଘଣ୍ଟିକାରେ ପ୍ରଥମ ଅଧିବେଶନରେ ଅତିଥି ରୂପେ ପିପିଲ ତହସିଲର ଅତିରିକ୍ତ ତହସିଲଦାର ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ମହାନ୍ତି, ସମାଜସେବୀ ଗୋପାଳକୃଷ୍ଣ ପ୍ରଧାନ, ଲକ୍ଷ୍ମୀଧର ଛୋଟରାୟ, ଗ୍ରାମ୍ୟ କମିଟିର ସମ୍ପାଦକ ଦିବ୍ୟସିଂହ ପାତ୍ରଙ୍କ ସହିତ ବିଦ୍ୟାଳୟର ପ୍ରତିଷ୍ଠାତା, ଶିକ୍ଷାବିତ ନବକିଶୋର ପାତ୍ର ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟରେ ଛୋଟ ଛୋଟ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ପିଲାମାନେ ଆତ୍ମବିଶ୍ୱାସ ଓ ଦୃଢ଼ ସଂକଳ୍ପ ନେଇ ଆଗେଇଲେ ନିଶ୍ଚିତ ସଫଳତା ପାଇବେ ବୋଲି କହିଥିଲେ। ପରେ କୃତି ପିଲାଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ଦ୍ୱିତୀୟ ଅଧିବେଶନରେ ଅତିଥି ରୂପେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ବିଜେପି ଜିଲ୍ଲା ସଭାପତି ରଶ୍ମି ମହାପାତ୍ର, ସମାଜସେବୀ ରାମଚନ୍ଦ୍ର ସାମନ୍ତରାୟ, ବିଶ୍ୱରଂଜନ ବଡ଼ଜେନା, ସୁବାସ ପାତ୍ର ,ପ୍ରତିଷ୍ଠାତା ନବକିଶୋର ପାତ୍ର ପ୍ରମୁଖ ଯୋଗ ଦେଇ ପିଲାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ପାଇଁ ଅଭିଭାବକ, ଶିକ୍ଷକ,ଶିକ୍ଷୟତ୍ରୀଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ପିଲାଙ୍କ ମନର ସ୍ଥିରତା, ଏକାଗ୍ରତା, ନିଷ୍ଠା ଆସିବା ପାଇଁ ଭଲ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ।ପରେ ବିଦ୍ୟାଳୟର ଚମ୍ପିୟାନ ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜ୍ଜନ କରିଥିବା,ପିଲାଙ୍କୁ ଓ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରଯାଇଥିଲା ବେଳେ ଏହି ଅବସରେ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ କୃତି ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହିତ ଶିକ୍ଷୟତ୍ରୀ ପ୍ରିୟଙ୍କା ପାଟଶାଣୀ,ମମିତା ପବନସିଂ,ସୋନାଲି ମହରଣା,ପ୍ରଣତି ସାହୁ,ଲିଲି ସ୍ୱାଇଁ,ଶିକ୍ଷକ ଡମ୍ବରୁଧର ଦାସ,ପ୍ରମୁଖ ସହଯୋଗ କରିଥିଲେ।



## ୨୯ରେ ମୁକ୍ତି ଲାଭ କରିବ ଦିବ୍ୟାଙ୍ଗଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର
# 'ସପନଟିଏ-ଏ ଡ୍ରିମ୍'




**ଭୁବନେଶ୍ୱର, ୧୫।୧୧ (ସଂଚାର ବ୍ୟୁରୋ) :** ଇଚ୍ଛାରାମ ଫାଉଣ୍ଡେସନ ପ୍ରଯୋଜିତ ଦିବ୍ୟାଙ୍ଗମାନଙ୍କ ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର ସପନଟିଏ-ଏ ଡ୍ରିମ୍ ଆସନ୍ତା ନଭେମ୍ବର ୨୯ ତାରିଖରେ ଓଡ଼ିଶାର ସମସ୍ତ ମଲ୍ଟିପ୍ଲେକ୍ସ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଆଇନଜୀବୀ ମିଳନ ଦାଶଙ୍କ ପ୍ରଯୋଜନା ଓ ନର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ର ଦିବ୍ୟାଙ୍ଗମାନଙ୍କ ସାମାଜିକ ସ୍ଥିତିରେ ସୁଧାର ଆଣିବା ଦିଗରେ ଏହି ଆବେଗପୂର୍ଣ୍ଣ ଚଳଚିତ୍ର ପ୍ରସ୍ତୁତ କରାଯାଇଛି। ସମାଜରେ ଦିବ୍ୟାଙ୍ଗମାନଙ୍କ ସଂଘର୍ଷକୁ ଏଥିରେ ଚିତ୍ରଣ କରାଯାଇଛି।

୨୯ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଶିଶୁ କଳାକାର ମାଗୁଣି ପାତ୍ର (ବବଲୁ) ପୁରସ୍କୃତ ହୋଇଥିଲେ। ରାଜଭବନରେ ପ୍ରଦର୍ଶିତ ଏହି ଚଳଚ୍ଚିତ୍ରର କାହାଣୀକୁ ଦେଖି ପୂର୍ବତନ ରାଜ୍ୟପାଳ ଏସ୍‌ସି ଜମିର୍ ଓ ଗଣେଶୀ ଲାଲ ପ୍ରଶଂସା କରିଥିଲେ। ବିଶେଷ କରି କୁନି ଦିବ୍ୟାଙ୍ଗ କଳାକାରଙ୍କ ଅଭିନୟ ବେଶ ଉଚ୍ଚ କୋଟିର ହୋଇଥିବା କହିଥିଲେ। ଚଳଚ୍ଚିତ୍ରର ସଙ୍ଗୀତ ସଂଯୋଜନା କରିଛନ୍ତି ଭବତୋଷ ମହାନ୍ତି ଓ ପ୍ରେମ ଆନନ୍ଦ। ଗୀତ ଓ ସଂଳାପ ଲେଖିଛନ୍ତି ମଣିମାଳା ଦାଶ। କୋରିୟଗ୍ରାଫି ବବି ଇସଲାମ୍ କରିଥିବା ବେଳେ କ୍ୟାମେରା ପରିଚାଳନା କରିଛନ୍ତି ସୁଶାନ୍ତ ବାହିନୀପତି। ସମ୍ପାଦନା କରିଛନ୍ତି ଜେପି ମିଶ୍ର। ଏହି ଚଳଚ୍ଚିତ୍ରରେ ଅଭିନେତା ହର ରଥ, ମନୋଜ ମିଶ୍ର, ଗୁଡ୍ଡୁ, ବିଶିଷ୍ଟ ଅଭିନେତ୍ରୀ ଇଷା ବେବର୍ତ୍ତା, ନମ୍ରତା ଦାଶ, ବିଜୟନୀ ମିଶ୍ର, ଧରିତ୍ରୀ ଖଣ୍ଡୁଆଳଙ୍କ ସହ ଅନେକ କଳାକାରଙ୍କ ନିଖୁଣ ଅଭିନୟ ଦେଖିବାକୁ ମିଳିବ।

ଏହି ଚଳଚ୍ଚିତ୍ରଟି ଜୟପୁର ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲରେ ମନୋନୀତ ହୋଇଥିଲା। ଚଳଚ୍ଚିତ୍ରଟି ବିଭିନ୍ନ ଓଡ଼ିଶା ନାୟିକ ପ୍ରଶିକ୍ଷଣ ସଂସ୍ଥା ସହ ଅନେକ ସ୍ଥାନରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିଛି। ସବୁଠୁ ବଡ଼ କଥା ହେଉଛି ଯେ ଓଡ଼ିଶାର ପୂର୍ବତନ ବିଚାରପତି ଓ ବଲିଉଡ୍ ଅଭିନେତା ଅମିତା ବଚ୍ଚନ ମଧ୍ୟ ଏହି ଚଳଚ୍ଚିତ୍ରକୁ ଦେଖିଥିଲେ। କାହାଣୀ ଓ କଳାକାରଙ୍କ ନିଖୁଣ ଅଭିନୟ ଉଚ୍ଚକୋଟିର ହୋଇଥିବା କହିଥିଲେ। ଏହି ଚଳଚ୍ଚିତ୍ରଟି ସବୁ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜକ ଶ୍ରୀମତୀ ଦାଶ ଆଶା ପ୍ରକଟ କରିଛନ୍ତି।

## ଚୌଦ୍ୱାର କୁଡୋ ଏକାଡେମୀର ସଫଳତା

**ଟାଙ୍ଗୀ-ଚୌଦ୍ୱାର, ୧୫।୧୧ (ସଂଚାର ବ୍ୟୁରୋ):** ଜାତୀୟସ୍ତରୀୟ କୁଡ଼ୋ ପ୍ରତିଯୋଗିତାରେ ଚୌଦ୍ୱାର କୁଡୋ ଏକାଡେମୀକୁ ଉଲ୍ଲେଖନୀୟ ସଫଳତା ମିଳିଥିବା ଜଣା ପଡ଼ିଛି। ଗୁଜୁରାଟର ସୁରଟ ଠାରେ ଦୀର୍ଘ ୬ଦିନ ବ୍ୟାପି ଆୟୋଜିତ ୧୫ତମ ଜାତୀୟ କୁଡୋ, କୁଡୋ ଫେଡେରେସନ କପ୍ ଓ ଅକ୍ଷୟ କୁମାର ଆନ୍ତର୍ଜାତୀୟ କୁଡୋ ପ୍ରତିଯୋଗିତାରେ ଚୌଦ୍ୱାର ଏକାଡେମୀର ୧୧ଜଣ ଖେଳାଳି ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଚୌଦ୍ୱାରର ଇରଫାନ୍ ସର୍ବାଧିକ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ବିଶ୍ୱଜିତ ବେଉରା ସ୍ୱର୍ଣ୍ଣ, ସ୍ୱସ୍ତିକ ସ୍ୱରୁପା ସାହୁ ରୌପ୍ୟ ସହିତ ୧ଟି ବ୍ରୋଞ୍ଜ, ସତ୍ୟ ସଂଗ୍ରାମ ଖୁଣ୍ଟିଆ ରୌପ୍ୟ, ଆୟୁଷ କୁମାର ସାହୁ ଓ ସୁଲଗ୍ନା ଲେଙ୍କା ବ୍ରୋଞ୍ଜ ପଦକ ହାସଲ କରିଥିବା ଏକାଡେମୀର ପ୍ରଶିକ୍ଷକ ମୃତ୍ୟୁଞ୍ଜୟ ଯାଦବ ପ୍ରକାଶ କରିଛନ୍ତି।




ଉଦ୍‌ଯାପନୀ ଉତ୍ସବରେ କୁଡୋ ଇଣ୍ଡିଆର ଚେୟାରମ୍ୟାନ ଅକ୍ଷୟ କୁମାର ଓ ଅଭିନେତା ସୁନୀଲ ସେଟ୍ଟୀ, ପରେଶ ରାୱେଲ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ସଫଳତାର ଶ୍ରେୟ କୁଡୋ ଓଡ଼ିଶା ସଂଘର ସମ୍ପାଦକ ନିତାଇ ଶଙ୍କର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି।

# 'ବୋଇତ ବନ୍ଦାଣ' ଅନ୍ୱେଷଣ ଏବଂ ଉଦ୍ୟୋଗୀ ଭାବନାର ଅନନ୍ୟ ଉତ୍ସବ

**ହାଇଦ୍ରାବାଦ,୧୫।୧୧ (ଏଜେନ୍ସି):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମାର ପବିତ୍ର ଦିବସରେ ହାଇଦ୍ରାବାଦ ସ୍ଥିତ ଇଣ୍ଡିଆନ ସ୍କୁଲ୍ ଅଫ୍ ବିଜନେସ କ୍ୟାମ୍ପସ ପରିସରରେ ଆୟୋଜିତ "ଆଇଏସବି ଇନସାଇଟ୍ସ ଫୋରମ - ୨୦୨୪"ରେ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମା ଏବଂ ଓଡ଼ିଶାରେ ପାଳିତ ହେଉଥିବା ବୋଇତ ବନ୍ଦାଣ ଉତ୍ସବର ମାହାତ୍ମ୍ୟ ଉପରେ ଆଲୋକପାତ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ କାର୍ତ୍ତିକ ପୂର୍ଣ୍ଣିମାର ଅନେକ ମହତ୍ତ୍ୱ ରହିଛି । ସମଗ୍ର ଭାରତରେ ଏହାକୁ ବିଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ । ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମାକୁ 'ବୋଇତ ବନ୍ଦାଣ' ଭାବରେ ପାଳନ କରାଯାଇଥାଏ। ଆମର ସମୃଦ୍ଧ ସାମୁଦ୍ରିକ ନୌବାଣିଜ୍ୟ ଇତିହାସକୁ ସ୍ମରଣ କରିବା ସହ ସାଧବ ପୁଅଙ୍କୁ ସମ୍ମାନ ଜଣାଇବାର ଏହା ମହାନ ଅବସର । କାର୍ତ୍ତିକ ପୂର୍ଣ୍ଣିମା ପ୍ରାଚୀନ ଉତ୍କଳର ସମୃଦ୍ଧ ସାଧବ ସଂସ୍କୃତି ଓ ବର୍ଣ୍ଣାଢ଼୍ୟ ବୋଇତ ବନ୍ଦାଣ ଆମ ପରମ୍ପରାର ଦୃଢ଼ ଗୌରବଗାଥା। ବୋଇତ ବନ୍ଦାଣ ହେଉଛି ଅନ୍ୱେଷଣ ଏବଂ ଉଦ୍ୟୋଗୀ ଭାବନାର ଏକ ଅନନ୍ୟ ଉତ୍ସବ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଆଜି ସାରା ବିଶ୍ୱ ଭାରତକୁ ବୃହତ ଭରସା ଦୃଷ୍ଟିରେ ଦେଖୁଛି । ଭାରତର ଉଦ୍ୟମିତା କ୍ଷମତା ଏବଂ ବୌଦ୍ଧିକ ଦକ୍ଷତା ବିଶ୍ୱର ଅଭିବୃଦ୍ଧି ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ । 'ଅମୃତ କାଳ'ର ଏହି ୨୫ ବର୍ଷ କେବଳ ଭାରତ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ଗେମ୍ ଚେଞ୍ଜର ହେବ । ତେଣୁ ଏହି ସମୟରେ ଆମର ଦାୟିତ୍ୱ ଅଧିକ ।

ସେ ଆହୁରି କହିଛନ୍ତି ଯେ ଶିକ୍ଷା ହେଉଛି ସମସ୍ତ ସଭ୍ୟତାର ଆବଶ୍ୟକତାକୁ ପୂରଣ କରିବାର ଜନନୀ । ତେଣୁ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା ଏକବିଂଶ ଶତାବ୍ଦୀର ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ଆକାଂକ୍ଷାକୁ ସାକାର କରିବାର ଏକ ଉତ୍ତମ ମାର୍ଗ ଅଟେ । ଏ ଦିଗରେ ଆମକୁ ମିଳିତ ଭାବେ କାମ କରିବା ପାଇଁ ସେ ଆହ୍ୱାନ କରିଛନ୍ତି ।

ଲୋକକଲ୍ୟାଣକୁ ବ୍ୟାପକ କରିବା ଦିଗରେ ଗବେଷଣା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଆଗାମୀ ଦିନରେ ଭାରତର ଆବିର୍ଭାବ ଓ ପ୍ରଭାବର ସ୍ତମ୍ଭ ହେବ ଜ୍ଞାନ କ୍ଷେତ୍ର । ଅନ୍ୟପକ୍ଷେ ଇଣ୍ଡିଆନ ସ୍କୁଲ୍ ଅଫ୍ ବିଜନେସ ନିଜର ଦୁଇ ଦଶନ୍ଧିର ଯାତ୍ରା ମଧ୍ୟରେ ଅନେକ ଉତ୍କର୍ଷତା ହାସଲ କରିଛି । ଇଣ୍ଡିଆନ ସ୍କୁଲ୍ ଅଫ୍ ବିଜନେସ ଭାରତକୁ ବିଶ୍ୱର ଏକ ଦକ୍ଷତା କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିବା ଉଚିତ୍ । ଗ୍ରାମୀଣ ବିକାଶ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, କର୍ପୋରେଟ୍ ଗଭର୍ଣ୍ଣାନ୍ସ, ଏଆଇ ଭଳି ଅଣ-ଷ୍ଟେମ୍ କ୍ଷେତ୍ରରେ ଗବେଷଣା ବିଷୟବସ୍ତୁକୁ ସାଧାରଣ ଉଦ୍ଦେଶ୍ୟ ପ୍ରଯୁକ୍ତି ବିଦ୍ୟା ଭାବରେ ଗୁରୁତ୍ୱ ଦିଆଯାଉଥିବାରୁ ଆଇଏସବି ଇନସାଇଟ୍ସ ଫୋରମ୍ ସମାଧାନ-କେନ୍ଦ୍ରୀତ-ଗବେଷଣା, ଉଦ୍ଭାବନ ଏବଂ ଉଦ୍ୟୋଗର ସଂସ୍କୃତିରେ ନୂତନ ଦିଗ ଯୋଡିବ ଏବଂ ଭାରତ ଏବଂ ବିଶ୍ୱର ଆକାଂକ୍ଷା ପୂରଣ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । ଆଇଏସବିର ଗବେଷଣା ପ୍ରୟାସ ଅନ୍ୱେଷଣ, ଉଦ୍ଭାବନ ଏବଂ ଉଦ୍ୟୋଗୀ ଭାବନାକୁ ବଢ଼ାଇବ । ନୂଆ ଆବିଷ୍କାର କରିବା ସହ 'ଲୋକ କଲ୍ୟାଣ'ରେ ବ୍ରତୀ ରହିବ ବୋଲି ସେ କହିଛନ୍ତି ।



- କାର୍ତ୍ତିକ ପୂର୍ଣ୍ଣିମା ସମୃଦ୍ଧ ସାମୁଦ୍ରିକ ନୌବାଣିଜ୍ୟ ଇତିହାସକୁ ସ୍ମରଣ କରିବାର ମହାନ ଅବସର
- ଭାରତର ଉଦ୍ୟମିତା କ୍ଷମତା ଓ ବୌଦ୍ଧିକ ଦକ୍ଷତା ବିଶ୍ୱର ଅଭିବୃଦ୍ଧି ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ
- 'ଅମୃତ କାଳ'ର ୨୫ ବର୍ଷ ଭାରତ ସମେତ ସାରା ବିଶ୍ୱ ପାଇଁ ଗେମଚେଞ୍ଜର ହେବ
- ଆଇଏସବିର ଗବେଷଣା ପ୍ରୟାସ ଅନ୍ୱେଷଣ, ଉଦ୍ଭାବନ ଏବଂ ଉଦ୍ୟୋଗୀ ଭାବନାକୁ ବଢ଼ାଇବ



# ପ୍ରେମିକ ସହ ମିଶି ପିଲାଙ୍କୁ ଚେଙ୍କ ଦେଲା ପିଶାଚୀ ମା'



**ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ):** ପରକୀୟା ପ୍ରୀତିର କରୁଣ ପରିଣିତି। ନିଜ ପ୍ରେମିକ ସହିତ ମିଶି ନିଜ ଜନ୍ମ କଲା ପିଲାଙ୍କୁ ନିଆଁ ଚେଙ୍କ ଦେଲା ମା' । କେଉଁ ଉପାନ୍ତ ଅଞ୍ଚଳର ଏ ଘଟଣା ନୁହେଁ ରାଜଧାନୀର ଛାତି ଉପରେ ଦେଖିବାକୁ ମିଳିଛି ଏହି ଦୁଃଖଦାୟକ ଘଟଣା । ତେବେ ସ୍ୱାମୀଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତ ମା ଓ ପ୍ରେମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ୍। ଘଟଣା ଏହିପରି କି ଅଭିଯୋଗକାରୀ ସ୍ୱାମୀ ଜଣକ ନିଜ ପତ୍ନୀ ଏବଂ ଦୁଇ ସନ୍ତାନକୁ ସାଲିଆସାହିସ୍ଥିତ ମହାବୀରନଗର ଠାରେ ଥିବା ଘରେ ଛାଡି ଗତ ବର୍ଷେ ହେବ ବାହାରେ ରହି କାମ କରୁଛନ୍ତି । ତାଙ୍କ ଅନୁପସ୍ଥିତିରେ ଅଭିଯୁକ୍ତ ରାଜୁ ନାୟକଙ୍କ ସହିତ ତାଙ୍କ ପତ୍ନୀଙ୍କର ବନ୍ଧୁତା ହୋଇଥିଲା ଏବଂ ଅଭିଯୁକ୍ତ ଜଣକ ପ୍ରାୟ ସମୟ ଅଭିଯୋଗକାରୀଙ୍କ ଘରକୁ ଯିବା ଆସିବା କରିଥାନ୍ତି । ଘଟଣା ଦିନ ସନ୍ଧ୍ୟାରେ ଅଭିଯୋଗକାରୀଙ୍କ ଦୁଇ ସନ୍ତାନ ଅଭିଯୁକ୍ତ ରାଜୁ ନାୟକଙ୍କ ତାଙ୍କ ଘରକୁ ଆସିବାକୁ ନେଇ ବିରୋଧ କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ତାଙ୍କ ପତ୍ନୀ ଏବଂ ଅଭିଯୁକ୍ତ ରାଜୁ ନାୟକ ଘରର କବାଟକୁ ଭିତର ପଟୁ ବନ୍ଦ କରି ଦୁଇ ସନ୍ତାନଙ୍କ ଦେହରେ ଗରମ ଲୁହା ଚେଙ୍କ ଦେଇଥିଲେ। ପରେ ଅଭିଯୁକ୍ତ ଜଣକ ନିକଟସ୍ଥ ଏକ ମେଡ଼ିସିନ ଷ୍ଟୋରରୁ କିଛି ମେଡ଼ିସିନ ଆଣି ଉଭୟଙ୍କ ଦେହରେ ହୋଇଥିବା କ୍ଷତ ସ୍ଥାନରେ ଲଗାଇବା ସହିତ ଉଭୟଙ୍କୁ ବାହାର ପଟୁ ତାଲା ପକାଇ ବନ୍ଦ କରିଦେଇଥିଲେ । ପୀଡିତା ସନ୍ତାନଙ୍କ ନିକଟରୁ ସୂଚନା ପାଇବା ପରେ ଅଭିଯୋଗକାରୀ ବାପା ମହାବୀରନଗର ସ୍ଥିତ ଘରେ ଆସି ପହଞ୍ଚିବା ସହିତ ଦୁଇ ସନ୍ତାନଙ୍କୁ ବନ୍ଦ ଘରୁ ଉଦ୍ଧାର କରିଥିଲେ ଏବଂ ସମ୍ପୃକ୍ତ ଘଟଣା ନେଇ ପତ୍ନୀ ଏବଂ ଅଭିଯୁକ୍ତ ରାଜୁ ନାୟକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ଘଟଣାର ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିଲେ ।




## ୨୨ କିଲୋ ଗଞ୍ଜେଇ ଜବତ,୪ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ):** ଭରତପୁର ପୁଲିସ୍ ହାତରେ ଲାଗିଛି ବିପୁଳ ମାତ୍ରରେ ବେଆଇନ୍ ଗଞ୍ଜେଇ। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି ପୁଲିସ୍ । ଏକ ବିଶ୍ୱସ୍ତ ସୂତ୍ରର ସୂଚନା ଆଧାରରେ ଜୟଦେବ ବାଟିକା ରାସ୍ତାରେ ଥିବା ଜେବି ଗାର୍ଡେନ ନିକଟରେ ଅତର୍କିତ ଚଢଉ କରିଥିଲା ଭରତପୁର ଥାନାର ଏକ ସ୍ୱତନ୍ତ୍ର ଟିମ । ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ଚାରିଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା । ସେମାନଙ୍କ ହେପାଜତରୁ ଚାରୋଟି ଜରି ବସ୍ତାରେ ଥିବା ମୋଟ ୨୨.୬ କିଲୋଗ୍ରାମ ଓଜନର ଗଞ୍ଜେଇ ଏବଂ ଏକ ଅଟୋ ଜବତ କରିଥିଲା ଟିମ । ପଚରାଉଚରା ସମୟରେ ଅଭିଯୁକ୍ତ ମାନେ ଏହି ବେଆଇନ ଗଞ୍ଜେଇ ବ୍ୟବସାୟ ଗତ ଦୁଇବର୍ଷ ହେବ ନିୟମିତ ଭାବେ କରିଆସୁଥିବା କଥା ସ୍ୱୀକାର କରିଥିଲେ । କନ୍ଧମାଳ ଅଞ୍ଚଳରୁ ସଂଗ୍ରହ କରିଆଣି ଭୁବନେଶ୍ୱରରେ ବିକ୍ରୟ କରୁଥିଲେ ଅଭିଯୁକ୍ତମାନେ। ଏହି ଘଟଣାକୁ କେନ୍ଦ୍ରକରି ଭରତପୁର ଥାନା ପୁଲିସ ଏକ ବେଆଇନ ଗଞ୍ଜେଇ ବିକ୍ରିଜନିତ ମାମଲା ରୁଜୁକରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୧୪ଶହ କୋଟିର ଡ୍ୟାମ୍, ୩ ଦିନ ହେଲା ଲିକ୍ ହେଉଛି ପାଣି



**କୋରାପୁଟ,୧୫।୧୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ତେଲେଙ୍ଗିରି ଡ୍ୟାମ୍ ଲିକେଜ ୩ଦିନ ହେଲା ବନ୍ଦ କରାଯାଇପାରୁନାହିଁ। ଫଳରେ ଚାଷୀ ଚିନ୍ତାରେ ପଡ଼ିବା ସହିତ ଡ୍ୟାମର ସୁରକ୍ଷା ନେଇ ଆଶଙ୍କା ପ୍ରକାଶ ପାଇଛି। ଡ୍ୟାମ୍ କର୍ତ୍ତୃପକ୍ଷ ବିଫଳ ହୋଇ ହାତ ଟେକି ଦେଇଛନ୍ତି। ଆନ୍ଧ୍ର ପ୍ରଦେଶରୁ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍ ଆସି ଅନୁଧ୍ୟାନ କରିବା ପରେ ସେମାନଙ୍କ ପରାମର୍ଶ ଅନୁସାରେ କାମ କରାଯିବ ବୋଲି ଡ୍ୟାମ୍ ମୁଖ୍ୟଯନ୍ତ୍ରୀ କହିଛନ୍ତି ।

ଜଳସେଚନ ପାଇଁ ୬ ବର୍ଷ ତଳେ ନିର୍ମାଣ ହୋଇଥିଲା ତେଲେଙ୍ଗିରି ଡ୍ୟାମ୍। ଖର୍ଚ୍ଚ ହୋଇଥିଲା ପ୍ରାୟ ୧୪ ଶହ କୋଟି ଟଙ୍କା। ୮ଟି ଗାଁ ବିସ୍ଥାପିତ ହୋଇଥିଲେ । ବୋରିଗୁମ୍ମା ବ୍ଲକର ୪ ହଜାର ହେକ୍ଟର ଓ ଜୟପୁର ବ୍ଲକର ୫ ହଜାର ହେକ୍ଟର ଜମିକୁ ଜଳ ଯୋଗାଉଥିବା ତେଲେଙ୍ଗିରି ଡ୍ୟାମର ସୁରକ୍ଷା ନେଇ ଏବେ ପ୍ରଶ୍ନ ସୃଷ୍ଟି ହୋଇଛି। ଡ୍ୟାମରୁ ପାଣି ଲିକ୍ ହେଉଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏବେ ଫସଲ ନଷ୍ଟ ହେବା ଓ ଆଗକୁ ରବି ଚାଷ ପ୍ରଭାବିତ ହେବା ଆଶଙ୍କା ରହିଛି। ଡ୍ୟାମର ସ୍ଥାୟିତ୍ୱ ନେଇ ମଧ୍ୟ ଲୋକ ଆଶଙ୍କା ପ୍ରକାଶ କରିଛନ୍ତି ।

ଲିକେଜ୍ ଖୋଜି ବନ୍ଦ କରିବାରେ ଡ୍ୟାମ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି । ସ୍ଥାନୀୟ ଟିମ୍ ହାତ ଟେକି ଦେଇଛଥିବା ବେଳେ ଆନ୍ଧ୍ରପ୍ରଦେଶରୁ ସ୍ୱତନ୍ତ୍ର ଟିମ୍ ଆସି ଅନୁଧ୍ୟାନ କରିବା ପରେ ଯାହା କହିବେ, ସେହି ଅନୁସାରେ କାମ କରାଯିବ ବୋଲି ଡ୍ୟାମ କର୍ତ୍ତୃପକ୍ଷ କହିଛନ୍ତି ।

ତେଲେଙ୍ଗିରି ଡ୍ୟାମରୁ ଯେଉଁ ବେଗରେ ପାଣି ଲିକ୍ ହେଉଛି, ଅନୁମାନ କରାଯାଉଛି, ଆଗାମୀ ୨୦ ଦିନରେ ଡ୍ୟାମ ଖାଲି ହୋଇଯିବ । ଚାଷ ପାଇଁ ଜଳାଭାବ ଦେଖାଦେଇପାରେ।

# କଳିଙ୍ଗ ଘାଟରେ ବୋଇତ ବନ୍ଦାଣ

**ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଆଜି ଗାଁରୁ ସହର ସବୁ ଚଳଚଂଚଳ ହୋଇଉଠିଛି । ଏହି କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ ପ୍ରାଚୀନ ଉତ୍କଳ ତଥା କଳିଙ୍ଗର ସାଧବ ପୁଅମାନଙ୍କର ବାଣିଜ୍ୟ ସଫଳତାକୁ ମନେ ପକାଏ । ଏକାମ୍ର ଗ୍ରାମୀଣ ସାଂସ୍କୃତିକ ପରିଷଦ ପକ୍ଷରୁ ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧଉଳୀ ଦୟାନଦୀ କଳିଙ୍ଗ ଘାଟ ରେ ଆୟୋଜିତ ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ କୁ ଉଦ୍ଘାଟନ କରିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ।ଯୋଗଦେଇ ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ, ପ୍ରାଚୀନ ଉତ୍କଳର ଓଡିଆ ସାଧବ ପୁଅମାନେ ଏହି ସମୟରେ ସୁଦୂର ବାଲି, ଜାଭା, ବୋର୍ଣ୍ଣିଓ ଆଦି ଦ୍ୱୀପପୁଞ୍ଜକୁ ଯାଇ ବଣିଜ ବେପାର କରୁଥିଲେ । ସେମାନେ ଶିକ୍ଷା, ଦୀକ୍ଷା, ସଂସ୍କୃତି, ପରମ୍ପରା, କାରିଗରୀ, ବୈଜ୍ଞାନିକ ବ୍ୟବସ୍ଥାକୁ ସବୁ ଜାଗାରେ ପଂହଚାଉଥିଲେ । ଫଳରେ ସାରା ବିଶ୍ୱ ଆମ ଦ୍ୱାରା ଆଲୋକିତ ହେଉଥିଲା। ବିଧାୟକ ବାବୁ ସିଂ କହିଛନ୍ତି ଯେ ସେ ସମୟରେ ଉତ୍କଳରେ ଶିକ୍ଷାର ମାନ ଯଥେଷ୍ଟ ଉଚ୍ଚକୋଟିର ଥିଲା । ଓଡ଼ିଶାର ସାଧବ ପୁଅଙ୍କ ଗାଥା ଆଜିର ଯୁବପିଢ଼ୀଙ୍କ ପାଇଁ ପ୍ରେରଣା ପାଲଟିଛି । ଏହି ସଂସ୍କୃତି ସ୍ୱରୂପ ଲୋକେ କଦଳୀ ପଟୁଆ ତିଆରି ଡଙ୍ଗାରେ ଦୀପ ଜାଳି, ପାନଗୁଆ ଥୋଇ ନଦୀ ବା ପୁଷ୍କରିଣୀରେ ଭସାଇ ଥାଆନ୍ତି ।ଓଡ଼ିଶାର ପୁରାତନ ଅର୍ଥନୈତିକ ତଥା ବାଣିଜ୍ୟକ ବ୍ୟବସ୍ଥାର ଓ ଗରିମାମୟ ଇତିହାସର ମୁକସାକ୍ଷୀ ହେଉଛି ବୋଇତ ବନ୍ଦାଣ ଉତ୍ସବ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଦୟାନଦୀ କଳିଙ୍ଗ ଘାଟ ବୋଇତ ବନ୍ଦାଣ ଉତ୍ସବ ର ସଭାପତି କୃଷ୍ଣଚନ୍ଦ୍ର ନାୟକ, ଯୁବ ନେତା ବିନ୍ଦୁସାଗର ପ୍ରଧାନ,ମଣ୍ଡଳ ସଭାପତି ଅରୁଣ ପୁରୋହିତ, ସୁରେନ୍ଦ୍ର ପ୍ରଧାନ, ବ୍ଲକ୍ ଅଧକ୍ଷ ନିରୁପମା ସାହୁ, ଆଲୋକ ସାହୁ, ବିଭୂତି ଭୂଷଣ ପ୍ରଧାନ, ଅଜୟ ସ୍ୱାଇଁ, ମାନସ ପଣ୍ଡା, ପଞ୍ଚାନନ ସ୍ୱାଇଁ, ସୁରେନ୍ ବରାଳ,ଅଜୟ ସାମନ୍ତରାୟ, ଚିରଞ୍ଜିବି ଗୋଚ୍ଛାୟତ, ପ୍ରକାଶ ସ୍ୱାଇଁ, ପ୍ରମୁଖ ଉପସ୍ଥିତ ଥିଲେ ।



ଘନ କୁହୁଡି ବଳୟରେ ଉତ୍ତର-ପୂର୍ବ ଭାରତ

# ଡେଞ୍ଜର ଜୋନରେ ଓଡ଼ିଶାର ୭ ସହର



**ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ):** ଘନ କୁହୁଡ଼ି ଓ ସ୍ମଗ୍ ପାଇଁ ପ୍ରଭାବିତ ହେଉଛି ଜନଜୀବନ। ଉତ୍ତର-ପୂର୍ବ ଭାରତରେ ସ୍ଥିତି ଗମ୍ଭୀର। ତାଲିକାରେ ଓଡ଼ିଶାର ୭ ସହର ରହିଛି। ଆଇଏମ୍‌ଡି ପକ୍ଷରୁ ଜାରି ହୋଇଛି ସ୍ୱତନ୍ତ୍ର ମାର୍ଗଦର୍ଶିକା। ଘନ କୁହୁଡ଼ି ପାଇଁ କେମିତି ପ୍ରଭାବିତ ହେଉଛି ମାନବ ସମାଜ, ଗୋଟି ଗୋଟି କରି ପ୍ରକାଶ ପାଇଛି ତାଲିକା ।

ବାୟୁମଣ୍ଡଳରେ ତିଆରି ହେଉଛି ବିଷାକ୍ତ ସ୍ମଗ । ମଣିଷ ଶରୀରରେ ପ୍ରବେଶ କରୁଛି ମାତ୍ରାଧିକ ବିଷ କଣିକା । ଉତ୍ତର-ପୂର୍ବ ଭାରତରେ ସ୍ଥିତି ସଂଗୀନ ହୋଇପଡ଼ିଛି। ଡେଞ୍ଜର ଜୋନରେ ଓଡ଼ିଶାର ୭ ସହର ରହିଛି । ବିଶେଷ କରି ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, ଝାରସୁଗୁଡ଼ା, କଳିଙ୍ଗନଗର, ତାଳଚେର ଡେଞ୍ଜର ଜୋନରେ ରହିଛି। ମାର୍ଗଦର୍ଶିକା ଜାରିକରି ସଚେତନ କରିଛି ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର । ସାରା ଦେଶରେ ପ୍ରଦୂଷଣ ଚିନ୍ତାଜନକ ରହିଥିବା ବେଳେ କାଳ ସାଜିଛି ଘନ କୁହୁଡ଼ି । ଜିରୋ ଭିଜିବିଲିଟି ପରେ ଆଇଏମ୍‌ଡି ପକ୍ଷରୁ ସୋସିଆଲମ ମିଡିଆରେ ସଚେତନତା ସୃଷ୍ଟି କରାଯାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ପୋଡ଼ାଯାଉଥିବାରୁ ଡାଇଅକ୍ସିନ୍, ଫ୍ୟୁରାନ୍ ଗ୍ୟାସ ନିର୍ଗତ ହୋଇ କ୍ୟାନସର ଭଳି ରୋଗ ସୃଷ୍ଟି କରୁଛି। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ପରିବେଶବିତ୍।

କୁହୁଡ଼ି ଜୀବ ଜଗତ ସହ ବିଭିନ୍ନ କ୍ଷେତ୍ରକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ଘନ କୁହୁଡ଼ି ପାଇଁ ବିମାନ ଚଳାଚଳ, ରେଳ ଏବଂ ପରିବହନ ଠପ୍ ହେଉଛି। ନଦୀ ଏବଂ କୋଷ୍ଟାଲ ଫେରି ସେବା ବ୍ୟାଘାତ ସୃଷ୍ଟି ହେଉଛି। ଘନ କୁହୁଡ଼ି ହେଲେ ଏକ ସପ୍ତାହ ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ପ୍ରଭାବିତ ହୋଇଥାଏ। କୁହୁଡି ପାଇଁ ପ୍ରଦୂଷଣ ଏବଂ ଏକ୍ୟୁଆଇର ପରିମାଣ ବଢୁଛି। ଜିରୋ ଭିଜିବିଲିଟି ଯୋଗୁଁ ହାଇ ପାୱାର୍ ଗ୍ରୀଡ୍ ଟ୍ରିପ୍ ହେଉଛି । ଘନ କୁହୁଡ଼ି ଚାଷକୁ ପ୍ରଭାବିତ କରୁଛି। ଧାନ ଗଛର ଶଷ୍ୟ ଅଭିବୃଦ୍ଧି ସମୟରେ ତାକୁ ନଷ୍ଟ କରିବା ସହ ବିହନ ମାରିଦେଇଥାଏ। କୁହୁଡ଼ି ପାଇଁ ଦୈନିକ ସଡ଼କ ଦୁର୍ଘଟଣା ବୃଦ୍ଧିପାଉଛି। ସତର୍କ ରହିବା ପାଇଁ ପରାମର୍ଶ

## ଆଗକୁ ଥରିବ ଓଡ଼ିଶା

ରାଜ୍ୟରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନାହିଁ। ଗତ କିଛିଦିନ ଧରି ସାରା ରାଜ୍ୟରେ ପାଗ ପ୍ରାୟତଃ ଶୁଖିଲା ରହୁଥିବାବେଳେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଖସିଛି। ଅନ୍ୟଜିଲାଗୁଡ଼ିରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ରହିଥିବାବେଳେ ଅନ୍ୟ ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ ସମାନ୍ୟ କମ୍ ରହିଥିଲା। ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ମାତ୍ର ଆଜିଠାରୁ ରାଜ୍ୟରେ ପାରଦ ତଳମୁହାଁ ହୋଇପାରେ। ଫଳରେ ରାଜ୍ୟବାସୀଙ୍କୁ ଶୀତ ଥରାଇପାରେ। ବିଶେଷ କରି ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇପାରେ। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ଉତ୍ତର ଓଡ଼ିଶାରେ ବିଶେଷ କରି ସୁନ୍ଦରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଗଭୀର କୁହୁଡ଼ି ଦେଖିବାକୁ ମିଳିଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବିଶେଷ କରି କନ୍ଧମାଳ ଜିଲାରେ ମଧ୍ୟମ ଧରଣର କୁହୁଡ଼ି ଆସ୍ତରଣ ଦେଖିବାକୁ ମିଳିଥିଲା। ଶୁକ୍ରବାର ରାଜ୍ୟରେ ସର୍ବାଧିକ ତାପମାତ୍ରା ପାରାଦ୍ୱୀପରେ ୩୩.୦ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୩.୯ ଡିଗ୍ରୀ ସେଲସିୟସ୍ ରହିଥିଲା।



## ପୂର୍ଣ୍ଣିମାରେ ଅଘଟଣ, ବୁଡ଼ିଗଲେ ୫ ଶିଶୁ

**ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ):**ରାଜ୍ୟର ବିଭିନ୍ନ ସ୍ଥାନରେ ପୋଖରୀରେ ବୁଡ଼ି ୫ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି। ଆଜି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଜଳାଶୟଗୁଡ଼ିକରେ ଡଙ୍ଗା ଭସାଯାଇଥିବା ବେଳେ କେଉଁଠି ପୋଖରୀରୁ ଡଙ୍ଗା ଆଣିବାକୁ ଯାଇ ତ କେଉଁଠି ଡଙ୍ଗାର ଥିବା କଏନ ସଂଗ୍ରହ କରିବାକୁ ଯାଇ ଏହି ଶିଶୁମାନଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମାଲକାନଗିରି ନିକଟସ୍ଥ ଚମ୍ପାନଗର ଗ୍ରାମର ସାବିତ୍ରୀ ହନ୍ତାଳ ନିଜ ସାଙ୍ଗମାନଙ୍କ ସହ ପାଖ ପୋଖରୀକୁ ଯାଇଥିଲେ ଭସାଯାଇଥିବା ଡଙ୍ଗାଗୁଡ଼ିକରୁ କଏନ ସଂଗ୍ରହ ପାଇଁ। ଡଙ୍ଗାଗୁଡ଼ିକରୁ କଏନ ସଂଗ୍ରହ କରୁଥିବା ବେଳେ ବୁଡ଼ିଯାଇଥିଲେ ସାବିତ୍ରୀ। ଏହା ଦେଖି ତାଙ୍କ ସାଙ୍ଗମାନେ ଭୟରେ ସେଠାରୁ ଦୌଡ଼ି ପଳାଇଥିଲେ। ସେମାନେ ଏ ସଂପର୍କରେ କାହାକୁ କିଛି କହି ନଥିଲେ। ଅବଶ୍ୟ ପରେ ସାବିତ୍ରୀଙ୍କ ପରିବାର ଲୋକେ ଖବର ପାଇଥିଲେ ଯେ ସେ ପୋଖରୀରେ ବୁଡ଼ି ଯାଇଛନ୍ତି। ବହୁ ଖୋଜାଖୋଜି ପରେ ସାବିତ୍ରୀଙ୍କ ମୃତଦେହ ପୋଖରୀରୁ ମିଳିଥିଲା। ଗତ ବର୍ଷ ସାବିତ୍ରୀଙ୍କ ବାପା ତ୍ରିପତି ହନ୍ତାଳଙ୍କ ମୃତ୍ୟୁ ଘଟିଥିଲା। ଏବେ ଘରେ ତାଙ୍କ ମା' ଓ ଦୁଇ ଭଉଣୀ ଅଛନ୍ତି। କଟକ ଜିଲ୍ଲା କରମୁଆଁ ଗାଁରେ ପୋଖରୀରେ ଭାସୁଥିବା ଡଙ୍ଗା ଆଣିବାକୁ ଯାଇ ଏକ ୩ ବର୍ଷର ଶିଶୁ ବୁଡ଼ି ଯାଇଥିବା ଜଣାପଡ଼ିଛି। ମୃତ ଶିଶୁର ନାଁ ନୀତୀଶ ଭୋଇ। ତାଙ୍କ ବାପାଙ୍କ ନାଁ ପ୍ରଦୀପ ଭୋଇ। ସେହିପରି ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ପଣିଶାପଡ଼ା ଗାଁରେ ପୋଖରୀରେ ଭାସୁଥିବା ଡଙ୍ଗା ଆଣିବାକୁ ଯାଇ ଗାଁର ଦିଲ୍ଲୀପ କୁମାର ଦାସଙ୍କ ୩ ବର୍ଷର ଝିଅ ଓ ମାନସ ନନ୍ଦଙ୍କ ୫ ବର୍ଷର ଝିଅ ବୁଡ଼ି ଯାଇଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲ୍ଲା ଖଇରା ଥାନା ମାଖାନପୁର ପଞ୍ଚାୟତ ସାଉଣ୍ଡିଆ ଗ୍ରାମର ମଧୁସୂଦନ ମଲିକଙ୍କ ଏକ ମାତ୍ର ଶିଶୁ ପୁତ୍ର ଆଶୁତୋଷ ମଲିକ (୩) ଆଜି ମଧ୍ୟାହ୍ନରେ ଘର ନିକଟରେ ଥିବା ପୋଖରୀକୁ ଡଙ୍ଗା ଆଣିବାକୁ ଯାଇ ସେଠାରେ ବୁଡ଼ି ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ପୋଖରୀରୁ ଆଶୁତୋଷକୁ ଉଦ୍ଧାର କରି ତୁଡ଼ିଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ପରିବାର ଲୋକେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଆନ୍ଦୋଳନ ମନା

**ଭୁବନେଶ୍ୱର,୧୫।୧୧ (ସଂଚାର ବ୍ୟୁରୋ):**ରାଜ୍ୟ ସରକାର ଜରୁରୀକାଳୀନ ମେଡିକାଲ ସେବା ଯୋଗାଉଥିବା ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ଆନ୍ଦୋଳନ ଉପରେ ଥିବା କଟକଣା ଅବଧିକୁ ଆଉ ୬ମାସ ବୃଦ୍ଧି କରିଛନ୍ତି । ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବାରେ ନିୟୋଜିତ କର୍ମଚାରୀମାନଙ୍କ(ଡ୍ରାଇଭର ଓ ଆଟେଣ୍ଡାଣ୍ଟ) ସମେତ ରେଫରାଲ ଟ୍ରାନ୍ସପୋର୍ଟ ଆମ୍ବୁଲାନ୍ସ ସର୍ଭିସରେ କାର୍ଯ୍ୟରତ କର୍ମଚାରୀଙ୍କ ଆନ୍ଦୋଳନ ଉପରେ ରାଜ୍ୟ ସରକାର ଗତ ମେ' ୨୪ତାରିଖରେ ଜାରି କରିଥିବା କଟକଣାର ଅବଧି ନଭେମ୍ବର ୨୩ତାରିଖ ଶେଷ ହେବ । ରାଜ୍ୟ ସରକାର ପୁଣିଥରେ ନିଜର କ୍ଷମତାର ଉପଯୋଗ କରି ଏହି ଆନ୍ଦୋଳନ ଉପରେ ଥିବା କଟକଣାକୁ ଆଉ ୬ମାସ ବୃଦ୍ଧି କରିଛନ୍ତି । ଓଡ଼ିଶା ଅତ୍ୟାବଶ୍ୟକ ସେବା(ମେଂଟେନାନ୍ସ) ଆକ୍ଟ-୧୯୮୮(ଓଡ଼ିଶା ଆକ୍ଟ ୯,୧୯୯୯)-ଏସମାର ଧାରା ୩(୩)ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ଏହି କଟକଣା ଅବଧିକୁ ନଭେମ୍ବର ୨୪ତାରିଖରୁ ଆଉ ୬ମାସ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଅବଧି ମଧ୍ୟରେ ଆମ୍ବୁଲାନ୍ସ ସେବାରେ ନିୟୋଜିତ କର୍ମଚାରୀମାନେ କୌଣସି ପ୍ରକାରର ଧର୍ମଘଟ ଓ ଆନ୍ଦୋଳନ କରିପାରିବେ ନାହିଁ ।

# ସାବରମତି ଷ୍ଟାଇଲରେ କଟକ ଓ ସମ୍ବଲପୁରରେ ରିଭର ଫ୍ରଣ୍ଟ

### ଐତିହାସିକ ବାଲିଯାତ୍ରାର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



**କଟକ,୧୫।୧୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି କଟକରେ ପ୍ରସିଦ୍ଧ ବାଲିଯାତ୍ରା ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାର ଗୌରବମୟ ଇତିହାସର ଏକ ସୁନ୍ଦର ପରିଚୟ ହେଉଛି ଏହି ବାଲିଯାତ୍ରା। ଏହାକୁ ବାଦ ଦେଇ ଓଡ଼ିଶାରେ ନୌବାଣିଜ୍ୟ ଇତିହାସ ସମ୍ପର୍କରେ ଚିନ୍ତା ମଧ୍ୟ କରାଯାଇ ପାରିବ ନାହିଁ । ସେ କହିଥିଲେ ଯେ କଟକ ବାଲିଯାତ୍ରା ହେଉଛି ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ। କଟକର ବାଲିଯାତ୍ରା ସମଗ୍ର ଭରତ ବର୍ଷର ସବୁଠାରୁ ବଡ ଓ ଶ୍ରେଷ୍ଠ ବାଣିଜ୍ୟିକ ଏବଂ ସାଂସ୍କୃତିକ ମେଳା। ବାଲିଯାତ୍ରା ଆମ ଓଡ଼ିଶାର କଳା ସଂସ୍କୃତି ସହିତ ଧାର୍ମିକ ଭାବନା ସହିତ ଓତପ୍ରୋତ ଭାବେ ଜଡ଼ିତ ବୋଲି ପ୍ରକାଶ କରି ସେ କହିଲେ ଯେ ଧାର୍ମିକ, ଐତିହାସିକ, ସାଂସ୍କୃତିକ ଓ ପାରମ୍ପରିକ- ସବୁ ଦୃଷ୍ଟିକୋଣରୁ ଏହାର ବୈଶିଷ୍ଟ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏ ବର୍ଷ ବାଲିଯାତ୍ରାରେ ରେକର୍ଡ ସଂଖ୍ୟକ ବ୍ୟବସାୟ ହେବ ଏବଂ ରେକର୍ଡ ସଂଖ୍ୟକ ଲୋକେ ବୁଲି ଆସିବେ। ଜିଲ୍ଲା ପ୍ରଶାସନ ସବୁ ପ୍ରକାର ବନ୍ଦୋବସ୍ତ କରିଛନ୍ତି। କଟକ ସହରର ବିକାଶ ଉପରେ ଆଲୋକପାତ କରି ସେ କହିଲେ ଯେ, ଏଥିପାଇଁ ଆମ ସରକାର ଅନେକ ଯୋଜନା କରିଛନ୍ତି। ସାବରମତି ରିଭର ଫ୍ରଣ୍ଟ ପ୍ରକଳ୍ପ ଅନୁରୂପ କଟକରେ ମଧ୍ୟ ମହାନଦୀରେ ବିଶ୍ୱ ସ୍ତରୀୟ ରିଭର ଫ୍ରଣ୍ଟର ବିକାଶ କରାଯିବ। ମହାନଦୀ ରିଭର୍ ଫ୍ରଣ୍ଟ ର ବିକାଶ ପାଇଁ ପୂର୍ବ ରୁ ବଜେଟ୍ ରେ ୫୦ କୋଟି ଟଙ୍କା ର ପ୍ରାବଧାନ ଥିଲା ଆଜି ଏହି ମଞ୍ଚ ରେ ଏଥିପାଇଁ ଆଉ ଅଧିକ ୧୫୦ କୋଟି ଟଙ୍କା ଖର୍ଚ୍ଚ ହେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏଣିକି ସମୁଦାୟ ୨୦୦ କୋଟି ବଜେଟ୍ ବ୍ୟବସ୍ଥା ରେ ଉଭୟ କଟକ ଓ ସମ୍ବଲପୁର ମହାନଦୀ ରିଭର ଫ୍ରଣ୍ଟ ର ବିକାଶ କରାଯିବ ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ଦରଦାମ ଚାପରେ ଅଣନିଃଶ୍ୱାସୀ ମଧ୍ୟବିତ୍ତ

ନୂଆଦିଲ୍ଲୀ,୧୫/୧୧ : ଦରଦାମ ଚାପରେ ସନ୍ତୁଳି ହେଲେଣି ମଧ୍ୟବିତ୍ତ। ଖାଦ୍ୟ ସାମଗ୍ରୀ ଦର ଆଉ ପକେଟ୍‌କୁ ସୁହାଉନାହିଁ। ସୀମିତ ଆୟରେ ଜୀବନ ଧାରଣ କରିବାରେ ସକ୍ଷମ ହେଉନାହାନ୍ତି ସାଧାରଣ ବେତନଭୋଗୀ। ଉଚ୍ଚ ମୁଦ୍ରାସ୍ଫୀତି ମଧ୍ୟବିତ୍ତଙ୍କ ବଜେଟ୍‌କୁ ଚାପିଦେଲାଣି। ସହରବାସୀ କୁକିଜ୍‌ଠାରୁ ଆରମ୍ଭ କରି ଫାଷ୍ଟଫୁଡ୍ ପର୍ଯ୍ୟନ୍ତ ପ୍ରାୟ ସବୁ ସାମଗ୍ରୀରେ ଖର୍ଚ୍ଚ କମାଇଦେଲେଣି। ତେବେ ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଆଗରେ ଦରଦାମ ବୃଦ୍ଧି ବାଧକ ସାଜିପାରେ ବୋଲି ଆଶଙ୍କା କରାଯାଉଛି। ଦେଶର ଖୁଚୁରା ଏବଂ ପାଇକାରୀ ମୁଦ୍ରାସ୍ଫୀତି ଉଭୟ ଉର୍ଦ୍ଧ୍ୱମୁଖୀ। ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୧୪ ମାସର ସର୍ବୋଚ୍ଚ ସ୍ତର ୬.୨%କୁ ବଢ଼ିଥିବାବେଳେ ପାଇକାରୀ ମୁଦ୍ରାସ୍ଫୀତି ୨.୩୬% କୁ ବୃଦ୍ଧି ପାଇଛି। ବିଶେଷ କରି ଖାଦ୍ୟ ସାମଗ୍ରୀ ଦର ବଢ଼ିବା ଫଳରେ ମୁଦ୍ରାସ୍ଫୀତି ଉର୍ଦ୍ଧ୍ୱମୁଖୀ ହୋଇଛି। ବର୍ତ୍ତମାନ ଅର୍ଥବ୍ୟବସ୍ଥା ପାଇଁ ଦରଦାମ ବୃଦ୍ଧି ଚିନ୍ତା ପାଲଟିଥିବା ଅର୍ଥନୀତିଜ୍ଞମାନେ ପ୍ରକାଶ କରିଛନ୍ତି।



ମୁଦ୍ରାସ୍ଫୀତି ଉଚ୍ଚ ସ୍ତରରେ ଥିବାବେଳେ ଆଗକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ମୁଦ୍ରାନୀତି ସମୀକ୍ଷା ବୈଠକରେ ସୁଧହାର ହ୍ରାସ ନ କରିପାରେ ବୋଲି ଅନୁମାନ କରାଯାଉଛି। ଏହାଦ୍ୱାରା ଋଣ ମହଙ୍ଗା ହେବ, ଯାହାର ପ୍ରଭାବ ବି ସାଧାରଣ ଲୋକ ଅନୁଭବ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ସରକାରୀ ତଥ୍ୟ ଅନୁସାରେ, ଗତ ଅକ୍ଟୋବରରେ ଖାଦ୍ୟ ଦରରେ ୧୧%ରୁ ଅଧିକ ବୃଦ୍ଧି ଘଟିଛି, ଯାହାକି ସେପ୍ଟେମ୍ବରରେ ୯.୪୭% ଥିଲା। ପନିପରିବା ଦର ୬୩.୦୪% ବୃଦ୍ଧି ପାଇଛି, ଯାହାକି ସେପ୍ଟେମ୍ବରରେ ୪୮.୭% ଥିଲା। ବିନିର୍ମାଣ ସାମଗ୍ରୀ କ୍ଷେତ୍ରରେ ଦରବୃଦ୍ଧି ୧.୫% ରହିଛି। ଗତ ୩ରୁ ୪ ମାସ ମଧ୍ୟରେ ସହରାଞ୍ଚଳରେ ବ୍ୟୟ ହ୍ରାସ ପାଇଛି। ଏହା କେବଳ ଖାଉଟି ସାମଗ୍ରୀ କମ୍ପାନିଙ୍କ ଆୟକୁ ପ୍ରଭାବିତ କରିନାହିଁ, ଏହା ମଧ୍ୟ ଭାରତର ଦୀର୍ଘମିଆଦୀ ଅର୍ଥନୈତିକ ସଫଳତା ଆଗରେ ବଡ଼ ପ୍ରଶ୍ନବାଚୀ ଛିଡ଼ାକରିଛି। ମହାମାରୀ ଶେଷ ହେବା ପରଠାରୁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବିଶେଷ କରି ସହରାଞ୍ଚଳ ଚାହିଦା ବୃଦ୍ଧି ଦ୍ୱାରା ସମ୍ଭବ ହେଉଥିଲା। କିନ୍ତୁ ବର୍ତ୍ତମାନ ସେଥିରେ ପରିବର୍ତ୍ତନ ଘଟିଛି। ସହରାଞ୍ଚଳରେ ଚାହିଦା ବଡ଼ ମାତ୍ରାରେ ହ୍ରାସ ପାଇଛି। ଏହାର ପ୍ରଭାବ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଉପରେ ପଡ଼ିପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ନେସ୍‌ଲେ ଇଣ୍ଡିଆ ଅଧ୍ୟକ୍ଷ ସୁରେଶ ନାରାୟଣନ କହିଛନ୍ତି ଯେ, ଦେଶରେ ମଧ୍ୟବିତ୍ତମାନେ ଏବେ ଖର୍ଚ୍ଚ କମାଉଛନ୍ତି। ଏହାର ପ୍ରଭାବ ବଡ଼ ବଡ଼ ଏଫ୍‌ଏମ୍‌ସିଜି କମ୍ପାନିଗୁଡ଼ିକର ଆୟରେ ସ୍ପଷ୍ଟ ପ୍ରତିଫଳିତ ହେଉଛି। ୨୦୨୦ରେ କୋଭିଡ୍ ପ୍ରଭାବିତ ଜୁନ୍ ତ୍ରୟମାସ ପରଠାରୁ ପ୍ରଥମ ଥର ପାଇଁ ନେସ୍‌ଲେର ତ୍ରୟମାସିକ ରାଜସ୍ୱ ଆୟ ହ୍ରାସ ପାଇଛି। ସୂଚନାଯୋଗ୍ୟ, ନେସ୍‌ଲେ ଇଣ୍ଡିଆ କିଟ୍‌କ୍ୟାଟ ଏବଂ ଅନ୍ୟାନ୍ୟ ପ୍ରମୁଖ ସାମଗ୍ରୀ ଉତ୍ପାଦନ କରିଥାଏ। ଭାରତର ୧୪୦ କୋଟି ଜନସଂଖ୍ୟା ମଧ୍ୟରୁ ଏକ ତୃତୀୟାଂଶ ହେଉଛନ୍ତି ମଧ୍ୟବିତ୍ତ। ଦେଶର ବିକାଶରେ ଏମାନଙ୍କ ବଡ଼ ଯୋଗଦାନ ରହିଛି। ଏମାନଙ୍କ ଆର୍ଥିକ ସ୍ଥିତି ଖରାପ ହେବା ଦ୍ୱାରା ସମଗ୍ର ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହେବା ସ୍ୱାଭାବିକ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ମଧ୍ୟବିତ୍ତ ହତାଶ ହେବା ଦ୍ୱାରା ଅର୍ଥନୀତି ସହିତ ରାଜନୀତି ଅଙ୍କ ମଧ୍ୟ ବିଗିଡ଼ିଥାଏ। ଏଥର ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁର୍ବଳ ପ୍ରଦର୍ଶନ ଏହାର ଜ୍ୱଳନ୍ତ ଉଦାହରଣ। ଅକ୍ଟୋବରରେ ଦେଶର ସହରାଞ୍ଚଳ ଚାହିଦା ଦୁଇ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଥିବା ସିଟି ବ୍ୟାଙ୍କ ପକ୍ଷରୁ ଜାରି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସିଟିର ମୁଖ୍ୟ ଅର୍ଥନୀତିଜ୍ଞ(ଭାରତ) ସମିରଣ ଚକ୍ରବର୍ତ୍ତୀ କହିଛନ୍ତି ଯେ, ଚାହିଦାରେ କିଛିଟା ହ୍ରାସ ସାମୟିକ ଥିବାବେଳେ ଅଉ କିଛି ପ୍ରମୁଖ ମାକ୍ରୋ କାରକଗୁଡ଼ିକ ଅର୍ଥନୀତି ପାଇଁ ଅନୁକୂଳ ନୁହେଁ। ଚଳିତ ଆର୍ଥିକବର୍ଷ ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଭାରତ ୭.୨% ବଢ଼ିପାରେ ବୋଲି ଅନୁମାନ ରହିଛି। ଏଥିସହିତ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ପାଲଟିବ।

# ଫର୍ଚ୍ଚୁନ୍ ମାଗାଜିନର ଶକ୍ତିଶାଳୀ ବ୍ୟବସାୟୀ ତାଲିକାରେ ସ୍ଥାନ ପାଇଛନ୍ତି ମୁକେଶ ଅମ୍ବାନୀ



ମୁମ୍ବାଇ,୧୫।୧୧:ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ପୁଣି ଥରେ କେବଳ ଦେଶରେ ନୁହେଁ, ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଉଦ୍ୟୋଗପତି ଭାବେ ଫର୍ଚ୍ଚୁନ୍ ମାଗାଜିନର ଶକ୍ତିଶାଳୀ ବ୍ୟବସାୟୀ-୨୦୨୪ ତାଲିକାରେ ସ୍ଥାନ ପାଇଛନ୍ତି । ଉଲ୍ଲେଖଯୋଗ୍ୟ, ଫର୍ଚ୍ଚୁନ୍ ମାଗାଜିନ ପକ୍ଷରୁ ବିଶ୍ୱର ଶ୍ରେଷ୍ଠ ୧୦୦ ଶକ୍ତିଶାଳୀ ଶିଳ୍ପପତିଙ୍କ ତାଲିକା ନିକଟରେ ପ୍ରକାଶ ପାଇଛି। ଏଥିରେ ଏଲନ୍ ମସ୍କ ପ୍ରଥମ ସ୍ଥାନରେ ଥିଲାବେଳେ ମୁକେଶ ଅମ୍ବାନୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ମୁକେଶ ଅମ୍ବାନୀଙ୍କ ବ୍ୟତୀତ ଫର୍ଚ୍ଚୁନ୍ ପାୱାରଫୁଲ୍ ବିଜ୍‌ନେସ୍ ଲିଷ୍ଟ-୨୦୨୪ରେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ପ୍ରଥମ ସ୍ଥାନ ଏବଂ ଏନ୍‌ଭିଡିଆ ସିଇଓ ଜେନ୍‌ସେନ୍ ହୁଆଙ୍ଗ ୨ୟ ସ୍ଥାନରେ ରହିଛନ୍ତି। ସେହିଭଳି ସତ୍ୟ ନାଡେଲା ଉକ୍ତ ତାଲିକାର ତୃତୀୟ ସ୍ଥାନରେ ଥିଲାବେଳେ ୱାରେନ୍ ବଫେଟ୍ ୪ର୍ଥ,ଜେମି ଡିମନ୍ ୫ମ, ଟିମ୍ କୁକ୍ ୬ଷ୍ଠ, ମାର୍କ ଜୁକରବର୍ଗ ୭ମ, ସାମ୍ ଅଲ୍ଟମ୍ୟାନ୍ ୮ମ, ମେରି ବାରା ୯ମ ଏବଂ ସୁନ୍ଦର ପିଚାଇ ୧୦ମ ସ୍ଥାନରେ ରହିଥିବା ବେଳେ ଜେଫ୍ ବେଜୋସ୍ ୧୧ତମ ସ୍ଥାନରେ ରହିଛନ୍ତି। ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ ଦେଶର ପ୍ରମୁଖ ଉଦ୍ୟୋଗପତିମାନଙ୍କ ମଧ୍ୟରୁ ଅନ୍ୟତମ ହୋଇଥିଲାବେଳେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ନୂତନ ଉତ୍କର୍ଷରେ ପହଞ୍ଚାଇ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏପରିକି ଜିଓର ଶୁଭାରମ୍ଭକରି ସେ ଦେଶର ଟେଲିକମ୍ କ୍ଷେତ୍ରର ଚେହେରା ବଦଳାଇଛନ୍ତି। ଡିଜିଟାଇଜେଶନ ଜରିଆରେ ଦେଶର ବିକାଶ ମଧ୍ୟ ତ୍ୱରାନ୍ୱିତ ହୋଇଛି। ରିଟେଲ କ୍ଷେତ୍ରରେ କମ୍ପାନୀ ପ୍ରତିଦିନ ନୂଆ ନୂଆ ରେକର୍ଡ ସୃଷ୍ଟି କରୁଛି। ସବୁଜ ଶକ୍ତି କ୍ଷେତ୍ରରେ ମଧ୍ୟ କମ୍ପାନୀ ଜୋର୍‌ଦାର କାର୍ଯ୍ୟ ଜାରି ରଖିଛି। ମୁକେଶ ଅମ୍ବାନୀ ହେଉଛନ୍ତି ଏକମାତ୍ର ଭାରତୀୟ ଯିଏକି ଫର୍ଚ୍ଚୁନ୍ ମାଗାଜିନର ଶକ୍ତିଶାଳୀ ବ୍ୟବସାୟୀ-୨୦୨୪ ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ତାଲିକାରେ ଭାରତୀୟ ମୂଳର ଅନ୍ୟ ୬ଜଣ ମଧ୍ୟ ରହିଛନ୍ତି, ଯେଉଁମାନେ ବିଦେଶରେ ଦୀର୍ଘବର୍ଷ ହେବ ବସବାସ କରନ୍ତି। ଏହି ବ୍ୟକ୍ତିମାନେ ବଡ଼ ବ୍ୟବସାୟର ପ୍ରତିଷ୍ଠାତା, ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ନବପ୍ରବର୍ତ୍ତକ।

# ଜେଡ୍ ବ୍ଲାକ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜରେ ଗୋଲ୍ଡ ପାର୍ଟନର

ନୂଆଦିଲ୍ଲୀ,୧୫।୧୧:ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ମହୀଶୂର ଦୀପ ପରଫ୍ୟୁମେରି ହାଉସ(ଏମ୍‌ଡିପିଏଚ୍)ର ପ୍ରମୁଖ ବ୍ରାଣ୍ଡ ଜେଡ୍ ବ୍ଲାକ୍‌ର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନିକଟରେ ଆରମ୍ଭ ହୋଇଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜରେ ଜେଡ୍ ବ୍ଲାକ୍ ଗୋଲ୍ଡ ପାର୍ଟନର ଭାବେ ସାମିଲ ହୋଇଛି। ଅପରପକ୍ଷରେ ଦେଶର ୩ୟ ସର୍ବବୃହତ୍ ଧୂପକାଠି ନିର୍ମାତା ତଥା ରପ୍ତାନିକାରୀ ଏବଂ ଖୁଚୁରା ବିକ୍ରେତା ଭାବେ ବେଶ୍ ପରିଚିତ ଜେଡ୍ ବ୍ଲାକ୍ ବହୁ କୋଟି କ୍ରୀଡ଼ାପ୍ରେମୀ ଓ ଦର୍ଶକଙ୍କ ନିକଟତର ହେବା ସହ ବିଶ୍ୱ ବଜାରରେ ମଧ୍ୟ ବ୍ରାଣ୍ଡର ପ୍ରଚାରପ୍ରସାର ସାଙ୍ଗକୁ ଜେଡ୍‌ବ୍ଲାକ୍ ଗୁଣବତ୍ତା ଓ ଆଭିମୁଖ୍ୟ ସମ୍ପର୍କରେ ସାରା ବିଶ୍ୱବାସୀଙ୍କୁ ଅବଗତ କରାଇପାରିବ। ସେହିଭଳି ଜେଡ୍‌ବ୍ଲାକ୍‌ର ବ୍ରାଣ୍ଡ ଆମ୍ବାସାଡର ତଥା ଲୋକପ୍ରିୟ ଭାରତୀୟ କ୍ରୀଡ଼ାବିତ ମହେନ୍ଦ୍ର ସିଂ ଧୋନୀ ଦୀର୍ଘ ବର୍ଷ ହେବ ଜେଡ୍ ବ୍ଲାକ୍ ସହ ସାମିଲ ରହିଛନ୍ତି। ଏପରିକି ବ୍ରାଣ୍ଡ କ୍ରୀଡ଼ା କ୍ଷେତ୍ରର ପ୍ରଚାର ପ୍ରସାର ପାଇଁ ପୂର୍ବରୁ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ରେ ମଧ୍ୟ ସାମିଲ ହୋଇଛି। ଏ ସମ୍ପର୍କରେ ଜେଡ୍ ବ୍ଲାକ୍‌ର ଏମ୍‌ଡି ଅଙ୍କିତ ଅଗ୍ରୱାଲ କହିଥିଲେ, ଆମେ ଆମର ନୂତନ ଅଭିଯାନ ଓ ଚଳିତ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜରେ ଗୋଲ୍ଡ ପାର୍ଟନର ଭାବେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଉଭୟ ଦେଶର କ୍ରୀଡ଼ାପ୍ରେମୀ ଓ ବହୁ କୋଟି ଦର୍ଶକଙ୍କ ନିକଟତର ହେବା ସହ ବ୍ରାଣ୍ଡର ଆଭିମୁଖ୍ୟ ଓ ଉତ୍ପାଦର ଗୁଣବତ୍ତା ଏବଂ ବିଶେଷତ୍ୱକୁ ବିଶ୍ୱସ୍ତରରେ ପରିଚୟ କରାଇବାକୁ ପ୍ରୟାସ ଆରମ୍ଭ କରିଛୁ।

# ଟିରା ପକ୍ଷରୁ ଜିଓ ୱାର୍ଲ୍ଡ ପ୍ଲାଜାରେ ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟ ଷ୍ଟୋର୍ ଶୁଭାରମ୍ଭ

ମୁମ୍ବାଇ,୧୫/୧୧ : ରିଲାଏନ୍ସ ରିଟେଲର ବିୟୁଟି ରିଟେଲ ଚେନ 'ଟିରା' ପକ୍ଷରୁ ଗୁରୁବାର ମୁମ୍ବାଇର ଜିଓ ୱାର୍ଲ୍ଡ ପ୍ଲାଜାରେ ଏହାର ବିଳାସପୂର୍ଣ୍ଣ ଫ୍ଲାଗସିପ୍ ଷ୍ଟୋର୍ ଶୁଭାରମ୍ଭ କରାଯାଇଛି। ୬୨୦୦ ବର୍ଗଫୁଟ ପରିମିତ ଏହି ଫ୍ଲାଗସିପ୍ ଷ୍ଟୋରେ ପ୍ରତିଷ୍ଠିତ ବିଶ୍ୱସ୍ତରୀୟ ବ୍ରାଣ୍ଡ ଗୁଡିକର ୧୫ ଟି ସପ-ଇନ-ସପ ବୁଟିକ୍ ରହିଛି। ଷ୍ଟୋରରେ ବିଳାସପୂର୍ଣ୍ଣ ସ୍କିନ୍ କେୟାର ବ୍ରାଣ୍ଡ ଅଗଷ୍ଟିନସ୍ ବେଡର୍ ମଧ୍ୟ ରହିଛି, ଯାହା କେବଳ ଟିରା ଷ୍ଟୋରେ ଉପଲବ୍ଧ।

ଏହି ଫ୍ଲାଗସିପ୍ ଷ୍ଟୋର ଶୁଭାରମ୍ଭ ଅବସରରରେ ରିଲାଏନ୍ସ ରିଟେଲ୍ ଭେଞ୍ଚର୍ସ ଲିମିଟେଡ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି ଯେ "ଟିରା" ଭାରତରେ ସୌନ୍ଦର୍ଯ୍ୟ ଏବଂ ବିଳାସକୁ ପୁନଃ ପରିଭାଷିତ କରୁଛି। ବିଶ୍ୱ ସ୍ତରୀୟ ବ୍ରାଣ୍ଡ ଏବଂ ସିଗନେଚର ସେବା ସହିତ ଏହା ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବ। ଜିଓ ୱାର୍ଲ୍ଡ ପ୍ଲାଜାରେ ଆମର ଟିରା ଫ୍ଲାଗସିପ୍ ଷ୍ଟୋର୍ ପ୍ରେରିତ କରିବା, ସମସ୍ତଙ୍କୁ ଏକାଠି କରିବା ଏବଂ ପରିବର୍ତ୍ତନ ଆଣିବା ପାଇଁ ବେଶ ଯତ୍ନର ସହିତ ଏବଂ ସୁନ୍ଦର ଭାବରେ ପରିକଳ୍ପିତ ହୋଇଛି।



ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟର ଏହି ଅସାଧାରଣ ଯାତ୍ରାରେ ଗ୍ରାହକମାନଙ୍କୁ ସାମିଲ କରିବାକୁ ଆମେ ପ୍ରସ୍ତୁତ ରହିଛୁ।" ସୁଗନ୍ଧପ୍ରେମୀମାନଙ୍କ ପାଇଁ ଏହି ଷ୍ଟୋରରେ ଏକ ସ୍ୱତନ୍ତ୍ର ସେଣ୍ଟ ରୁମ ପ୍ରସ୍ତୁତ କରାଯାଇଛି। ଏହାକୁ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ସୁଗନ୍ଧଗୁଡ଼ିକ ବାୟୁରେ ଭାସମାନ ରହିଥାଏ। ସେଣ୍ଟ ବା ସୁଗନ୍ଧର ଆନ୍ତର୍ଜାତୀୟ ବ୍ରାଣ୍ଡ ଏବଂ ସୀମିତ-ସଂସ୍କରଣ ସଂଗ୍ରହ ମଧ୍ୟ ଏଠାରେ ଉପଲବ୍ଧ ହେବ। ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟ ରିଟେଲ ବ୍ୟବସାୟରେ ପ୍ରଥମ ଥର ପାଇଁ ଟିରା ପକ୍ଷରୁ ଟିରା ବିୟୁଟି ସୁଟରେ ସ୍ୱତନ୍ତ୍ର ଇନ-ଷ୍ଟୋର ସ୍କିନ୍ କେୟାର ସେବା ଆରମ୍ଭ କରିଛି। ଟିରାର ସିଗନେଚର ଟ୍ରିଟମେଣ୍ଟରେ ସିଗନେଚର-ଗ୍ଲୋ, ୟୁଥ୍ ଏଲିକ୍ସିର୍ ଏବଂ ଆକ୍ୱା ଇନଫ୍ୟୁଜନ୍ ଫେସିଆଲ ବ୍ୟତୀତ ଅଗଷ୍ଟିନସ୍-ବେଡ଼ର ସିଗନେଚର ଫେସିଆଲ ବିଶେଷ ଭାବରେ ସାମିଲ କରାଯାଇଛି।

ଏହି ଫ୍ଲାଗସିପ୍ ଷ୍ଟୋରେ ଟେକ୍ନୋଲୋଜି ମଧ୍ୟ ବହୁଳ ଭାବରେ ବ୍ୟବହୃତ ହୋଇଛି। ଭର୍ଚୁଆଲ୍ ଟ୍ରାଏ-ଅନ୍ ଠାରୁ ଆରମ୍ଭ କରି ବ୍ୟକ୍ତିଗତ ସୌନ୍ଦର୍ଯ୍ୟ ସ୍ଥଳ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି ଉପକରଣ ଏଠାରେ ସ୍ଥାପନ କରାଯାଇଛି। କମ୍ପାନୀ ଅନୁଯାୟୀ, ଭାରତର ସୌନ୍ଦର୍ଯ୍ୟ ରିଟେଲ ଦୃଶ୍ୟପଟ୍ଟରେ ଟିରା ଏକ ନୂତନ ମାନଦଣ୍ଡ ସ୍ଥିର କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏଭଳି ଏକ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବ ଯାହା ପ୍ରକୃତରେ ଅନନ୍ୟ ହେବ।

# ମିଶିଗଲେ ରିଲାଏନ୍ସ, ଭାୟାକମ୍୧୮, ଡିଜ୍‌ନି

**ମୁମ୍ବାଇ, ୧୫।୧୧:** ଦେଶର ଗଣମାଧ୍ୟମ ଓ ମନୋରଞ୍ଜନ ଜଗତର ସର୍ବବୃହତ ମିଶ୍ରଣ ସମ୍ପୂର୍ଣ୍ଣ ହୋଇଛି। ମୁକେଶ ଅମ୍ବାନିଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଭାୟାକମ୍୧୮ ଓ ଡିଜ୍‌ନିର ମିଶ୍ରଣରୁ ୭୦,୩୫୨ କୋଟି ଟଙ୍କାର ଏକ ବିଶାଳ ଯୌଥ ଉଦ୍ୟୋଗ ସୃଷ୍ଟି ହୋଇଛି। ସେଥିରେ ରିଲାଏନ୍ସର ୧୬.୩୪ ପ୍ରତିଶତ, ଭାୟାକମ୍୧୮ର ୪୬.୮୨ ପ୍ରତିଶତ ଓ ଡିଜ୍‌ନିର ୩୬.୮୪ ପ୍ରତିଶତ ଅଂଶଧନ ରହିଛି। ଏହି ସଂସ୍ଥା ନୀତା ଅମ୍ବାନିଙ୍କ ନେତୃତ୍ୱରେ ପରିଚାଳିତ ହେବ। ଏହି ବୃହତ୍ ମିଶ୍ରଣ ସହ ଷ୍ଟାର୍, କଲର୍ସର ସବୁ ଟିଭି ଚ୍ୟାନେଲ୍, ଜିଓସିନେମା, ହଟ୍‌ଷ୍ଟାର୍ ଓଟିଟି ପ୍ଲାଟଫର୍ମ ଗୋଟିଏ ସଂସ୍ଥା ଅଧୀନକୁ ଆସିଛନ୍ତି। ମନୋରଞ୍ଜନ ଓ କ୍ରୀଡ଼ା ପ୍ରସାରଣରେ ଏହାର ଆଧିପତ୍ୟ ରହିବା ଆଶା କରାଯାଉଛି। ଏହି ଯୌଥ ଉଦ୍ୟୋଗ ଅଧୀନରେ ୧୨୦ ଚ୍ୟାନେଲ୍ ରହିବ ଏବଂ ଏହା ବାର୍ଷିକ ୩୦,୦୦୦ରୁ ଅଧିକ ଘଣ୍ଟାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବ। ଏହି ମିଳିତ ସଂସ୍ଥାର ଦର୍ଶକ ସଂଖ୍ୟା ୭୫ କୋଟିରୁ ଅଧିକ। ତିନି ଜଣ ସିଇଓ ସଂସ୍ଥାର ପରିଚାଳନା ଦାୟିତ୍ୱରେ ରହିବେ। ମନୋରଞ୍ଜନ, ଡିଜିଟାଲ୍ ଟିଭି ଓ କ୍ରୀଡ଼ା ଭଳି ତିନିଟି ବର୍ଗ ଲାଗି ଏହି ତିନି ସିଇଓ କାର୍ଯ୍ୟ କରିବେ। ଏହି ବିଶାଳ ମିଶ୍ରଣ ସମ୍ପୂର୍ଣ୍ଣ ହୋଇଥିବାରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନି ଓ ଡିଜ୍‌ନିର ସିଇଓ ରବର୍ଟ ଏ ଆଇଜର ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟ ଏକ ଘଟଣାରେ ରିଲାଏନ୍ସ ପକ୍ଷରୁ ୪୨୮୬ କୋଟି ଟଙ୍କାରେ ଭାୟାକମ୍୧୮ରେ ଥିବା ପାରାମାଉଣ୍ଟ ଗ୍ଲୋବାଲ୍‌ର ୧୩.୦୧ ପ୍ରତିଶତ ଅଂଶଧନକୁ ଅଧିଗ୍ରହଣ କରାଯାଇଛି।

# ସପ୍ତାହରେ ୭୦ ଘଣ୍ଟା କାମ ବୟାନ ଉପରେ ଏବେ ବି ସ୍ଥିର ନାରାୟଣ ମୂର୍ତ୍ତି

**ନୂଆଦିଲ୍ଲୀ, ୧୫।୧୧:** ଇନଫୋସିସ୍ ସହ-ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ୭୦ ଘଣ୍ଟା ୱାର୍କ କଲ୍‌ଚର ସପକ୍ଷରେ ପୁଣି ଥରେ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ କଠିନ ପରିଶ୍ରମ ହିଁ ଭାରତକୁ ବିକାଶ ମାର୍ଗରେ ଆଗକୁ ନେଇପାରିବ। ସିଏନବିସି ଗ୍ଲୋବାଲ୍ ଲିଡରଶିପ୍ ସମ୍ମିଳନୀରେ ନାରାୟଣ ମୂର୍ତ୍ତି କହିଛନ୍ତି, 'କ୍ଷମା କରିବେ କିନ୍ତୁ ମୋର ଚିନ୍ତାଧାରା ବଦଳିବ ନାହିଁ। ଏହି ବିଚାରଧାରା ମୋର ମୃତ୍ୟୁ ଯାଏ ରହିବ।' ଇନଫୋସିସ୍ ପ୍ରତିଷ୍ଠାତା କହିଛନ୍ତି ଯେ ୧୯୮୬ ଯେତେବେଳେ ଭାରତରେ ସପ୍ତାହରେ ୬ ଦିନରୁ ୫ ଦିନ କାମକୁ ଶିଫ୍ଟ ହେଲା, ମୁଁ ବହୁତ ଦୁଃଖୀ ହୋଇଥିଲି। ସେ କହିଛନ୍ତି ଯେ ଦେଶକୁ ବିକଶିତ କରିବାର ଅଛି ଯଦି ବିଶ୍ରାମ ନୁହେଁ ବରଂ କିଛି ତ୍ୟାଗ କରିବାକୁ ହେବ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ କଥା ମଧ୍ୟ ଉଲ୍ଲେଖ କରିଛନ୍ତି।



ପ୍ରଧାନମନ୍ତ୍ରୀ ସପ୍ତାହରେ ୧୦୦ ଘଣ୍ଟା କାମ କରୁଛନ୍ତି। ଯଦି ପ୍ରଧାନମନ୍ତ୍ରୀ ଏତେ ପରିଶ୍ରମ କରୁଛନ୍ତି, ତେବେ ଆମେ କାହିଁକି ନୁହେଁ। ଆମେ ମଧ୍ୟ କାମ କରିବା ଦରକାର ଏବଂ ଦେଶକୁ ଆଗକୁ କିପରି ଆଗକୁ ବଢ଼ାଯିବ ତାହା ଉପରେ ବିଚାର କରିବା ଦରକାର। ସେ କହିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀ ଏବଂ ଜାପାନ କିପରି ବିକାଶ କଲେ ଏବଂ ଧନୀ ରାଷ୍ଟ୍ର ହେଲେ, ତାହା ଦେଖି, ଶିଖିବା ଦରକାର। ଭାରତ ମଧ୍ୟ ସେହି ମାର୍ଗରେ ଆଗକୁ ବଢ଼ିବା ଦରକାର ଏବଂ ଏଥିରୁ ହିଁ ରାଷ୍ଟ୍ରର ପୁନର୍ନିର୍ମାଣ ସମ୍ଭବ ହୋଇପାରିବ। ଜର୍ମାନୀ ଏବଂ ଜାପାନ ଲୋକ ଯେପରି ଉଦ୍ୟମ କଲେ, ଆମକୁ ମଧ୍ୟ ସେହିପରି ପ୍ରୟାସ କରିବାକୁ ପଡ଼ିବ। ନାରାୟଣ ମୂର୍ତ୍ତି କହିଛନ୍ତି ଯେ ମୁଁ ମୋର ସାରା ଜୀବନ ଏହି ଚିନ୍ତାଧାରାର ପାଳନ କରିଛି ଏବଂ ସବୁବେଳେ ୧୪ ଘଣ୍ଟା କାମ କରିଛି। ସେ କହିଛନ୍ତି ଯେ ମୁଁ ସପ୍ତାହରେ ସାଢେ ୬ ଦିନ କାମ କରୁଥିଲି। ମୋର ଲାଇଫଷ୍ଟାଇଲକୁ ନେଇ ମୁଁ ଗର୍ବିତ। ୭୮ ବର୍ଷୀୟ ବ୍ୟବସାୟୀଙ୍କ ମତରେ ଦୁନିଆରେ ସଫଳ ହେବାର ଗୋଟିଏ ହିଁ ଉପାୟ, ତାହା ହେଉଛି କଠିନ ପରିଶ୍ରମ।

# ୭୦ ହଜାର ତଳକୁ ଖସିଲା ସୁନା, ଲକ୍ଷେ ତଳକୁ ଖସିଲା ରୁପା



ଭୁବନେଶ୍ୱର, ୧୫/୧୧ : ସୁନା ଏବଂ ରୁପା ଦରରେ ହ୍ରାସ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ଦର ୭୦ ହଜାର ଟଙ୍କା ତଳକୁ ଖସିଆସିଛି। ବଜାର ତଥ୍ୟ ଅନୁସାରେ, ଗୁରୁବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ଏବଂ ୨୨ କ୍ୟାରେଟ୍ ସୁନା ଦର ଯଥାକ୍ରମେ ୧୨୦୦ ଟଙ୍କା ଏବଂ ୧୧୦୦ ଟଙ୍କା କମିଛି। ଉଭୟ ଯଥାକ୍ରମେ ୭୫,୬୫୦ ଟଙ୍କା ଏବଂ ୬୯,୩୫୦ ଟଙ୍କାକୁ ଖସିଆସିଛି। ଅନ୍ୟପକ୍ଷରେ, କିଲୋଗ୍ରାମ ପିଛା ରୁପା ଦର ୨୦୦୦ ଟଙ୍କା ହ୍ରାସ ପାଇଛି। ଫଳରେ ଏହା ଲକ୍ଷେ ତଳକୁ ଖସି ୯୯,୦୦୦ ଟଙ୍କା ହୋଇଛି। ୧୫ ଦିନରେ ସୁନା ଦର ପ୍ରାୟ ୬,୦୦୦ ଟଙ୍କା କମିଥିବା ଜଣାପଡ଼ିଛି। ସୁନା ଦର ଖସିବାର ଅନେକ କାରଣ ରହିଛି। ୩ ମାସ ଧରି ଦର ବଢ଼ିବା ଫଳରେ ଲୋକେ ଏବେ ଲାଭ ଅସୁଲି କରୁଛନ୍ତି। ଫଳରେ ଚାହିଦା ଖସିଛି। ଏହା ଦର ହ୍ରାସର ଅନ୍ୟତମ କାରଣ। ସେହିଭଳି ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରଠାରୁ ଏଯାବତ୍ ଡଲାର ସୂଚକାଙ୍କ ୨.୩୬% ବୃଦ୍ଧି ପାଇଛି। ଆମେରିକୀୟ ବଣ୍ଡ ଦର ବଢ଼ିଛି। ଉଭୟ କାରଣ ଯୋଗୁ ସୁନା ଚାହିଦା ହ୍ରାସ ପାଇଛି। ମଧ୍ୟପ୍ରାଚ୍ୟ, ରୁଷ-ୟୁକ୍ରେନ, ଇସ୍ରାଏଲ-ହମାସ, ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧ ଯୋଗୁ ସୁନା ଦର ବଢୁଥିଲା। ଏବେ ସେଭଳି କିଛି ହଲଚଲ ଦେଖିବାକୁ ମିଳୁନାହିଁ। ତେଣୁ ସୁନା ଦର ଖସୁଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# କେତେ କିଲୋମିଟର ଚାଲିବା ପରେ କାର ସର୍ଭିସିଂ କରିବା ଉଚିତ

ନୂଆଦିଲ୍ଲୀ, ୧୫।୧୧: ଥରେ କଳ୍ପନା କରନ୍ତୁ ଯଦି ଆପଣଙ୍କ କାରର ମାଇଲେଜ୍ ଏବଂ ପରଫରମାନ୍ସ କମ୍ ହୋଇଯାଏ ? ଆପଣ ଏହା ବିଷୟରେ ଚିନ୍ତା କରି ମଧ୍ୟ ଭୟଭୀତ ହେଇଯାଉଥିବେ, କିନ୍ତୁ ଏହା ଆପଣଙ୍କ ସହ ମଧ୍ୟ ହୋଇପାରେ। ଅନେକ ଲୋକ ଠିକ୍ ସମୟରେ କାର୍ ସର୍ଭିସିଂ କରନ୍ତି ନାହିଁ, ଯେଉଁ କାରଣରୁ ଗାଡିର ପରଫରମାନ୍ସ ଏବଂ ମାଇଲେଜ୍ ଧୀରେ ଧୀରେ ପ୍ରଭାବିତ ହେବାକୁ ଲାଗେ। ଆପଣ ଜାଣନ୍ତି କି କାରଟି କେତେ କିଲୋମିଟର ଚାଲିବା ପରେ ସର୍ଭିସିଂ କରିବା ଉଚିତ? ଯଦି କାରଟି ଠିକ୍ ସମୟରେ ସର୍ଭିସିଂ କରାଯାଏ, ଏହା କେବଳ କାରର ପରଫରମାନ୍ସକୁ ଉନ୍ନତ କରେ ନାହିଁ ବରଂ ଇଞ୍ଜିନର ଲାଇଫ ମଧ୍ୟ ବଢ଼ାଇଥାଏ। ତେବେ ସର୍ଭିସିଂ କେତେ ସମୟରେ କିମ୍ବା କେତେ କିଲୋମିଟର ଚାଲିବା ପରେ କରାଯିବା ଉଚିତ ସେ ବିଷୟରେ ଅନେକ ଲୋକ ଜାଣନ୍ତି ନାହିଁ। ତେବେ ଆଜି ଆମେ ଆପଣଙ୍କୁ ଏ ବିଷୟରେ ଜଣାଇବାକୁ ଯାଉଛୁ। କମ୍ପାନୀ ଅନୁଯାୟୀ, ଏକ ନୂଆ କାର କିଣିବା ପରେ ପ୍ରଥମ ସର୍ଭିସିଂ ଏକ ମାସ କିମ୍ବା ୧୦୦୦ କିଲୋମିଟର ପରେ, ଦ୍ୱିତୀୟ ସର୍ଭିସିଂ ୬ ମାସ କିମ୍ବା ୫୦୦୦ କିଲୋମିଟର ପରେ ଏବଂ ତୃତୀୟ ସେବା ୧୨ ମାସ କିମ୍ବା ୧୦,୦୦୦ କିଲୋମିଟର ପରେ କରାଯିବା ଉଚିତ। ତୃତୀୟ ସର୍ଭିସିଂ ପରେ, ପ୍ରତି ୧୦ ହଜାର କିଲୋମିଟର କିମ୍ବା ଏକ ବର୍ଷରେ କାର ସର୍ଭିସିଂ କରାଯିବା ଉଚିତ। ଯଦି ବି ଆପଣଙ୍କ କାର ୧୦ ହଜାର କିଲୋମିଟର ଚାଲିନାହିଁ, ତଥାପି ଗୋଟିଏ ବର୍ଷରେ ଥରେ ନିଶ୍ଚୟ ସର୍ଭିସିଂ କରିବା ଉଚିତ। ୧୦ ହଜାର କିଲୋମିଟର ଚାଲିବା ପରେ ସର୍ଭିସିଂ କରିବା ଅତ୍ୟନ୍ତ ଜରୁରୀ। ଇଞ୍ଜିନ ଅଏଲ ଏକ ବର୍ଷ ପରେ ପୁରୁଣା ହେବା ଆରମ୍ଭ କରେ, ଏପରି ପରିସ୍ଥିତିରେ, ଇଞ୍ଜିନର ଲାଇଫ ବଢ଼ାଇବା ପାଇଁ ଏକ ବର୍ଷ ପରେ ଇଞ୍ଜିନ ଅଏଲ ଚେଞ୍ଜ କରିବା ନିହାତି ଜରୁରୀ। ଏକ ଇଣ୍ଟରଭ୍ୟୁ ସମୟରେ SR ଅଟୋମୋବାଇଲର ମାଲିକ କହିଛନ୍ତି ଯେ ଯଦି ସର୍ଭିସିଂ ଠିକ୍ ସମୟରେ ହୋଇନଥାଏ ଏବଂ ଏହି କ୍ଷେତ୍ରରେ ଯଦି ଇଞ୍ଜିନ ଅଏଲ ସରିଯାଏ ତେବେ ଆପଣଙ୍କ କାର ବନ୍ଦ ହୋଇପାରେ। ଯଦି କାର ଅଟକିଯାଏ, ତେବେ ଏହି ପରିସ୍ଥିତିରେ କାରରେ ସ୍ଥାପିତ ପିଷ୍ଟନ୍ ନଷ୍ଟ ହୋଇପାରେ, କେବଳ ପିଷ୍ଟନ୍ ନୁହେଁ ଇଞ୍ଜିନ ମଧ୍ୟ ନଷ୍ଟ ହୋଇପାରେ। ଯଦି ଇଞ୍ଜିନ୍ ଭାଙ୍ଗିଯାଏ ତେବେ ଆପଣଙ୍କର ହଜାର ହଜାର ଟଙ୍କାର କ୍ଷତି ନିଶ୍ଚିତ ଅଟେ। ଏହି କ୍ଷତିରୁ ରକ୍ଷା ପାଇବା ପାଇଁ କେବଳ ଗୋଟିଏ ଗୋଟିଏ ଜିନିଷ କରିବା ଉଚିତ ତାହା ହେଉଛି ୧୦ ହଜାର କିମି ପରେ କିମ୍ବା ୧ ବର୍ଷ ପରେ କାରକୁ ଠିକ୍ ସମୟରେ ନିଶ୍ଚୟ ସର୍ଭିସିଂ କରନ୍ତୁ।

# ୨୭ ନଭେମ୍ବରରେ ଲଞ୍ଚ ହେବାକୁ ଯାଉଛି ହୋଣ୍ଡା ଇଲେକ୍ଟ୍ରିକ୍ ସ୍କୁଟର୍

**ନୂଆଦିଲ୍ଲୀ, ୧୫।୧୧:** ଭାରତରେ ଇଲେକ୍ଟ୍ରିକ୍ ସ୍କୁଟରର ଟ୍ରେଣ୍ଡ କ୍ରମାଗତ ଭାବରେ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଅଗ୍ରଣୀ ଦୁଇ ଚକିଆ କମ୍ପାନୀ ହୋଣ୍ଡା ମଧ୍ୟ ଇଲେକ୍ଟ୍ରିକ୍ ସ୍କୁଟର ବଜାରରେ ଏଣ୍ଟ୍ରି କରିବା ପାଇଁ ପ୍ରସ୍ତୁତି ଶେଷ କରିଛି। ହୋଣ୍ଡା ନଭେମ୍ବର ୨୭ରେ ଭାରତରେ ଏହାର ପ୍ରଥମ ଇଲେକ୍ଟ୍ରିକ୍ ସ୍କୁଟର ଲଞ୍ଚ କରିବ। ଜାପାନର ଅଟୋମୋବାଇଲ୍ କମ୍ପାନୀ 'ହ୍ୱାଟ୍ ଇଜ୍ ଆହେଡ୍' ଶବ୍ଦର ବ୍ୟବହାର କରୁଛି। ଏହି ଶବ୍ଦରୁ ଜଣାପଡିଛି ଯେ ଏବେ ସେମାନଙ୍କର ପ୍ରଥମ ଇଲେକ୍ଟ୍ରିକ୍ ସ୍କୁଟର ଖୁବ ଶୀଘ୍ର ଲଞ୍ଚ ହେବାକୁ ଯାଉଛି। ହୋଣ୍ଡାର ପ୍ରଥମ ଇଲେକ୍ଟ୍ରିକ୍ ସ୍କୁଟର ଆକ୍ଟିଭା ସ୍କୁଟରର ଏକ ଇଲେକ୍ଟ୍ରିକ୍ ଭର୍ସନ ହୋଇପାରେ ବୋଲି ମଧ୍ୟ ଅନୁମାନ କରାଯାଉଛି। ହୋଣ୍ଡା ଦୀର୍ଘ ସମୟ ଧରି ଆକ୍ଟିଭା ଇଲେକ୍ଟ୍ରିକ୍ ସ୍କୁଟରରେ କାମ କରୁଛି। ସ୍ୱଳ୍ପ ମୂଲ୍ୟ ଏବଂ ଅନ୍-ଟାଇମ୍ ଡେଲିଭରି ଯୋଗାଇବା ପାଇଁ, ପେଟ୍ରୋଲ୍ ଚାଳିତ ସ୍କୁଟର ସହିତ ସମାନ ପ୍ଲାଟଫର୍ମରେ ନୂଆ ଇଲେକ୍ଟ୍ରିକ୍ ସ୍କୁଟର ପ୍ରସ୍ତୁତ କରିବାର ଯୋଜନା ଅଛି। ମିଡିଆ ରିପୋର୍ଟ ଅନୁଯାୟୀ, ଇଲେକ୍ଟ୍ରିକ୍ ସ୍କୁଟର ତିଆରି କରିବାକୁ କମ୍ ସମୟ ଲାଗିବ। ଯଦି ଏହା ହୋଣ୍ଡା ଆକ୍ଟିଭା ଇଲେକ୍ଟ୍ରିକ୍ ସ୍କୁଟର ହୁଏ ତେବେ ଏହାର ପରଫରମାନ୍ସ ଆକ୍ଟିଭା ୧୧୦ ପରି ହୋଇପାରେ। ଥରେ ସମ୍ପୂର୍ଣ୍ଣ ଚାର୍ଜ ହୋଇଗଲେ, ଏହି ଇଲେକ୍ଟ୍ରିକ୍ ସ୍କୁଟର ସମ୍ଭବତଃ ୧୦୦ କିଲୋମିଟର ରେଞ୍ଜ ସହିତ ଆସିପାରେ। ହୋଣ୍ଡା ଏଥିରେ ଏକ ଫିକ୍ସଡ୍ ବ୍ୟାଟେରୀ ପ୍ୟାକ୍ ଯୋଗାଇପାରେ। ଅର୍ଥାତ ଏଥିରେ ରିମୁଭେବଲ୍ ବ୍ୟାଟେରୀ ପ୍ୟାକ୍ ଦିଆଯାଇପାରିବ ନାହିଁ। ଆଶା କରାଯାଏ ଯେ ଇଲେକ୍ଟ୍ରିକ୍ ସ୍କୁଟରର ଫ୍ରେମ୍ ଏପରି ଭାବରେ ଡିଜାଇନ୍ ହେବ ଯାହା ବ୍ୟାଟେରୀ ଏବଂ ମୋଟରକୁ ସାମିଲ କରିବା ପାଇଁ ସ୍ଥାନକୁ ଭଲ ଭାବରେ ଆଡଜଷ୍ଟ କରାଯାଇପାରିବ। ସସ୍ପେନ୍ସନ୍ ପାଇଁ, ସ୍କୁଟରକୁ ଟେଲିସ୍କୋପିକ୍ ଫୋର୍କ ଏବଂ ପଛରେ ମୋନୋଶକ୍ ଯୋଗାଇ ଦିଆଯାଇପାରେ।



# ବଜାରକୁ ଆସିବ ଜାଗୁଆରର ନୂଆ ଇଲେକ୍ଟ୍ରିକ୍ କାର୍

**ନୂଆଦିଲ୍ଲୀ, ୧୫।୧୧:** ଦେଶର ସବୁଠାରୁ ବଡ ଶିଳ୍ପପତି ରତନ ଟାଟା ୨୦୦୮ ମସିହାରେ ଟାଟା ପାଇଁ ଜାଗୁଆର କିଣିଥିଲେ। ଫୋର୍ଡ ସମ୍ମୁଖୀନ ହୋଇଥିବା ଆର୍ଥିକ ସଙ୍କଟ କାରଣରୁ ରତନ ଟାଟା ଏହି କମ୍ପାନୀକୁ କିଣିଦେଇଥିଲେ। ବର୍ତ୍ତମାନ ଟାଟାର ଜାଗୁଆର୍ ଇଲେକ୍ଟ୍ରିକ୍ ସେଗମେଣ୍ଟରେ ଲଞ୍ଚ ହେବାକୁ ଯାଉଛି। ପ୍ରାରମ୍ଭରେ ଜାଗୁଆର ୩ ଟି ଇଭି ମଡେଲ ଟେଷ୍ଟିଙ୍ଗ କରୁଛି। ଏହା ସହିତ, ଆଶା କରାଯାଏ ଯେ ଜାଗୁଆରର ପ୍ରଥମ ଇଭି ୨୦୨୬ ମସିହାରେ ବଜାରକୁ ଆସିପାରେ। ଜାଗୁଆରର ପ୍ରଥମ ଫୋର୍ ଡୋର୍ ଇଲେକ୍ଟ୍ରିକ୍ ସେଡାନ୍ ର କନସେପ୍ଟ ମଡେଲ୍ ଡିସେମ୍ବର ୨୦୨୪ ରେ ଯୁକ୍ତରାଷ୍ଟ୍ର ଆମେରିକାରେ ପରିଚିତ ହୋଇପାରେ। ଏହି କାରର ଶୁଭାରମ୍ଭ ସହିତ ଜାଗୁଆର ଇଲେକ୍ଟ୍ରିକ କାର ବଜାରରେ ପ୍ରବେଶ କରିବ। ଏହି କାର ବିଶ୍ୱ ବଜାରରେ ଉପସ୍ଥିତ ଥିବା ଅଡି ଇର୍ଣ୍ଣ ଏବଂ ପୋର୍ଚେ ଟାୟକନକୁ କଠୋର ପ୍ରତିଯୋଗିତା ଦେଇପାରେ।



ଅଟୋ ନିର୍ମାତାମାନେ ସେମାନଙ୍କ କାର ଲଞ୍ଚ ପାଇଁ କୌଣସି ଅଫିସିଆଲ୍ ଡେଟ୍ ଘୋଷଣା କରିନାହାଁନ୍ତି। ନିକଟରେ ଜାଗୁଆର ବଜାରରେ ଅନେକ କାର ବିକ୍ରି ବନ୍ଦ କରିଦେଇଛି। ବର୍ତ୍ତମାନ ଅଟୋମେକର୍ସମାନେ ଆସନ୍ତା ମାସରେ ଆଇ-ପେସ୍ ଏବଂ ଇ-ପେସ୍ ସେଲ୍ ବନ୍ଦ କରିବାକୁ ଯାଉଛନ୍ତି। ପୂର୍ବରୁ ଏଫ ଟାଇପ, ଏକ୍ସଇ ଏବଂ ଏକ୍ସଏଫ୍‌କୁ ବନ୍ଦ କରିଦିଆଯାଇଥିଲା।

ଜାଗୁଆରର ଏଫ୍-ପେସ୍ ହେଉଛି ଶେଷ ମଡେଲ୍, ଯାହାକି ୨୦୨୫ ସୁଦ୍ଧା ବନ୍ଦ ହୋଇପାରେ। ଏହାର ଅର୍ଥ ଆସନ୍ତା ଦୁଇ ବର୍ଷ ପାଇଁ ବଜାରରେ ଜାଗୁଆରର କୌଣସି ନୂଆ ମଡେଲ୍ ଆସିବ ନାହିଁ। ଜାଗୁଆର ଇଲେକ୍ଟ୍ରିକ୍ କାର ସହିତ ଏକ ବଡ ଯୋଜନା କାର୍ଯ୍ୟକାରୀ କରିବାକୁ ଚାହୁଁଛି। ଜାଗୁଆର ଏହାର ଇଭି ସହିତ ବିଳାସପୂର୍ଣ୍ଣ କାର କମ୍ପାନୀ ବେଣ୍ଟଲି ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛି। ଏହି ଯାନର ଇଲେକ୍ଟ୍ରିକ୍ ମଡେଲ୍ କମର୍ସିଆଲ ଯାନଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇପାରେ। ଜାଗୁଆରର ପ୍ରଥମ ଇଲେକ୍ଟ୍ରିକ୍ କାର୍ ବହୁତ ମହଙ୍ଗା ହୋଇପାରେ। ଏହି କାର ସମସ୍ତ ଅତ୍ୟାଧୁନିକ ଫିଚର୍ସ ସହିତ ଲଞ୍ଚ କରାଯାଇପାରେ।

# ଦାଦନ ଶ୍ରମିକଙ୍କୁ ଉଦ୍ଧାର କଲା ଗୋଲାମୁଣ୍ଡା ପୋଲିସ



କଳାହାଣ୍ଡି,୧୫।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ଦିନକୁ ଦିନ ଦାଦନ ଶ୍ରମିକ ମାନଙ୍କ ଦୁଃଖ ଓ ସମସ୍ୟା ବଢ଼ିବାକୁ ଲାଗିଛି, ଏ ଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଯାହା କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ପୋଲିସ ପକ୍ଷରୁ ୧୭ ଜଣ ଦାଦନ ଶ୍ରମିକ ମାନଙ୍କୁ ନକଟିକାନି ଗ୍ରାମରୁ ଉଦ୍ଧାର କରାଯାଇଛି, ସୂଚନାରୁ ପ୍ରକାଶ ଯେ ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୭ ଜଣ ଲୋକଙ୍କୁ କିଛି ଅସାଧୁ ସର୍ଦ୍ଦାର ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ସିକେନ୍ଦ୍ରାବାଦ ରେ ଇଟା ଗଢ଼ିବା ପାଇଁ ଅଇଣ୍ଟୁ ସାହୁ, ଦୟାଧର ଧରୁଆ, ସୁଦାମ ସାହୁ, କ୍ରିଷ୍ଣା ମେହେର, କାନ୍ତି ସାହୁ, ଜ୍ୟୋସ୍ନା ଧରୁଅ, ସୂର୍ଯ୍ୟକାନ୍ତି ସାହୁ, ଫୁଲମତି ସାହୁ, ସୁଲୋଚନା ଧରୁଆ, ପ୍ରତାପ ମେହେର ପ୍ରମୁଖ ଲୋକ ମାନଙ୍କୁ ଗତ ତା ୭/୧୧/୨୪ ଦିନ ପାଟଣାଗଡ ଅନ୍ତର୍ଗତ ଡଉଲ ଗାଁ ର କାଳିଆ ମାଝି, ନୂଆପଡ଼ା ଜିଲ୍ଲା ଖରିଆର ଥାନା ଅନ୍ତର୍ଗତ ମନ୍ଥୀ ତରାଇ ଗ୍ରାମର ଉଗ୍ରେ ଶବର, ଗିରିଧାରୀ ବାଗ, ପବିତ୍ର ତାଣ୍ଡି ପ୍ରମୁଖ ମିଶି ପ୍ରଥମେ ଡିଙ୍ଗର ତାଣ୍ଡିଙ୍କ ଘରକୁ ଆଣି ଏକ ରାତି ତାଙ୍କ ଘରେ ରଖି ଥିଲେ ଓ ଅନ୍ୟ ଦିନରେ ଏକ ଜଙ୍ଗଲରେ ନେଇ ଶ୍ରମିକ ମାନଙ୍କୁ ନାନା ପ୍ରକାର ଧମକ ଚମକ ଦେଇ ଥିଲେ, ଏହା ପରେ ଶ୍ରମିକ ମାନଙ୍କୁ ଅନ୍ୟ ସର୍ଦ୍ଦାରଙ୍କ ପାଖରେ ବିକ୍ରୟ କରିବା ପାଇଁ ଗୋଲାମୁଣ୍ଡା ବ୍ଲକ ସ୍ଥିତ ନକଟିକାନି ଗ୍ରାମରେ ଜଣଙ୍କ ଘରେ ରଖି ଥିଲେ, ସୁଭାଗ୍ୟ ବସତ୍ ଗୋଲାମୁଣ୍ଡା ଥାନା ଅଧିକାରିଣୀ ଶ୍ରୀମତି ସ୍ୱେତା ପଦ୍ମା ସେଠ କୌଣସି ପ୍ରକାରେ ଖବର ପାଇବା ପରେ ସେ ନିଜ ପୋଲିସ ସହକର୍ମୀ ହେମନ୍ତ ହରିଜନ, ରଞ୍ଜନ ରାଉତ ପ୍ରମୁଖଙ୍କ ସହ ମିଳିତ ଭାବେ ଆସି ଶ୍ରମିକ ମାନଙ୍କୁ ଉଦ୍ଧାର କରି ଥିଲେ। ପରେ ଦଲାଲ ମାନଙ୍କ ନାମରେ କେସ ନମ୍ବର ୧୯୮/୧୩/୧୧/୨୪ରେ କେସ ରୁଜୁ କରି ଗୋଲାମୁଣ୍ଡା ପୋଲିସ ତଦନ୍ତ ଜାରି ରଖିଛି । ଗୋଲାମୁଣ୍ଡା ପୋଲିସ ବିଭାଗର ଏଭଳି ସଫଳତା ପାଇଁ ଅଞ୍ଚଳରେ ସକାରାତ୍ମକ ଲହରୀ ଖେଳି ଯାଇଛି ।

## ତମାଖୁ ବିରୁଦ୍ଧରେ ମିଳିତ ଚଢ଼ାଉ




ବରଗଡ଼,୧୫।୧୧(ସଂଚାର ବ୍ୟୁରୋ): ଆଜି ଅତାବିରା ବ୍ଲକ ଗୋଡଭଗା, ଲହଣ୍ଡା ଏବଂ ସରଣ୍ଡା ଅଞ୍ଚଳରେ ବରଗଡ ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ ଏବଂ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡ ଗଠିତ ହୋଇ କୋଟ୍‌ପା ନିୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୧୯ ଜଣ ନିୟମ ଖିଲାପକାରୀଙ୍କ ଠାରୁ ସମୁଦାୟ ଜୋରିମାନା ଟ.୪,୯୫୦/- ସଂଗ୍ରହ କରାଯାଇ ଜନସାଧରଣଙ୍କୁ ସଚେତନ କରାଗଲା । ଉକ୍ତ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ପରମେଶ୍ୱର ନାଏକ,ଜିଲ୍ଲା ପରମର୍ଶଦାତା ଶ୍ରୀ ସିତେଶ ତ୍ରିପାଠୀ, ଅବକାରୀ ବିଭାଗରୁ ଏସ.ଆଇ ଆରତୀ ମିଞ୍ଜ ଓ ଏଲ. ଆଇ ସାଗରିକା ବଗାର, ପୋଲିସ ବିଭାଗରୁ ଏସ.ଆଇ.ପ୍ରଭାତ ସାହୁ, ଏ. ଏସ. ଆଇ. ବାଇଧର ସାହୁ ଓ ଅନ୍ୟାନ୍ୟ ପୋଲିସ କର୍ମକର୍ତ୍ତା ଉପସ୍ଥିତଥିଲେ ।

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୮୦ ପ୍ରକଳ୍ପ ପ୍ରଦର୍ଶିତ



ଏରସମା,୧୫।୧୧(ସଂଚାର ବ୍ୟୁରୋ): ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ କୋଠି ନିମୋଳ ଗ୍ରାମର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ବିଦ୍ୟାପୀଠ ପରିସରରେ ମଣ୍ଡଳ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏରସମା ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ହୋଇ କୁନି ବୈଜ୍ଞାନିକ ମାନଂକୁ ଉତ୍ସାହିତ କରିଥିଲେ । ବରେଣ୍ୟ ଅତିଥି ଏରସମା ବିଡ଼ିଓ ଦାଶରଥି ଜେନା, ମୁଖ୍ୟବକ୍ତା ମଣ୍ଡଳ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକ, ସମ୍ମାନିତ ଅତିଥି ନିମାଇଁ ଚରଣ ମଲ୍ଲିକ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ଅମିୟ କୁମାର ସ୍ୱାଇଁ, ଅଧୀକ୍ଷକ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷାବିତ ଲୋକନାଥ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ବିଦ୍ୟାପୀଠ,କୋଟି ନିମୋଳ ପ୍ରଧାନ ଶିକ୍ଷକ ରମାକାନ୍ତ ଖଣ୍ଡୁଆଳ। ଅପରାହ୍ନରେ ଏବିଡ଼ିଓ ଗୋପବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ମୁଖ୍ୟ ବକ୍ତା ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନାନନ୍ଦ ସାହୁ, ସମ୍ମାନୀତ ଅତିଥି ଏରସମା ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଏମ୍ ଲିୟାକତ ଅଲ୍ଲୀଖାନ୍ , କୃଷ୍ଣଚନ୍ଦ୍ରପୁରୁ ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଦଳାଇ ,ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିକାଶ ପରିଡା,ଅଭାର୍ଥନା କମିଟିର ସଭାପତି ତଥା ବିଜ୍ଞାନ କମିଟିର କୋଷାଧକ୍ଷ ଅନିଲ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଏରସମା ବିଜ୍ଞାନ କମିଟିର ସମ୍ପାଦକ ଅଜୟ କୁମାର ସାହୁ ସମ୍ପାଦକଙ୍କ ବିବରଣୀ ପ୍ରଦାନ କରିଥିଲେ । ପ୍ରଦର୍ଶନୀରେ ସୁପ୍ରିୟା ରାଉତ, ରିଶ୍ମୟ କୁମାର ସାହୁ, ହେମନ୍ତ କୁମାର ସାମଲ, କ୍ରୀଷ୍ଣା ପଲାଇ ବିଚାରକ ଭାବରେ ଯୋଗ ଦେଇଥିଲେ । ମୋଟ ୮୦ଟି ପ୍ରକଳ୍ପ ମଧ୍ୟରୁ ଅନ୍ନପୂର୍ଣ୍ଣା ଦାସ, ସୀମାରାଣୀ ନାୟକ, ସୋନାକ୍ଷୀ ଷଡ଼ଙ୍ଗୀ, ସାହିଲ ବେଉରା, ସୀମା ମଣ୍ଡଳ, ପ୍ରଭାସ କୁମାର ଭୋଳ, ସରୋଜ ଭଞ୍ଜ ଜିଲ୍ଲା ବିଜ୍ଞାନ ପ୍ରଦର୍ଶନୀକୁ ଉତୀର୍ଣ୍ଣ ହୋଇଥିଲେ ।

## ପ୍ରେମିକଙ୍କ ସହ ଯାଇଥିବା ଯୁବତୀ ତାମିଲନାଡୁରୁ ଶବ ହୋଇ ଫେରିଲେ




ରାଇଘର,୧୫।୧୧(ସଂଚାର ବ୍ୟୁରୋ): ପ୍ରେମକୁ ପରିବାର ଲୋକେ ଗ୍ରହଣ ନକରିବାରୁ ପ୍ରେମିକ ସହ ଦାଦନ ଖଟିବାକୁ ତାମିଲନାଡୁ ଚାଲିଯାଇଥିଲେ। ସେଠାରେ ଯୁବତୀଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ମୃତ ଯୁବତୀ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କାଉଡଲା ପଞ୍ଚାୟତ ଧନରା ଗ୍ରାମର ସମ୍ବରୀ ଗଣ୍ଡ (୨୪) ବୋଲି ଜଣାପଡ଼ିଛି। ଅନ୍ୟପଟେ ପରିବାର ଲୋକେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏନେଇ କୁନ୍ଦେଇ ଥାନାରେ ଅଭିଯୋଗ ପରେ ପୁଲିସ ପ୍ରେମିକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଧନରା ଗ୍ରାମର ଛବି ଗଣ୍ଡଙ୍କ ଝିଅ ସମ୍ବରୀ ଗଣ୍ଡ ସେହି ଗ୍ରାମର ପବିତ୍ର ଗଣ୍ଡଙ୍କୁ ପ୍ରେମ କରୁଥିଲେ। ପରିବାର ଲୋକେ ଦୁହିଁଙ୍କ ଭଲ ପାଇବାକୁ ଗ୍ରହଣ କରୁ ନଥିବାରୁ ଏକ ନୂଆ ସଂସାର ଗଢ଼ିବାକୁ ନିଷ୍ପତ୍ତି ନେଇ ଦୁହେଁ ପ୍ରାୟ ମାସେ ପୂର୍ବେ ତାମିଲନାଡୁ କାମ କରିବାକୁ ଚାଲିଯାଇଥିଲେ। ସେଠାରେ ଏକ କଦଳୀ ଫାର୍ମରେ ଦୁହେଁ କାମ କରୁଥିବା ବେଳେ ଗତ ୧୧ ତାରିଖରେ ସମ୍ବରୀଙ୍କୁ ମୁଣ୍ଡବ୍ୟଥା ହେବାରୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ଉନ୍ନତି ନହେବାରୁ ସମ୍ବରୀ ଗଣ୍ଡଙ୍କୁ କୋଏମ୍ବାଟୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଇଥିଲେ। ଗତ ୧୨ ତାରିଖ ଦିନ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ବରୀଙ୍କ ମୃତ୍ୟୁ ହୋଇଥିଲା। ଫାର୍ମ ମାଲିକ ଏକ ଆମ୍ବୁଲାନ୍ସରେ ମୃତଦେହକୁ ଧନରା ଗ୍ରାମକୁ ପଠେଇ ଦେଇଛନ୍ତି। ଆଜି ଦିନ ଦ୍ୱିପ୍ରହରରେ ସମ୍ବରୀ ଗଣ୍ଡଙ୍କ ମୃତଦେହ ହାଟଭରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲା। କୁନ୍ଦେଇ ପୁଲିସ ଶବ ଜବତ ଅନ୍ୟପଟେ ସମ୍ବରୀଙ୍କ ପରିବାର ଲୋକେ ସହ ବ୍ୟବଚ୍ଛେଦ କରାଇଥିଲା। ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ମୃତଦେହକୁ ନେଇ ପବିତ୍ର ଘରେ ଛାଡ଼ି ଦେଇଛନ୍ତି । ଏହି ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ କୁନ୍ଦେଇ ପୁଲିସ ପବିତ୍ର ଗଣ୍ଡଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି।

## ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚରେ ପଳସାପଡାକୋଟ ବିଜୟୀ



ନୂଆପଡା,୧୫।୧୧(ସଂଚାର ବ୍ୟୁରୋ): ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡାଲ ଗ୍ରାମପଞ୍ଚାୟତ ର ପଲସା ପଡା କୋଟ ଫିଲଡ ପଡିଆଠାରେ ଶ୍ରୀ ସୋମନାଥ ନକ ଆଉଟ ପ୍ରତି ଯୋଗିତା ର ଦ୍ୱିତୀୟଦିନ ର ମ୍ୟାଚ ରେ ପଲସାପଡା ଓ କୋଟ ଗାଁ ମଧ୍ୟ ରେ ହୋଇ ଥିଲା ଏଥିରେ ପଲ ସା ପଡା ଦଳ ୪-୦ଗୋଲ ରେ ବିଜୟୀ ହୋଇ ଥିଲା। ଆଜିର ମ୍ୟାଚ ରେ ମୁଖ୍ୟ ଅଥିତି ଭାବେ ପଲସାପଡା ର ପ୍ରଧାନ ଶିକ୍ଷକ ଶ୍ରୀ ଯୁକ୍ତ, ହୃଦା ନନ୍ଦ ମେହେର,ଅରୁଣ ଗଡ଼ ତିଆ,ପରେଶ ନାଥ ପାଣିଗ୍ରାହୀ,ହୃଦା ନନ୍ଦ ମାଝୀ ଯୋଗ ଦାନ କରି ଥିଲା ବେଳେ ଖେଳ ପରି ଚାଳନା କରିଥିଲେ। ଦେବାଶିଷ ଯୋଶୀ ଲାଇନ୍ସ ମେନ ଭାବେ ଡୋ ଲା ମଣି ବଛା ଓ ସୁଦୀପ୍ତ ଯୋଶୀ ଭାଷ୍ୟକାର ଆଲୋକ ରଞ୍ଜନ ପାଣିଗ୍ରାହୀ, ପରେଶ ନାଥ ପାଣିଗ୍ରାହୀ, ନରେଶ ମାଝୀ,ସହଯୋଗ କରିଥିଲେ।

## ଖପ୍ରାଖୋଲରେ ଜନଜାଗରଣ ସମାବେଶ




ପାଟଣାଗଡ଼,୧୫।୧୧(ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ହାଇସ୍କୁଲ ପଡିଆ ଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଓ ଆଦିବାସୀ କଲ୍ୟାଣ ସଂଘ ର ମିଳିତ ଉଦ୍ୟମ ରେ ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ଜନଜାଗରଣ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସମାବେଶ ରେ ପୂର୍ବତନ ସାଂସଦ ଭବାନୀଶଙ୍କର ହୋତା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ରୂପେ ପାଟଣାଗଡ ପୂର୍ବତନ ବିଧାୟକ ସରୋଜ ମେହେର, କୋଶଳ ବାଦି ନେତା ପ୍ରମୋଦ କୁମାର ମିଶ୍ର, ଏଲ ଡି ଏ ପ୍ରତିଷ୍ଠାତା ଲବ ସୁନା, ଆଇନଜୀବୀ ପ୍ରଶାନ୍ତ କୁମାର ମାଝୀ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ସୁଶିଲ କୁମାର ଗୁରୁ, ନିୟମ ଗିରି ସୁରକ୍ଷା ଆନ୍ଦୋଳନ ନେତା ଲିଙ୍ଗରାଜ ଆଜାଦ, ଗିରିରାଜ ସିଂ ମାଝୀ, ଡାକ୍ତର ଗୌତମ ବିଶ୍ୱାଳ, ହେମନ୍ତ ଦଳପତି, ଗୌତମ କ୍ଷେତି ପ୍ରମୁଖ ବକ୍ତବ୍ୟ ରଖି ଗନ୍ଧମାର୍ଦ୍ଦନ ପାହାଡ଼ ର ସୁରକ୍ଷା ପାଇଁ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ସେହି ପରି ରାଜ୍ୟ ସରକାର ପାହାଡ କୁ ଆଦାନୀ କମ୍ପାନୀକୁ ଦେବାକୁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ କରିବା ସହିତ ଦୁର୍ବାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ । ପରେ ଏକ ବିକ୍ଷୋଭ ଶୋଭାଯାତ୍ରା ରେ ଆନ୍ଦୋଳନ କାରି ମାନେ ବ୍ଲକ୍ କାର୍ଯ୍ୟାଳୟ ରେ ପହଞ୍ଚି ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ଆଦିବାସୀ ନେତା ବିପ୍ରବିଶି, ରଘୁନାଥ ସିଂ ବରିହା, ଅନୁପ ସାହୁ, ସୁଶିଲ ନାଏକ, ନୀଳମାଧବ ପାଣିଗ୍ରାହୀ, ଥବିର ମେହେର, ଟେକେନ୍ଦ୍ର ଜାଲ ସମେତ ଶତାଧିକ ମହିଳା ପୁରୁଷ ଯୋଗଦେଇଥିବା ବେଳେ ଅଭିଳାଷ ଭୋଇ ଓ ରାଜକୁମାର ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନୂଆପଡ଼ାରେ ଜନଜାତୀୟ ଗୌରବ ଦିବସ




ନୂଆପଡା,୧୫।୧୧(ସଂଚାର ବ୍ୟୁରୋ): ଜିଲ୍ଲା ବୋଡ଼େନ ବ୍ଲକ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମହୁଲପଡା ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଲ ସିଂ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଆଦିବାସୀ ସଂଘ ସଭାପତି ପ୍ରଶ୍ନ ମାଝୀ ବିଶିଷ୍ଟ ଅତିଥି ଅବସର ପ୍ରାପ୍ତ ଶିକ୍ଷକ ଶ୍ମାମଲାଲ ପଣ୍ଡା ,ସମ୍ମାନୀତ ଅତିଥି ହରୁଣୀ ମାଝୀ ସଭାପତି ବିଦ୍ୟାଳୟ ପରିଚାଳନା କମିଟି ,ସମ୍ମାନୀତ ଅତିଥି ବିରଞ୍ଚି ସା ଶିକ୍ଷକ ମହୁଲପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା ମୁଖ୍ୟ ବକ୍ତା ଭାବରେ ମହୁଲପଡା ହାଇସ୍କୁଲର ଗଣିତ ଶିକ୍ଷକ ସୌମିତ କୁମାର ମଣ୍ଡଳ ଯୋଗଦେଇଥିଲେ । ପ୍ରଥମେ ଦେବ ପୂଜନ ତଥା ସହିତ ବିର୍ସାମୁଣ୍ଡା ଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଶିକ୍ଷାର୍ଥୀର ସର୍ବାଙ୍ଗିନ ବିକାଶ ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ସଂପର୍କ କିଭଳି ରହିବାକଥା ସମସ୍ତ ଅତିଥି ଏବଂ ମୁଖ୍ୟବକ୍ତା ନିଜର ଅଭିଭାଷଣରେ ରଖିଥିଲେ। ବିଦ୍ୟାଳୟ ସୁବିଧା ଅସୁବିଧା ସଂପର୍କରେ ଅଭିଭାବକ ନିଜର ମନ୍ତବ୍ୟ ଦେବା ସହ ବିଭିନ୍ନ ବିଭାଗରୁ ଆସିଥିବା କର୍ମଚାରୀମାନେ ନିଜ ବିଭାଗର ଉପଲବ୍ଧ ସୁବିଧାସୁଯୋଗ କଥା ଜନସାଧାରଣଙ୍କୁ ଜଣାଇଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂଗୀତ,ନୃତ୍ୟ ,ଯୁଦ୍ଧ ନାଟକ ଦାଦନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସେବକ ଡ଼ିସମ୍ବର ମେହେର ପରିଚାଳନା କରୁଥିବା ବେଳେ ସେବିକା ମୋନାଲିସା ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିଯାତ୍ରା ଅନୁଷ୍ଠିତ

ଭେଡେନ,୧୫।୧୧(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ର ବିଭିନ୍ନ ଗ୍ରାମ ରେ କାର୍ତ୍ତିକ ପୂର୍ଣ୍ଣିମା ଅବସର ରେ ବାଲିଯାତ୍ରା ଉତ୍ସବ ପାଳିତ ହେଇଛି । ଏହି ବ୍ଲକ ରେ ପ୍ରବାହିତ ଦନ୍ତା ନଦୀ କୂଳ ବାଲୁକା ଶଯ୍ୟା ରେ ଭେଡେନ, ରେମଣ୍ଡା, ତାଲମେଣ୍ଡା ଆଦି ଗ୍ରାମ ର ବାଲିଯାତ୍ରା ହେଇଥିବା ବେଳେ ଜିରା ନଦୀ କୂଳ ରେ ଜାଣ୍ଡୋଲ, ଅଛାଣ୍ଡ ପାଲି, ସିଆଲ ଖଣ୍ଡାହଥା ଆଦି ଗ୍ରାମ ରେ ବାଲିଯାତ୍ରା ହୋଇଛି । ସେପରି ବସେକେଲା ଯାତ୍ରା ପଡିଆ ରେ ବସେକେଲା, ଗୁରୁପାଲି, କଟାପାଲି ମିଳିତ ବାଲିଯାତ୍ରା ହେଇଛି ସେପରି ଚିଚିଣ୍ଡା ଗ୍ରାମ ମେଳଣ ପଡିଆ ରେ ମର୍ହାପାଲି ଗ୍ରାମ ଝାଉଁନଦୀ କୂଳ ରେ ଯାତ୍ରା ହେଇଛି । ଏହି ଅବସରରେ କୀର୍ତ୍ତନ, ସମ୍ପ୍ରଦା, କୃଷ୍ଣଗୁରୁ, ନାଟକ ଆଦି ପାରିବେଷିତ ହେଇଛି ।

## କପା ଚାଷର ମାନନିରୀକ୍ଷଣ ସଚେତନତା ଶିବିର




ସିନାପାଲି,୧୫।୧୧(ସଂଚାର ବ୍ୟୁରୋ): ବ୍ଲକ କୃଷି ବିଭାଗ ପକ୍ଷରୁ କପା ଚାଷର ମାନ ନିରୀକ୍ଷଣ ଓ ତାର ବଜାରିକରଣ ନେଇ ସ୍ଥାନୀୟ ନୂଆପଡା ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରୀଗୁଡା ଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ କୃଷି ଅଧିକାରୀ ଦୀପ୍ତିମୟୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ସହକାରୀ କୃଷି ଅଧିକାରୀ ତାପସ୍ୱିନୀ ମାଝୀ, ଖଡ଼ିଆଳ ବ୍ଲକ ସହକାରୀ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣମୀ ମାଝୀ, ସ୍ଥାନୀୟ କୃଷି ଅଧୀଦର୍ଶକ ପବିତ୍ର ମୋହନ ହଂସ, ଭବେଶ କୁମାର ମେହେର, କ୍ଷିତିଶ କୁମାର ପାତ୍ର, ବିଟିଏମ ଅରୁଣ ଧାକଡ଼ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ରେ ନୂଆପଡା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶତାଧିକ ପୁରୁଷ ମହିଳା ଚାଷୀ ଉପସ୍ଥିତ ଥିଲେ। ଶିବିରରେ କପା ଚାଷ ଓ ତାର ଲାଭ ଉପରେ ଚାଷୀଙ୍କୁ ଅବଗତ କରାଯାଇଥିଲା। କପା ଚାଷର ଉତ୍ପାଦନ, ଚାଷ ପ୍ରଣାଳୀ, ରାସାୟନିକ ସାର ର ପ୍ରୟୋଗ, କପା ସଂଗ୍ରହ ଓ ଯତ୍ନ, ଅମଳ ପରବର୍ତ୍ତୀ ସଂଗରକ୍ଷଣ, ମୂଲ୍ୟ ନିର୍ଦ୍ଧାରଣ ଓ ବଜାରିକରଣ ପ୍ରଭୃତି ଉପରେ ବିଷଦ ଭାବେ ଚାଷୀଙ୍କୁ ସଚେତନ କରିଥିଲେ। ପରେ ସ୍ଥାନୀୟ କିଛି ଚାଷୀଙ୍କ କପା ଚାଷ ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। କୃଷି ବିଭାଗର ଏଭଳି ପଦକ୍ଷେପକୁ ନେଇ ଚାଷୀ ମହଲରେ ଉତ୍ସାହ ଜାଗ୍ରତ ହୋଇଥିବା ଦେଖିବାକୁ ମିଳିଥିଲା।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ସୋଲାର ପ୍ଲାଣ୍ଟ କାର୍ଯ୍ୟକ୍ଷମ



ବ୍ରହ୍ମପୁର,୧୫।୧୧(ସଂଚାର ବ୍ୟୁରୋ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ(ଟିପିଏସ୍‌ଓଡିଏଲ୍) ପରିବେଶ ଅନୁକୂଳ ଜୀବନ ଶୈଳୀ ଏବଂ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। କମ୍ପାନୀ ପକ୍ଷରୁ ବ୍ରହ୍ମପୁର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ୧୦୦ କିଲୋୱାଟ କ୍ଷମତା ବିଶିଷ୍ଟ ସୋଲାର ପ୍ଲାଣ୍ଟ ସ୍ଥାପନ କରାଯାଇଛି। ବର୍ତ୍ତମାନ ପ୍ଲାଣ୍ଟର ୪୮.୯ କିଲୋୱାଟ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ସୋଲାର ପ୍ଲାଣ୍ଟର ଶୁଭାରମ୍ଭ କରିବା ସହ ନିରନ୍ତର ବିକାଶର ସଂସ୍କୃତିକୁ ବଜାୟ ରଖିବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ଷମ ହୋଇଥିବା ୪୮.୯ କିଲୋୱାଟ ପ୍ଲାଣ୍ଟ ମାସିକ ପ୍ରାୟ ୭,୫୦୦ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିବ। ଏହି ପଦକ୍ଷେପ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ। ଏହି ୧୦୦ କିଲୋୱାଟର ସୋଲାର ପ୍ଲାଣ୍ଟ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବା ପରେ, ମାସିକ ପ୍ରାୟ ୧୫,୦୦୦ ୟୁନିଟ୍ ବିଦ୍ୟୁତ ଉତ୍ପାଦନ କରିବ। ଏହି ପ୍ଲାଣ୍ଟ ଦ୍ୱାରା କର୍ପୋରେଟ କାର୍ଯ୍ୟାଳୟର ଚାହିଦା ପୂରଣ ହେବା ସହ ବଳକା ବିଜୁଳି ମଧ୍ୟ ଉତ୍ପାଦନ ହେବ। ଆଗାମୀ ୨୫ ବର୍ଷ ମଧ୍ୟରେ ଏହା ଦ୍ୱାରା ପ୍ରାୟ ୨,୮୦୦ ଟନ୍ ଅଙ୍ଗାରକାମ୍ଳ ନିର୍ଗମନକୁ ରୋକାଯାଇପାରିବ। ଏହି ପଦକ୍ଷେପ ସ୍ଥାୟୀ ଶକ୍ତି ଅଭ୍ୟାସ ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, ଆମର କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରିବା ଏବଂ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସରେ ଏହି ସୋଲାର ପ୍ୟାନେଲ ସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ସୌର ଶକ୍ତି ଗ୍ରହଣ କରି ଆମେ କମ୍ପାନୀର ଅପରେସନାଲ୍ ଖର୍ଚ୍ଚ ହ୍ରାସ କରିବା ସହିତ ଦକ୍ଷିଣ ଓଡ଼ିଶାରେ ସ୍ଥାୟୀ ବିକାଶ ପାଇଁ ବାଟ ଦେଖାଇଛୁ। ଏହି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଦ୍ୱାରା ଟିପିଏସ୍‌ଓଡିଏଲ୍ ସ୍ଥାନୀୟ ଅଞ୍ଚଳରେ ସ୍ଥାୟୀ ଅଭ୍ୟାସ ପାଇଁ ଏକ ଉତ୍କୃଷ୍ଟ ମାନଦଣ୍ଡ ସ୍ଥିର କରିଛି। ଚଳିତ ଆର୍ଥିକ ବର୍ଷରେ ସରକାରୀ ପ୍ରକଳ୍ପ ଅନ୍ତର୍ଗତ ବ୍ୟୟ ଅଟକଳ ଅଧିନରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି। ଏଥିରେ ଟିପିଏସ୍‌ଓଡିଏଲର ସମସ୍ତ ଅଫିସରେ ସୌର ପ୍ୟାନେଲ ସଂଯୋଗ କରିବା ନେଇ ଯୋଜନା ରହିଛି। ସୌର ଶକ୍ତିକୁ ଆପଣାଇ ଟିପିଏସ୍‌ଓଡିଏଲ୍ ସବୁଜ ଶକ୍ତିର ପ୍ରୋତ୍ସାହନ, ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ପରିବେଶ ଅନୁକୂଳ ଶକ୍ତି ବିକଳ୍ପ ଆପଣାଇବା ପାଇଁ ଲୋକଙ୍କୁ ସଚେତନ କରିବାକୁ ଲକ୍ଷ୍ୟ ରଖିଛି।

## ତମିଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ



ପାଟଣାଗଡ,୧୫।୧୧(ସଂଚାର ବ୍ୟୁରୋ): ପାଟଣାଗଡ ବ୍ଲକ ଅନ୍ତର୍ଗତ ତମିଆଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଭାରପ୍ରାପ୍ତ ଅଧ୍ୟକ୍ଷ ଦିଲିପ କୁମାର ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଶିଶୁ ଦିବସ ପାଳନ ଅବସରରେ ପ୍ରଥମେ ସ୍କାଉଟ ଓ ଗାଇଡ ପତାକା ଉତ୍ତୋଳନ କରିଥିଲେ। ଶିଶୁ ଦିବସ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ସ୍କାଉଟ ଯୁବରାଜ ମେହେର ଓ ଗାଇଡ ଦେବାଶିଷ ମେହେର ଙ୍କ ତତ୍ତ୍ୱାବଧାନରେ ସ୍କୁଲକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସମସ୍ତେ ସପଥ କରିଥିଲେ । ଏହାପରେ ଏକ ବସ୍ତାନି ବିହିନ କାର୍ଯ୍ୟକ୍ରମ ଉପଲକ୍ଷେ ରାମାୟଣ ଓ ରାମାୟଣର ଚରିତ୍ରକୁ ନେଇ ଏକ କୁଇଚ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ସାଗରିକା ବୁଡେକ,ପ୍ରମୋଦିନି ଦୀପ ଓ ବଲ୍ଲଭି ଧରୁଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ରଖି ପୁରସ୍କୃତ ହେଇଥିଲେ । ଶିକ୍ଷୟତ୍ରୀ ଶଶ୍ମିତା ସାହୁ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ ।

## ରାଇଘରଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ

ରାଇଘର,୧୫।୧୧(ସଂଚାର ବ୍ୟୁରୋ): ରାଇଘର ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଅଛି, ତ୍ରିନାଥ କମିଟିର ସଦସ୍ୟ ମାନେ ଏବଂ ମହିଳା ପୁରୁଷ ଏକତ୍ରିତ ହୋଇ କଳସ ଶୋଭାଯାତ୍ରାରେ ବାହାରିଥିଲେ । ବିଗତ ୨୧ ବର୍ଷ ଧରି ଏହି ନାମଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି,ତ୍ରିନାଥ ମନ୍ଦିରର ସଭାପତି ପ୍ରଫୁଲ୍ଲ କୁମାର ଭୂୟାଁ, କୋଷାଧ୍ୟକ୍ଷ ବିଜୟ ମହାରଣା, ସେକ୍ରେଟାରୀ ବୁଲୁ ପାଣିଗ୍ରାହୀ ଏବଂ ସମସ୍ତ ସଦସ୍ୟ ମିଶି ବହୁତ ସୁନ୍ଦର ଭାବେ କାର୍ଯ୍ୟକ୍ରମ ଟିକୁ ଆୟୋଜନ କରିଥିଲେ, ରାଇଘର ସାମ୍ବାଦିକ ସଂଘ ଏବଂ ଏକତା ସାମାଜିକ ସଂଘ ଙ୍କୁ ସମସ୍ତ ପରିଚ୍ଚାଳନା ଦାୟିତ୍ୱ ଦିଆଯାଇଥିଲା ଏବଂ ସମସ୍ତେ ବହୁତ ସୁନ୍ଦର ଭାବେ ଦାୟିତ୍ତ୍ୱ ତୁଲେଇଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ର ଆୟୋଜନ କରାଯାଇଥିଲା । ରାଇଘର ବ୍ଲକ ର ବିଭିନ୍ନ ଗ୍ରାମରୁ ସାତଟି ଦଳ ଯଥା ଟିଙ୍ଗଡାଭାଟା, ପିପଲପାରା, ବିରସାଡୀ, ଟିମନପୁର, କୁସୁମପୁର, ସୋନପୁର ଡିଏନକେ ଏବଂ ପରଚିପାରା ଡିଏନକେ ଗ୍ରାମରୁ ବିଭିନ୍ନ କୀର୍ତ୍ତନ ଦଳ ଯୋଗଦେଇ ନାମଯଜ୍ଞରେ କୀର୍ତ୍ତନ ପରିବେଷଣ କରିଥିଲେ । ବହୁତ ପରିମାଣରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

## ସରକାର ଆଉ ଚାଷୀଙ୍କୁ ବିଭ୍ରାନ୍ତ କରନ୍ତୁ ନାହି: ନବ ନିର୍ମାଣ କୃଷକ ସଂଗଠନ



ସୁବର୍ଣ୍ଣପୁର,୧୫।୧୧(ସଂଚାର ବ୍ୟୁରୋ): ନୂତନ ସରକାର ଆସିବା ପରେ ଧାନ କିଣା ବିକାକୁ ସ୍ୱଚ୍ଛ ଓ ଦୁର୍ନିତୀମୁକ୍ତ କରିବା ପାଇଁ ଯେତେ ବି ପ୍ରଚେଷ୍ଟା ଚଳାଇଛନ୍ତି ସୋନପୁର ଜିଲ୍ଲା ପ୍ରଶାସନ ବର୍ତ୍ତମାନ ପର୍ଯ୍ୟନ୍ତ ସେଭଳି ତତ୍ପରତା ଦେଖାଉ ନଥିବା ଅଭିଯୋଗ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ନବନିର୍ମାଣ କୃଷକ ସଂଗଠନ ର କର୍ମକର୍ତ୍ତା। ଆଜି ସହରର ହୋଟେଲ ଗ୍ରୀନ୍ ପାର୍କ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ରେ ସରକାର ଙ୍କ ବିଭିନ୍ନ ସମୟରେ ତାଙ୍କର ବଦଳାଇଥିବା ମତ ଉପରେ ଓଡ଼ିଶା ର ଚାଷୀ ବିଭ୍ରାନ୍ତ ହେଉଥିବା ର ଅଭିଯୋଗ କରିଛନ୍ତି। ପଶ୍ଚିମାଞ୍ଚଳ ର ଅଧିକାଂଶ ଜିଲ୍ଲାରେ କେବେଠୁ ଡିଏଲପିସି ବୈଠକ ହୋଇସାରିଥିବା ବେଳେ ସୋନପୁର ଜିଲ୍ଲାରେ ଏଯାଏଁ ହୋଇନାହିଁ। ଏଠାରେ ଧାର୍ଯ୍ୟ ସମୟ ଠାରୁ ମାସେ ବିଳମ୍ବରେ ସବୁ କାର୍ଯ୍ୟ ଚାଲିଛି। ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାରମ୍ବାର ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ ଏହି ବୈଠକରେ ଚାଷୀ ପ୍ରତିନିଧି ଓ ଚାଷୀ ସଂଗଠନ ମାନଙ୍କର ଉପସ୍ଥିତି ବହୁ ଜରୁରୀ ସତ୍ତ୍ୱେ ବୈଠକ ନେଇ ସେମାନଙ୍କୁ ଅନ୍ଧକାର ମଧ୍ୟରେ ରଖିଥିବା ସେମାନେ ଅଭିଯୋଗ କରିଛନ୍ତି।

## ଜିଲ୍ଲା ବିକାଶ ସମନ୍ୱୟ ଓ ତଦାରଖ କମିଟି : "ଦିଶା"ର ପ୍ରଥମ ବୈଠକ



ବରଗଡ,୧୫।୧୧(ସଂଚାର ବ୍ୟୁରୋ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ମାନ୍ୟବର ବରଗଡ ସାଂସଦ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିକାଶ ସମନ୍ୱୟ ଏବଂ ମନିଟରିଂ କମିଟି " ଦିଶା"ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମାନ୍ୟବର ବରଗଡ ସାଂସଦ ଶ୍ରୀ ପୁରୋହିତ ମହାତ୍ମା ଗାନ୍ଧି ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ସ୍ୱଚ୍ଛ ଭାରତ ମିଶନ୍ ସହ କୃଷି ଏବଂ କୃଷକ କଲ୍ୟାଣ, ଜୀବନ ଜୀବିକାର ବିକାଶ ଭଳି ବିଭିନ୍ନ ସାମାଜିକ କଲ୍ୟାଣ ଏବଂ ଭିତ୍ତିଭୂମିର ଉନ୍ନତି ନିମନ୍ତେ ଥିବା ଫ୍ଲାଗସିପ୍ ପ୍ରୋଗ୍ରାମ ସହ ରୋଜଗାର ସୃଷ୍ଟି, ମହିଳା ଓ ଶିଶୁ ବିକାଶ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାର ଉନ୍ନତି ନିମନ୍ତେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ବର୍ତ୍ତମାନର ସ୍ଥିତି ଏବଂ ପ୍ରଗତି ବିଷୟରେ ବିସ୍ତୃତ ଆଲୋଚନା କରି ସାସ୍ଥ୍ୟ, ଶିକ୍ଷା, କୃଷି, ଜଙ୍ଗଲ, ଉଦ୍ୟାନ, ପୂର୍ତ୍ତ, ରାଜସ୍ୱ, ପାନୀୟ ଜଳ ଯୋଗାଣ, ଏବଂ ଜଳ ସେଚନ ଭଳି ସମସ୍ତ ବିଭାଗର ଅଟକି ରହିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁଡିକୁ ଯଥାଶିଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ବିଭାଗ ତଥା ବିଭାଗୀୟ ଅଧିକାରୀ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ କହିଛନ୍ତି । ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ୟୁଏଲବୀ ଚେୟାରମେନଙ୍କ ସମେତ ଭଟଲି ବିଧାୟକ ଇରଶିଷ ଆଚାର୍ଯ୍ୟ ଏବଂ ଅତାବିରା ବିଧାୟକ ପ୍ରତିନିଧି ସୁରେଶ୍ୱର ସତପଥିଙ୍କ ସମେତ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ଉପସ୍ଥିତ ରହି ସମସ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିବା ସହ ଦୃଢ଼ ପରିଶ୍ରମ କରି ଲୋକଙ୍କୁ ଅବଶ୍ୟକ ସୁବିଧା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

## କାର୍ତ୍ତିକ ପୂର୍ଣ୍ଣିମାରେ ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା

ସିନାପାଲି,୧୫।୧୧(ସଂଚାର ବ୍ୟୁରୋ):ସ୍ଥାନୀୟ ମହିମା ସାଧୁ ଆଶ୍ରମ ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବ୍ରହ୍ମଯଜ୍ଞ ମହିମା ବାଲ୍ଲଲିଳା ଅନୁଷ୍ଠିତ ହୋଇଛି । ଏ ଅବସରରେ ଗୁରୁବାର ସକାଳେ ସାଧୁ ସନ୍ଥଙ୍କୁ ସ୍ୱାଗତ ପୂର୍ବକ ନଗର ପରିକ୍ରମା କରାଯାଇ ସଂଧ୍ୟାରେ ପ୍ରଥମେ ବ୍ରହ୍ମଧୂନି ସ୍ଥାପନ, ଘୃତାହୁତୀ, ଆଠ ଭଜନ ପରେ ରାତିରେ ଅବଧୂତ କପିଳେନ୍ଦ୍ର ବାବାଙ୍କ ଦ୍ୱାରା ଆପ୍ତ ବଚନ ପ୍ରଦାନ କରାଯାଇଥିଲା। ପରେ ଦଳବେଡ଼ା ମହିମା ଭଜନ ଦଳ ଭଜନ ପରିବେଷଣ କରିଥିଲେ । ରାତିସାରା କାର୍ଯ୍ଯକ୍ରମ ଚାଲିଥିବା ବେଳେ ଶୁକ୍ରବାର ସକାଳେ ପ୍ରସାଦ ଅର୍ପଣ ପରେ ପୂର୍ଣ୍ଣାହୁତି କରାଯାଇଥିଲା । କାର୍ଯ୍ୟକ୍ରମର ଆବାହକ ସାଧୁ ରବିନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜ୍ଞିକସାଧୁ ଅବଧୂତ ସନ୍ତୋଷ ବାବା, ଅବଧୂତ କପିଳେନ୍ଦ୍ର ବାବା ଓ ଅବଧୂତ ବ୍ରହ୍ମାନନ୍ଦ ବାବା ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ ।